- Vol.- 46, Issue No. 49
- Wednesday, 20 May 2026
- ବୁଧବାର, ୨୦ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ପୁରୁଣା ଆଦେଶ ସଂଶୋଧନକୁ ମନା : 'ସୁପ୍ରିମ' ନିର୍ଦ୍ଦେଶ ବଳବତ୍ତର

## ସର୍ବସାଧାରଣ ସ୍ଥାନରୁ ବୁଲା କୁକୁରଙ୍କୁ ହଟାଅ



ନୂଆଦିଲ୍ଲୀ, ୧୯।୫: ସର୍ବସାଧାରଣ ସ୍ଥାନରୁ ବୁଲା କୁକୁରଙ୍କୁ ହଟାଇବା ପାଇଁ ସୁପ୍ରିମକୋର୍ଟ ୨୦୨୫ ନଭେମ୍ବର ୭ରେ ଦେଇଥିବା ରାୟକୁ ବଳବତ୍ତର ରଖିଛନ୍ତି। ଏହି ରାୟର ପୁନର୍ବିଚାର ପାଇଁ ଆସିଥିବା ସମସ୍ତ ଆବେଦନକୁ ମଙ୍ଗଳବାର କୋର୍ଟ ଖାରଜ କରି ଦେଇଛନ୍ତି। ଏପରିକି ଆନିମଲ ୱେଲଫେୟାର ବୋର୍ଡ ଅଫ ଇଣ୍ଡିଆ ପକ୍ଷରୁ ବୁଲା ପଶୁମାନଙ୍କ ଉପରେ ଜାରି କରାଯାଇଥିବା ମାନକର ବୈଧତାକୁ ଚାଲେଞ୍ଜ କରୁଥିବା ସମସ୍ତ ଆବେଦନକୁ କୋର୍ଟ ଖାରଜ କରି ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ନଭେମ୍ବର ୨୦୨୫ରେ ଦେଇଥିବା ନିର୍ଦ୍ଦେଶ ଉପରେ ନଜର ରଖିଛନ୍ତି । ଏହି ନିର୍ଦ୍ଦେଶ ଅନୁଯାୟୀ, ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ହସ୍ପିଟାଲ, ସ୍କୁଲ କ୍ୟାମ୍ପସ ତଥା ଅନ୍ୟ ସର୍ବସାଧାରଣ ସ୍ଥାନରୁ ବୁଲା କୁକୁରମାନଙ୍କୁ ହଟାଇବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିଲା । ସୁପ୍ରିମ କୋର୍ଟ ମଙ୍ଗଳବାର ଚେତାବନୀ ଦେଇ କହିଛନ୍ତି, ଯଦି କୁକୁର କାମୁଡ଼ା ଘଟଣାକୁ ନିୟନ୍ତ୍ରଣ କରା



ନ ଯାଏ ତେବେ ସାଧାରଣ ଲୋକଙ୍କ ଜୀବନ ବହୁତ ଖରାପ ସ୍ଥିତିରେ ପହଞ୍ଚିଯିବ । ସୁପ୍ରିମକୋର୍ଟ କହିଛନ୍ତି ଯେ ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) ନିୟମ ୨୦୦୧ରେ କାର୍ଯ୍ୟକାରୀ ହୋଇଥିଲା ଏହି ତଥ୍ୟକୁ ଅଣଦେଖା କରାଯାଇପାରିବ ନାହିଁ। ଏ. ବି. ସି. ଢାଞ୍ଚାକୁ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବାରେ ବ୍ୟାପକ ଅବହେଳା ଯୋଗୁଁ ହୋଇଯାଇଛି। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ରିପୋର୍ଟ ଅନୁଯାୟୀ, କେବଳ ରାଜସ୍ଥାନର ଶ୍ରୀଗଙ୍ଗାନାର ସହରରେ ଏକ ମାସ ମଧ୍ୟରେ ୧୦୮୪ କୁକୁର କାମୁଡ଼ା ମାମଲା ରିପୋର୍ଟ କରାଯାଇଥିଲା। ଅନେକ କ୍ଷେତ୍ରରେ, ଛୋଟ

- ■ ଜନ୍ମ ନିୟନ୍ତ୍ରଣରେ ଅବହେଳାରୁ ସମସ୍ୟା ବୃଦ୍ଧି
- ■ ବର୍ଷର ପ୍ରଥମ ଚାରି ମାସରେ ତାମିଲନାଡୁରେ ପ୍ରାୟ ଦୁଇ ଲକ୍ଷ କୁକୁର କାମୁଡ଼ା ମାମଲା

ବୁଲା କୁକୁରଙ୍କ ସମସ୍ୟା ବୃଦ୍ଧି ପାଇଛି ବୋଲି ସୁପ୍ରିମକୋର୍ଟ ମତବ୍ୟକ୍ତ କରିଛନ୍ତି। ଅଦାଲତ ଉଲ୍ଲେଖ କରିଛନ୍ତି ଯେ ସାରା ଦେଶରେ କୁକୁର କାମୁଡ଼ା ମାମଲା ବୃଦ୍ଧି ପାଉଛି ଏବଂ ବର୍ତ୍ତମାନ ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ପିଲାମାନେ ଗୁରୁତର ଆଘାତ ପାଇଥିଲେ ଏବଂ ଏପରିକି ମୁହଁର ସ୍କ୍ରାଚ ମଧ୍ୟ ପାଇଥିଲେ। କୋର୍ଟ ଉଲ୍ଲେଖ କରିଛନ୍ତି ଯେ ବର୍ଷର ପ୍ରଥମ ଚାରି ମାସରେ ତାମିଲନାଡୁରେ ପ୍ରାୟ ଦୁଇ ଲକ୍ଷ କୁକୁର କାମୁଡ଼ା ମାମଲା ରିପୋର୍ଟ ହୋଇଛି।

### ● 'ପୂର୍ବାଞ୍ଚଳ କୃଷି ସମ୍ମିଳନୀ -୨୦୨୬'ରେ କେନ୍ଦ୍ର କୃଷି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ

## ଚାଷୀ କଲ୍ୟାଣ ଓ ମୃତ୍ତିକା ସୁରକ୍ଷା ରୋଡ଼୍‌ମ୍ୟାପ



ଭୁବନେଶ୍ୱର,୧୯।୫(ନିପ୍ର): ପୂର୍ବ-ଭାରତର କୃଷି ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଭୁବନେଶ୍ୱର ଠାରେ ମଙ୍ଗଳବାର 'ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ -୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ରାଜ୍ୟ ଯଥା: ବିହାର, ଛତିଶଗଡ଼, ଝାରଖଣ୍ଡ ଓ ପଶ୍ଚିମବଙ୍ଗର କୃଷିମନ୍ତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ଭାରତରେ କୃଷିର ଭବିଷ୍ୟତ ଓ ଚାଷୀଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ସଂପର୍କରେ ଆଲୋଚନା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ କ୍ରାନ୍ତିକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଛନ୍ତି। କୃଷି ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ୍ ଚଳିତ ବର୍ଷ ଧାନ କ୍ରୟ କ୍ଷେତ୍ରରେ ଓଡ଼ିଶା ସରକାର ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି । ଧରାପୃଷ୍ଠରେ କେହି ଦ୍ୱିତୀୟ ଭଗବାନ ଥାଏ, ତେବେ ସେ ହେଉଛି ଜଣେ କୃଷକ। ସମ୍ମିଳନୀରେ ଉପସ୍ଥିତ ସମସ୍ତ ପ୍ରତିନିଧି ଓ ଚାଷୀଙ୍କୁ ଅନୁରୋଧ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରତ୍ୟେକ କୃଷକ ନିଜ ଚାଷ ଜମିର ଅତିକମରେ ପାଞ୍ଚ ଭାଗରୁ ଭାଗେ (୨୦ ପ୍ରତିଶତ) ଜମିରେ ନିଶ୍ଚିତ ଭାବେ ପ୍ରାକୃତିକ ଚାଷ କରିବା ଆବଶ୍ୟକ। ନକଲି ସାର କାରବାର କେହି କଲେ କାର୍ଯ୍ୟାନୁଷ୍ଠାନ ହେବ। ଆଗାମୀ ଦିନରେ କୃଷକଙ୍କ ସୁରକ୍ଷା ପାଇଁ ଏକ ନୂଆ 'ପେଷ୍ଟିସାଇଡ୍ ଆକ୍ଟ' ଅଣାଯିବ। କେନ୍ଦ୍ର କୃଷି ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଚାଷୀଙ୍କ ପାଇଁ ତିଆରି ହେବ ଫାର୍ମର ଆଇଡି । ଏହି ଆଇଡିରେ ସମ୍ପତ୍ତି, ପରିବାର ସଦସ୍ୟ ସଂଖ୍ୟା ସହ ଚାଷୀ ପାଖରେ କେତେ ଜମି ଅଛି, ସବୁ ତଥ୍ୟ ରହିବ । ଏହାଦ୍ୱାରା ଚାଷୀଙ୍କୁ ଗୋଟିଏ ଦୁଇ ମିନିଟରେ ଲୋନ୍ ମିଳିବ । ସବୁ ରାଜ୍ୟ ଶୀଘ୍ର ଫାର୍ମର ଆଇଡି ପ୍ରସ୍ତୁତ କରନ୍ତୁ । ଅଭାବୀ ବର୍ଷାକୁ ନେଇ ଆଗୁଆ ପ୍ରସ୍ତୁତ ରୁହନ୍ତୁ ସବୁ ରାଜ୍ୟ। । ତେଣୁ କେଉଁ ପ୍ରକାର ଚାଷ କରିବା ଦରକାର ସେ ଚିନ୍ତା କରନ୍ତୁ ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜ ଅଭିଭାଷଣରେ କହିଥିଲେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୫ଟି ରାଜ୍ୟର କୃଷି ବିକାଶ ପାଇଁ ପ୍ରସ୍ତୁତ ହେବ ରୋଡ୍ ମ୍ୟାପ୍ । କୃଷି ବିକାଶ କ୍ଷେତ୍ରରେ ପୂର୍ବ-ଭାରତର ୫ ରାଜ୍ୟରେ ଆସିବ ବଡ଼ ବିପ୍ଳବ । ପୂର୍ବ ଭାରତର ଉର୍ବର ଭୂମି ଓ ଜଳବାୟୁ ସାଜିବ ଚାଷୀଙ୍କ ପ୍ରଗତିର ଇନ୍ଧନ ହେବ। ଆମକୁ ପ୍ରାକୃତିକ କୃଷିକୁ ଆପଣାଇବାକୁ ହେବ। ରାଜ୍ୟର ସମସ୍ତ ୫୮ଟି ସବ୍-ଡିଭିଜନରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଜନା ଆରମ୍ଭ କରାଯାଇଛି ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ କୃଷି କ୍ଷେତ୍ରରେ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି।

- ★ ଚାଷୀଙ୍କ ପାଇଁ ତିଆରି ହେବ ଫାର୍ମର ଆଇଡି
- ★ ଦୁଇ ମିନିଟରେ ଲୋନ୍ ମିଳିବ: ଶିବରାଜ
- ★ ପୂର୍ବ ଭାରତ ସାଜିବ ଚାଷୀଙ୍କ ପ୍ରଗତିର ଇନ୍ଧନ: ମୁଖ୍ୟମନ୍ତ୍ରୀ

## ସାରା ଦେଶରେ ଆଜି ଔଷଧ ଦୋକାନ ବନ୍ଦ

### ୩ ଦଫା ଦାବି ପୂରଣ ଲାଗି ପ୍ରତିବାଦ

ଭୁବନେଶ୍ୱର,୧୯।୫: ୩ ଦଫା ଦାବି ପୂରଣ ଲାଗି ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ(ଏଆଇଓସିଡ଼ି)ପକ୍ଷରୁ ବୁଧବାର ବା ମେ' ୨୦ରେ ସାରା ଦେଶରେ ଔଷଧ ଦୋକାନ ବନ୍ଦ ଡାକରା ଦିଆଯାଇଛି । ସଂଗଠନ କହିଛି ଯେ, ଇ-ଫାର୍ମାସି ଏବଂ ଇନଷ୍ଟାଣ୍ଟ ମେଡିସିନ୍ ଡେଲିଭରି ପ୍ଲାଟଫର୍ମଗୁଡ଼ିକୁ ପରିଚାଳନା କରୁଥିବା ନିୟମାବଳୀରେ ଥିବା ତ୍ରୁଟି ପ୍ରତି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏହି ପ୍ରତିବାଦ କରାଯାଉଛି। ଏଆଇଓସିଡି ଦାବି କରିଛି ଯେ ଏହି ତ୍ରୁଟିଗୁଡ଼ିକ ଅନଲାଇନ୍ ଫାର୍ମାସି କମ୍ପାନିଗୁଡ଼ିକୁ ପର୍ଯ୍ୟାପ୍ତ ତଦାରଖ ବିନା କାର୍ଯ୍ୟ କରିବାକୁ ଅନୁମତି ଦେଉଛି। ରିପୋର୍ଟ ଅନୁଯାୟୀ, ଦିଲ୍ଲୀରେ ପ୍ରାୟ ୧୫ ହଜାର ଏବଂ ସାରା ଦେଶରେ ପ୍ରାୟ ୭ ଲକ୍ଷରୁ ୮ ମେଡିକାଲ୍ ଷ୍ଟୋର ଅଛି, ଯାହା ବନ୍ଦ ରହିପାରେ। ସଂଗଠନର ଅସନ୍ତୋଷ ମୁଖ୍ୟତଃ ଦୁଇଟି ବିଜ୍ଞପ୍ତି ଜିଏସଆର୍ ୨୨୦(ଇ) ଏବଂ ଜିଏସ୍ଆର୍ ୮୧୭ (ଇ)କୁ ନେଇ ହୋଇଛି । ଏହା ପକ୍ଷରୁ ଯୁକ୍ତି କରାଯାଇଛି ଯେ, ସରକାର ତୁରନ୍ତ ଉଭୟ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବା ଉଚିତ। କାରଣ ଏହି ବ୍ୟବସ୍ଥାଗୁଡ଼ିକ ଅନଲାଇନ୍ ଫାର୍ମାସି କମ୍ପାନିଗୁଡ଼ିକୁ ବେଆଇନ ଭାବେ କାର୍ଯ୍ୟ କରିବାକୁ ଦେଉଛି । ଏଥିରେ ଏପରି କୌଣସି ସ୍ପଷ୍ଟ ଏବଂ ବ୍ୟାପକ ଆଇନ ନାହିଁ ଯାହା ପ୍ରେସକ୍ରିପସନ କିପରି ଯାଞ୍ଚ କରାଯିବ, କେଉଁ ନିୟମ ଅନୁଯାୟୀ ଔଷଧ ବଣ୍ଟନ କରାଯିବ ଏବଂ ଉଲ୍ଲଂଘନ ପାଇଁ ଉତ୍ତରଦାୟିତ୍ୱ କିପରି ନିର୍ଣ୍ଣୟ କରାଯିବ ତାହା ପରିଭାଷିତ କରୁନାହିଁ।ଇତିମଧ୍ୟରେ ଡିରେକ୍ଟରେଟ୍ ଅଫ୍ ଡ୍ରଗ୍ସ କଣ୍ଟ୍ରୋଲ, ଓଡ଼ିଶା ପକ୍ଷରୁ ଜାରି ହୋଇଥିବା ଏକ ପତ୍ର ଅନୁଯାୟୀ, ବନ୍ଦ ସମୟରେ ଜୀବନରକ୍ଷାକାରୀ ଓ ଅତ୍ୟାବଶ୍ୟକ ଔଷଧର ଯୋଗାଣ ଓ ଉପଲବ୍ଧତା ଉପରେ ସମ୍ପୂର୍ଣ୍ଣ ନଜର ରଖାଯିବ। ହସ୍ପିଟାଲ ଓ କ୍ଲିନିକ୍ ସହ ଜଡିତ ସମସ୍ତ ଇନ୍-ହାଉସ୍ ଫାର୍ମାସି ଏବଂ ୨୪ ଘଣ୍ଟିଆ ମେଡିସିନ୍ ଷ୍ଟୋରଗୁଡ଼ିକ ନିରବଚ୍ଛିନ୍ନ ଭାବେ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।




## ଏନକାଉଣ୍ଟର: କୁଖ୍ୟାତ ଅପରାଧୀ ବଣ୍ଟି ଆହତ

ସମ୍ବଲପୁର ୧୯।୫: ସମ୍ବଲପୁରରେ ମଙ୍ଗଳବାର କୁଖ୍ୟାତ ଅପରାଧୀ ବଣ୍ଟି ସୁନା ପୋଲିସ ଏନକାଉଣ୍ଟରେ ଆହତ ହୋଇଛି। ତାର ବାମ ଗୋଡ଼ରେ ବାଜିଛି ଗୁଳି । ଆହତ ଅବସ୍ଥାରେ ତାକୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି । ଅଭିଯୁକ୍ତଠାରୁ ବେଆଇନ ଅସ୍ତ୍ରଶସ୍ତ୍ର ଓ ଗଞ୍ଜେଇ ଜବତ କରିଛି ସମ୍ବଲପୁର ପୋଲିସ । ଅଭିଯୁକ୍ତ ବଣ୍ଟି ନାଁରେ ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାରେ ରହିଛି ୧୬ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା। ସମ୍ବଲପୁର ଏସପି ମୁକେଶ କୁମାର ଭାମୁ ଏନେଇ ସୂଚନା ପ୍ରଦାନ କରିଛନ୍ତି । ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସମ୍ବଲପୁର ଅଇଁଠାପାଲି ଥାନା ଆଞ୍ଚଳରେ ନିକଟ ଅତୀତରେ ବେଆଇନ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ ହେବା ଘଟଣାର ତଦନ୍ତରୁ ଜଣାପଡ଼ିଛି ଯେ, ବହୁ ଅସ୍ତ୍ରଶସ୍ତ୍ର ଅପରାଧ, ରାହାଜାନି ଏବଂ ଡକାୟତି ମାମଲାରେ ସଂପୃକ୍ତ ଥିବା ଜଣେ ଅଭ୍ୟାସଗତ ଅପରାଧୀ ବଣ୍ଟି ସୁନା। ବୌଦ୍ଧ-ସୋନପୁର ରୁଟ୍ ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ ନେଟୱର୍କରେ ସକ୍ରିୟ ସେ ରହିଛି। ଏଥିସହ ତା' ନାଁରେ ଗଞ୍ଜେଇ ଚୋରାଚାଲାଣ ସହ ବେଆଇନ ଅସ୍ତ୍ରଶସ୍ତ୍ର କରବାରର ଏକାଧିକ ଅଭିଯୋଗ ରହିଛି । ସୋନପୁରରୁ ସମ୍ବଲପୁରକୁ ଗଂଜେଇ ଚୋରା ଚାଲାଣ ବେଳେ ପୁଲିସ ଉପରକୁ ଗୁଳି ଚଳାଇଥିଲା, ପାଲଟା ଜବାବରେ ସେ ଆହତ ହୋଇଛି।

## ୪୮ଡିଗ୍ରୀ ଟପିଲା ଦେଶର ତାତି

- ● ଅଧିକାଂଶ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ
- ● ୟୁପି ବାନ୍ଦା ସବୁଠାରୁ ଉତ୍ତପ୍ତ
- ● ଓଡ଼ିଶାର ଝାରସୁଗୁଡ଼ାରେ ୪୪.୮ଡିଗ୍ରୀ
- ● ୪୩ ଡିଗ୍ରୀ ଉପରେ ୬ ସହର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୫: ଦେଶରେ ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ମଙ୍ଗଳବାର ଉତ୍ତର ପ୍ରଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ରାଜ୍ୟର ୭୫ ଜିଲ୍ଲା ମଧ୍ୟରୁ ୨୨ଟି ଜିଲ୍ଲାରେ ପାରଦ ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା। ରାଜ୍ୟର ବାନ୍ଦାରେ ସର୍ବାଧିକ ତାପମାତ୍ରା ୪୮.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରି ଦେଶର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଛି। ସେହିପରି ଝାନ୍ସୀ ଏବଂ ଆଗ୍ରାରେ ସର୍ବାଧିକ ତାପମାତ୍ରା ୪୬.୫ ଡିଗ୍ରୀ ,ପ୍ରୟାଗରାଜ ୪୫.୮ ଡିଗ୍ରୀ ସେଲସିୟସ୍ ଏବଂ ଓରାଇରେ ୪୫.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଦିଲ୍ଲୀରେ ତାପମାତ୍ରା ୪୫.୧ ଓ ଏନସିଆରରେ ୪୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ମଙ୍ଗଳବାର ଓଡିଶାର ବିଭିନ୍ନ ସ୍ଥାନରେ ଅସହ୍ୟ ଗରମରେ ଲୋକେ ଛଟପଟ ହୋଇଛନ୍ତି। ୪୩ ଡିଗ୍ରୀ ଉପରେ ଛଅ ସହର ରହିଥିଲା। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଥିଲା। ଏଠାକାର ତାପମାତ୍ରା ୪୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ହୀରାକୁଦରେ ୪୪.୦ ଡିଗ୍ରୀ ସମ୍ବଲପୁର ଏବଂ ଅନୁଗୁଳରେ ୪୩.୬ ଡିଗ୍ରୀ ବୌଦ୍ଧ, ତାଳଚେର ଏବଂ ସୋନପୁରରେ ୪୩.୦ ଡିଗ୍ରୀ ସେଲସିୟସ ଓ ଟିଟିଲାଗଡ଼ରେ ୪୨.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ବଲାଙ୍ଗୀରରେ ୪୨.୩ଡିଗ୍ରୀ, ନୟାଗଡ଼ରେ ୪୨.୨ଡିଗ୍ରୀ ଏବଂ ସୁନ୍ଦରଗଡ଼ରେ ୪୧.୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ୪୦ ଡିଗ୍ରୀ ସ୍ତର ଅତିକ୍ରମ କରିଥିବା ଅନ୍ୟ ସ୍ଥାନଗୁଡ଼ିକ ମଧ୍ୟରେ ଭବାନୀପାଟଣାରେ ୪୧.୮ ଡିଗ୍ରୀ, ବରଗଡ଼ରେ ୪୧.୫ ଡିଗ୍ରୀ, ଭଦ୍ରକରେ ୪୧.୦ଡିଗ୍ରୀ, ଭୁବନେଶ୍ୱରରେ ୪୦.୨ ଡିଗ୍ରୀ, ରାଉରକେଲାରେ ୪୦.୧ଡିଗ୍ରୀ ଏବଂ ପାରଳାଖେମୁଣ୍ଡି ଏବଂ ନୂଆପଡ଼ାରେ ୪୦.୦ ଡିଗ୍ରୀ ସେଲ୍ସିୟସ୍ ତାପମାତ୍ରା ରହିଥିଲା।



## ରାଜ୍ୟରେ ହେବ ପ୍ରଥମ ମହୁମାଛି କରିଡର

ଭୁବନେଶ୍ୱର,୧୯।୫: ଜୈବ ବିବିଧତା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚଏଆଇ)ର ସବୁଜ ପ୍ରୋତ୍ସାହନର ସୂଚନା ମିଳିଛି। ଜୁନ୍‌ରେ ମୌସୁମୀ ଋତୁ ଆରମ୍ଭ ହେବା ସହିତ ଭାରତୀୟ ଏନଏଚଏଆଇ ଓଡ଼ିଶାର ପ୍ରଥମ ମହୁମାଛି କରିଡର ପ୍ରକଳ୍ପ ଆରମ୍ଭ କରିବ। ଏହି ପଦକ୍ଷେପ ଅଧୀନରେ, ସମ୍ବଲପୁର, ବ୍ରହ୍ମପୁର ଏବଂ ଢେଙ୍କାନାଳରେ ରାଜପଥ ପାର୍ଶ୍ୱରେ ପ୍ରାୟ ୨୦,୦୦୦ ଫୁଲ ଗଛ ରୋପଣ କରାଯିବ।ଏହି ପ୍ରକଳ୍ପରେ ନିମ, କରଞ୍ଜ, ଅର୍ଜୁନ, କଦମ୍ବ, ଜାମୁନ, ତେନ୍ତୁଳି ଏବଂ କାଞ୍ଚନ ଗଛ ରୋପଣ ଅନ୍ତର୍ଭୁକ୍ତ ହେବ ଯାହା ବର୍ଷସାରା ଫୁଟିବ। ଏହି ଗଛଗୁଡ଼ିକ ମହୁମାଛି ଏବଂ ଅନ୍ୟାନ୍ୟ ପରାଗ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ। ମହୁମାଛି କରିଡରର ମୁଖ୍ୟ ଲକ୍ଷ୍ୟ ହେବ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବା, ମହୁମାଛି ସଂରକ୍ଷଣକୁ ସମର୍ଥନ କରିବା ଏବଂ ରାଜପଥର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉନ୍ନତ କରିବା। ରୋପଣ ଅଭିଯାନ ପ୍ରଦୂଷଣ ହ୍ରାସ କରିବାରେ ଏବଂ ରାଜପଥକୁ ସବୁଜ ଏବଂ ପରିବେଶ ଅନୁକୂଳ କରିବାରେ ମଧ୍ୟ ସାହାଯ୍ୟ କରିବ।

## ଭିଜିଲାନ୍ସ ଜାଲରେ 'ଜମିଦାର' ଯନ୍ତ୍ରୀ

### ➔ ୩୩ ପ୍ଲଟ୍ ସାଙ୍ଗକୁ ବିଳାସପୂର୍ଣ୍ଣ ଫାର୍ମହାଉସ ➔ ଚାକିରି ଆରମ୍ଭରେ ଦରମା ଥିଲା ୬ ହଜାର



କଟକ/ଭବାନୀପାଟଣା,୧୯।୫(ନିପ୍ର) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲା ପିଡବ୍ଲୁଡି ଅଧୀନ ଧର୍ମଗଡ ରାସ୍ତା ଓ ଗୃହ ଉପ-ବିଭାଜନର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ଏକକାଳୀନ ୬ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଛି। ଏହି ସମୟରେ ଭୁବନେଶ୍ୱରଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହେବାରେ ଲାଗିଛି। ଏଯାବତ୍ ୩୩ଟି ପ୍ଲଟ୍ ସମେତ ୪ଟି ବହୁତଳ କୋଠା,ବିଳାସ ପୂର୍ଣ୍ଣ ଫାର୍ମ ହାଇସ ଏବଂ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରଙ୍କ ଭବାନୀପାଟଣା ବ୍ଲକ ଗୋଷାଣୀମୁଣ୍ଡାରେ ୪୫୦୦ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, କୁସୁମଖୁଣ୍ଟିରେ ୨୬୨୫ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, ସେଠାରେ ୧୩୦୦ ବର୍ଗଫୁଟରେ ଆଉ ଏକ ଦୁଇ ମହଲା କୋଠା ଏବଂ କୋକସରା ମୋଟର ଛକରେ ୪୨୨୮ ବର୍ଗଫୁଟରେ ଏକ ଦୁଇ ମହଲା କୋଠା ଠାବ ହୋଇଛି। ସେହିପରି କୋକସରା ମୋଟର ଛକରେ ୮ଟି କ୍ୟାବିନ ଥିବା ଏକ ମାର୍କେଟ୍ କମ୍ପ୍ଲେକ୍ସ ଏବଂ କିଟପଦରରେ ଥିବା ଫାର୍ମ ହାଉସ ଠାବ ହୋଇଛି। ତେବେ ଭବାନୀପାଟଣା ଓ କୋକସରା ଉପକଣ୍ଠରେ ଭୁବନେଶ୍ୱର ୩୩ଟି ପ୍ଲଟ୍ ରଖିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ଏହି ପ୍ଲଟଗୁଡ଼ିକ ମୋଟ୍ ୩୯.୬୪ ଏକର ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ତେବେ କୋଠା, ଫାର୍ମ ହାଉସ, ମାର୍କେଟ୍ କମ୍ପ୍ଲେକ୍ସ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ଭୁବନେଶ୍ୱରଙ୍କ ଘରୁ ଗୋଟିଏ ଚାରିଚକିଆ ଯାନ ଠାବ ହୋଇଛି। ସେହିପରି ଭୁବନେଶ୍ୱରଙ୍କ ବ୍ୟାଙ୍କ, ପୋଷ୍ଟାଲ ଜମା ଏବଂ ଅନ୍ୟାନ୍ୟ ନିବେଶ ସଂକ୍ରାନ୍ତରେ ଭିଜିଲାନ୍ସ ଅଧିକ ଖୋଳତାଡ ଚଳାଇଛି। ଭିଜିଲାନ୍ସ ପକ୍ଷରୁ ହେଉଥିବା ଏହି ଚଢ଼ାଉରେ ୬ ଜଣ ଡିଏସପି, ୬ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଯାଞ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଉଛି । ଭୁବନେଶ୍ୱରଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ଭୁବନେଶ୍ୱର ୧୯୯୯ ମସିହା ଜୁଲାଇ ୧ରେ ଭୁବନେଶ୍ୱର କନିଷ୍ଠ ଯନ୍ତ୍ରୀ ଭାବେ ଚାକିରି ଆରମ୍ଭ କରି କୋରାପୁଟ ଆର ଏଣ୍ଡ ବି ବିଭାଜନ ସୁନାବେଡା ସେକ୍ସନରେ ନିଯୁକ୍ତି ପାଇଥିଲେ। ସେତେବେଳେ ତାଙ୍କର ଦରମା ଥିଲା ମାତ୍ର ୬ ହଜାର। ଏହାପରେ ସେ ୨୦୦୩ରୁ ୨୦୦୬ ଯାଏ ନବରଙ୍ଗପୁର ଆର ଏଣ୍ଡ ବି ଡିଭିଜନରେ କାର୍ଯ୍ୟ କରିଥିଲେ। ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ ସେ ଭବାନୀପାଟଣା ଆର ଏଣ୍ଡ ବି ସେକ୍ସନ-୨ରେ ରହିଥିଲେ। ୨୦୧୩ରେ ସେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ଏହାପରେ ସେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ୨୦୧୬ରୁ ୨୦୨୪ ଯାଏଁ ଧର୍ମଗଡ ଆର ଏଣ୍ଡ ବି ଉପ ବିଭାଜନରେ ଅବସ୍ଥାପିତ ହୋଇଥିଲେ। ୨୦୨୪ ମାର୍ଚ୍ଚରେ ସେ ପୁଣି ସେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାବେ ପଦନ୍ନୋତି ପାଇଥିଲେ। ସେ ଧର୍ମଗଡ଼ରେ କାର୍ଯ୍ୟ କରୁଥିବା ବେଳେ ୨୦୨୫ ଜାନୁଆରୀରୁ ଭବାନୀପାଟଣା ଆର ଏଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।

# କେମିତି ସରିବ କଳିଯୁଗ ?

## କେଉଁଠି ଜନ୍ମ ନେବେ ଭଗବାନ କଲ୍‌କୀ

କଳିଯୁଗ କ'ଣ ପ୍ରକୃତରେ ଶେଷ ପର୍ଯ୍ୟାୟରେ ଅଛି ? ଆଜିର ସମୟରେ, ଭାଙ୍ଗି ପଡୁଥିବା ସମ୍ପର୍କ, ବିଶ୍ୱାସ କମିବା ଏବଂ ପରିବର୍ତ୍ତନଶୀଳ ଜୀବନଶୈଳୀ ଅନେକ ପ୍ରଶ୍ନ ଉଠାଉଛି। ଖବର ସୂଚାଇ ଦେଉଛି ଯେ ଠିକ୍ ଏବଂ ଭୁଲ ମଧ୍ୟରେ ରେଖା ଧୀରେ ଧୀରେ ଝାପ୍‌ସା ହେଉଛି। ମାନବତା ଦୁର୍ବଳ ହେଉଥିବା ପରି ମନେ ହେଉଛି। ଏହା କେବଳ ଆଧୁନିକତାର ପ୍ରଭାବ ନା ସେହି ସଙ୍କେତଗୁଡ଼ିକର ଆରମ୍ଭ, ଯାହା ଆମ ଶାସ୍ତ୍ରରେ ପୂର୍ବରୁ ଉଲ୍ଲେଖ କରାଯାଇଛି।



ଶାସ୍ତ୍ର ଅନୁସାରେ,ଯେବେ ପାପ ଭାର ଅଧିକ ହୋଇଯାଏ ସେତେବେଳେ ଭଗବାନ ଅବତାର ଗ୍ରହଣ କରନ୍ତି। କଲ୍‌କୀ ପୁରାଣ ଅନୁସାରେ, ଯେତେବେଳେ ପୃଥିବୀରେ ପାପ ବୃଦ୍ଧି ପାଇବ ଭଗବାନ କଲ୍‌କୀ ପୃଥିବୀରେ ଅବତାର ଗ୍ରହଣ କରିବେ। ପୁରାଣ ଅନୁସାରେ, କଲ୍‌କୀ ଭଗବାନ ବିଷ୍ଣୁଙ୍କ ଶେଷ ଅବତାର, ଯିଏ ପାପ ହ୍ରାସ କରିବା ପାଇଁ ପୃଥିବୀକୁ ଆସିବେ। ତଥାପି, କୌଣସି ଯୁଗର ଅନ୍ତ ହଠାତ୍ ହୁଏ ନାହିଁ। ଏହା ଧୀରେ ଧୀରେ ଆମ ସମ୍ମୁଖରେ ଆକାର ଗ୍ରହଣ କରେ। ଶ୍ରୀମଦ୍ ଭାଗବତ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ କଳିଯୁଗର ଶେଷ ଦିନରେ, ମଣିଷ ନିଜ ସ୍ୱାର୍ଥ ଆଧାରରେ ଠିକ୍ ଏବଂ ଭୁଲ ମଧ୍ୟରେ ନିଷ୍ପତ୍ତି ନେବ। ଆଜିର ସମାଜକୁ ଦେଖିଲେ ଏହା ଅନେକାଂଶରେ ସତ୍ୟ ମନେହୁଏ। ଡିଜିଟାଲ୍ ଦୁନିଆରେ ହଜାର ହଜାର ଲୋକଙ୍କ ସହିତ ଯୋଡ଼ି ହେବା ସତ୍ତ୍ୱେ, ମଣିଷ କ୍ରମଶଃ ଏକାକୀ ହୋଇପଡୁଛି। ପରିବାର ଭାଙ୍ଗିଯାଉଛି, ଏବଂ ସମ୍ପର୍କର ସୀମା ଦୁର୍ବଳ ହେଉଛି। ପ୍ରକୃତି ନିଜେ ଅସନ୍ତୁଳନ ଆଡକୁ ଗତି କରୁଥିବା ପରି ମନେହେଉଛି। ନଦୀଗୁଡ଼ିକ ପ୍ରଦୂଷିତ ହେବାରେ ଲାଗିଛି ଏବଂ ବାୟୁ ବିଷାକ୍ତ ହେବାରେ ଲାଗିଛି। ଏହି ପରିସ୍ଥିତିକୁ ଅନେକ ଲୋକ ଏକ ପ୍ରମୁଖ ପରିବର୍ତ୍ତନ କିମ୍ବା ପୁନଃନିର୍ମାଣର ଆବଶ୍ୟକତାର ସଙ୍କେତ ଭାବରେ ଦେଖୁଛନ୍ତି। କଳ୍କୀ ଅବତାର ଏବଂ ପ୍ରଳୟର ସଙ୍କେତ ଦେଖା ଯାଉଛି କି ? ପୌରାଣିକ ବିଶ୍ୱାସ ଅନୁସାରେ, ପ୍ରଳୟ ବିନାଶ ନୁହେଁ ବରଂ ବ୍ରହ୍ମାଣ୍ଡର ଶୁଦ୍ଧିକରଣର ସମୟ। କିଛି ଧାର୍ମିକ ସ୍ଥଳ ସହିତ ଜଡିତ ବିଶ୍ୱାସ ମଧ୍ୟ ଏହାକୁ ସୂଚିତ କରେ।

- କୁହାଯାଏ ଯେ ଭଗବାନ କଲ୍‌କୀ ଉତ୍ତର ପ୍ରଦେଶର ସମ୍ଭଲରେ ଜନ୍ମଗ୍ରହଣ କରିବେ।
- ମହାରାଷ୍ଟ୍ରର କେଦାରେଶ୍ୱର ମନ୍ଦିରର ଚାରୋଟି ସ୍ତମ୍ଭକୁ ଚାରି ଯୁଗର ପ୍ରତୀକ ଭାବରେ ବିବେଚନା କରାଯାଏ, ଯେଉଁଥିରୁ ବର୍ତ୍ତମାନ କେବଳ ଗୋଟିଏ ରହିଛି।
- ଏଥିସହିତ, ଜୋଶୀମଠରେ ଘଟୁଥିବା ଘଟଣା ଏବଂ ଭଗବାନ ନରସିଂହଙ୍କ ମୂର୍ତ୍ତି ସହିତ ଜଡିତ ବିଶ୍ୱାସ ମଧ୍ୟ ଏକ ବଡ଼ ପରିବର୍ତ୍ତନକୁ ଇଙ୍ଗିତ କରେ।

ତଥାପି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ କଳିଯୁଗର ଶେଷ କେବଳ ବାହ୍ୟ ଘଟଣା ସହିତ ଜଡିତ ନୁହେଁ, ବରଂ ଆମ ଭିତରେ ଧାର୍ମିକତା ଏବଂ ଅଧର୍ମ ମଧ୍ୟରେ ସଂଘର୍ଷର ପରିଣାମ ମଧ୍ୟ। ଶେଷରେ, ଆମର କାର୍ଯ୍ୟଗୁଡ଼ିକ ଭବିଷ୍ୟତରେ ଆମେ କେଉଁ ଦିଗକୁ ନେବ ତାହା ନିର୍ଣ୍ଣୟ କରିବ। ଭଗବାନ କଲ୍‌କୀ ଙ୍କ ରୂପ କିପରି ହେବ ? ଧାର୍ମିକ ଗ୍ରନ୍ଥରେ କୁହାଯାଇଛି କି ଭଗବାନ କଲ୍‌କୀଙ୍କ ସ୍ୱରୂପ ଅତ୍ୟନ୍ତ ତେଜସ୍ୱୀ ଏବଂ ଦିବ୍ୟ ହେବ। ସେ ଏକ ଧଳା ଘୋଡାରେ ଚଢି ପ୍ରକଟ ହେବେ । ହାତରେ ଶକ୍ତିଶାଳୀ ୧ ୨ ହାତର ଖଣ୍ଡା ଧରିଥିବେ, ଯାହାଙ୍କ ତେଜ ଅତ୍ୟନ୍ତ ତୀବ୍ର ହୋଇଥିବ। କୁହାଯାଏ ଯେ ତାଙ୍କର ଗତି ଏତେ ଦ୍ରୁତ ହେବ ଯେ ସେ ମୁହୂର୍ତ୍ତକ ମଧ୍ୟରେ ଯେକୌଣସି ସ୍ଥାନରେ ପହଞ୍ଚିପାରିବେ।



## ପ୍ରଣାମର ପ୍ରକୃତ ଅର୍ଥ କ'ଣ ?

ଭାରତୀୟ ପରମ୍ପରା ଏବଂ ସଂସ୍କୃତିରେ 'ନମସ୍କାର' କିମ୍ବା 'ପ୍ରଣାମ' କେବଳ ଏକ ସାଧାରଣ ଅଭିବାଦନ ନୁହେଁ, ବରଂ ଏହା ଏକ ଗଭୀର ଆଧ୍ୟାତ୍ମିକ ଏବଂ ବୈଜ୍ଞାନିକ ମହତ୍ତ୍ୱ ବହନ କରେ। ଦୁଇ ହାତ ଯୋଡ଼ି ନମସ୍କାର କରିବା ଭାରତୀୟ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ।

### ନମସ୍କାରର ଶାବ୍ଦିକ ଏବଂ ଆଧ୍ୟାତ୍ମିକ ଅର୍ଥ:

ସଂସ୍କୃତ ଶବ୍ଦ 'ନମଃ' ରୁ ନମସ୍କାରର ଉତ୍ପତ୍ତି ହୋଇଛି, ଯାହାର ଅର୍ଥ ହେଉଛି ଅହଂକାରକୁ ତ୍ୟାଗ କରି ଅନ୍ୟ ଆଗରେ ନତମସ୍ତକ ହେବା। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ, ଏହାର ଅର୍ଥ ହେଉଛି 'ମୋ ଭିତରେ ଥିବା ଆତ୍ମା, ଆପଣଙ୍କ ଭିତରେ ଥିବା ଆତ୍ମାକୁ ପ୍ରଣାମ କରୁଛି'। ଏହା ମନୁଷ୍ୟ ମଧ୍ୟରେ ଥିବା ସମାନତା ଏବଂ ଦୈବୀ ଶକ୍ତିକୁ ସ୍ୱୀକୃତି ଦେଇଥାଏ।

### ବୈଜ୍ଞାନିକ ତଥା ମନୋବୈଜ୍ଞାନିକ ଦୃଷ୍ଟିକୋଣ:

ଦୁଇ ହାତ ଯୋଡ଼ିବା ଦ୍ୱାରା ଶରୀରର ଡାହାଣ ଏବଂ ବାମ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରକ୍ଷା ହୋଇଥାଏ। ଆଙ୍ଗୁଠିର ଅଗ୍ରଭାଗ ପରସ୍ପର ସହ ସ୍ପର୍ଶ ହେବା ଦ୍ୱାରା ଏକ୍ୟୁପ୍ରେସର ପଏଣ୍ଟଗୁଡ଼ିକ ସକ୍ରିୟ ହୋଇଥାଏ, ଯାହା ଆଖି, କାନ ଏବଂ ମସ୍ତିଷ୍କର ସ୍ମୃତି ଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ, ହାତ ମିଳାଇବା ପରିବର୍ତ୍ତେ ନମସ୍କାର କରିବା ଦ୍ୱାରା ଜୀବାଣୁ ସଂକ୍ରମଣରୁ ମଧ୍ୟ ରକ୍ଷା ମିଳିଥାଏ।

### ଭାରତୀୟ ସଂସ୍କୃତିରେ ପ୍ରଣାମର ମହତ୍ତ୍ୱ:

ଭାରତରେ ବୟସ୍କ, ଗୁରୁ ଏବଂ ସମ୍ମାନନୀୟ ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାର ସହିତ ପ୍ରଣାମ କରିବା ଏକ ପ୍ରାଚୀନ ପରମ୍ପରା। ଏହା ଶୃଙ୍ଖଳା, ନମ୍ରତା ଏବଂ ସଂସ୍କାରର ପ୍ରତୀକ ଅଟେ। ଗୁରୁଜନମାନଙ୍କ ଚରଣ ସ୍ପର୍ଶ କରିବା ଦ୍ୱାରା ସେମାନଙ୍କର ସକାରାତ୍ମକ ଶକ୍ତି ଏବଂ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

# କୈକେୟୀଙ୍କ ଦାବି







କୈକେୟୀ, ହିନ୍ଦୁ ମହାକାବ୍ୟ ରାମାୟଣରେ କେକେୟଙ୍କ ରାଜକୁମାରୀ ଏବଂ କୋଶଳର ରାଣୀ। କୈକେୟୀ ହେଉଛନ୍ତି ରାଜା ଦଶରଥଙ୍କ ତୃତୀୟ ଏବଂ ପ୍ରିୟ ପତ୍ନୀ, ଯିଏ କୋଶଳକୁ ଏହାର ରାଜଧାନୀ ଅଯୋଧ୍ୟାରୁ ଶାସନ କରିଥିଲେ। ସେ ଭରତଙ୍କ ମାତା। ଦଶରଥଙ୍କ ତିନି ପତ୍ନୀଙ୍କ ମଧ୍ୟରୁ, କୈକେୟୀ ସବୁଠାରୁ ଅଧିକ ପ୍ରଭାବ ପକାଇଥାନ୍ତି। ପୂର୍ବରୁ କେକେୟର ରାଜକୁମାରୀ, ସେ ଯୁଦ୍ଧ ସମୟରେ ତାଙ୍କ ସ୍ୱାମୀଙ୍କ ପାଇଁ ଜଣେ ଦକ୍ଷ ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ ବୋଲି ବର୍ଣ୍ଣନା କରାଯାଇଛି। ପ୍ରାରମ୍ଭରେ ତାଙ୍କ ସାବତପୁତ୍ର ରାଜକୁମାର ରାମଙ୍କ ପ୍ରତି ପ୍ରେମ ଏବଂ ମାତୃଭାବରେ, କୈକେୟୀଙ୍କ ମନ ତାଙ୍କ ଦାସୀ ମନ୍ଥରା ଦ୍ୱାରା ବିଷାକ୍ତ ହୋଇଯାଏ। ତାଙ୍କ ପ୍ରଭାବରେ, ରାମଙ୍କୁ ଚଉଦ ବର୍ଷ ପାଇଁ ବନବାସ ପଠାଯାଏ।

### ଜନ୍ମ ଏବଂ ପ୍ରାରମ୍ଭିକ ଜୀବନ:

କୈକେୟୀଙ୍କ ଜନ୍ମ ତାଙ୍କ ମାତାଙ୍କ ନିର୍ବାସନର କିଛି ସମୟ ପୂର୍ବରୁ କେକେୟର ରାଜା ଅଶ୍ୱପତିଙ୍କ ଘରେ ହୋଇଥିଲା। ତାଙ୍କର ଏକମାତ୍ର ମାତୃତ୍ୱ ତାଙ୍କର କୁଞ୍ଜିତ ଧାତ୍ରୀ, ମନ୍ଥରା ସହିତ ହୋଇଥିଲା। ତାଙ୍କର ଯମଜ ଯୁଦ୍ଧାଜିତଙ୍କ ସମେତ ସାତ ଭାଇଙ୍କ ସହିତ ସେ ପାଳିତ ହୋଇଥିଲେ।

### ଦଶରଥଙ୍କ ଦ୍ୱାରା ବରଦାନ:

ଦେବ ଏବଂ ଅସୁରଙ୍କ ମଧ୍ୟରେ ଏକ ଯୁଦ୍ଧରେ, ଦଶରଥ କୈକେୟୀଙ୍କ ସହିତ ଦେବଲୋକକୁ ଯାତ୍ରା କରିଥିଲେ, ଯାହାଦ୍ୱାରା ଇନ୍ଦ୍ର ଅସୁରଙ୍କ ବିରୁଦ୍ଧରେ ଯୁଦ୍ଧ କରିପାରିବେ। ଶମ୍ବର ଏବଂ ତାଙ୍କ ଅସୁର ସୈନ୍ୟବାହିନୀ ଦ୍ୱାରା ନିଯୁକ୍ତ ଯାଦୁବିଦ୍ୟା ଯୋଗୁଁ ଦେବମାନେ ଅସୁବିଧାରେ ପଡ଼ିଥିଲେ। ରଥରେ ଚଢ଼ି ଦଶରଥ ଏକ ସମୟରେ ଦଶ ଦିଗରେ ଅସୁରଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଏହି ଯୁଦ୍ଧରେ, ତାଙ୍କ ରଥକୁ ଦ୍ରୁତ ଗତିରେ ପ୍ରତ୍ୟେକ ଦିଗକୁ ବୁଲାଇବାକୁ ପଡିଥିଲା। ଯୁଦ୍ଧ ସମୟରେ, ଗୋଟିଏ ଚକର ବୋଲ୍ଟ ଖସିଗଲା, ଏବଂ ଚକଟି ଅଲଗା ହେବାକୁ ଯାଉଥିଲା ଯେତେବେଳେ କୈକେୟୀ ବୋଲ୍ଟର ଗାତରେ ତାଙ୍କର ବୁଢ଼ା ଆଙ୍ଗୁଠି ପୂରାଇ ରଥକୁ ସ୍ଥିର ରଖିଲେ। ରାଜା ଏହା ଜାଣିବା ପରେ, ସେ ଖୁସି ହୋଇ ତାଙ୍କୁ ଦୁଇଟି ବରଦାନ ଦେଲେ। ରାଣୀ କହିଲେ ଯେ ସେ ଭବିଷ୍ୟତରେ ସେହି ଦୁଇଟି ବର ମାଗିବେ, କାରଣ ସେ ସେତେବେଳେ ଏବଂ ସେଠାରେ କିଛି ଚାହୁଁ ନଥିଲେ।

### ମନ୍ଥରାଙ୍କ ପ୍ରଭାବ ଏବଂ ରାମଙ୍କ ନିର୍ବାସନ:

ପ୍ରାଚୀନ ପରମ୍ପରା ଅନୁଯାୟୀ, ଦଶରଥ, ରାଜ ସଭାର ଅନୁମୋଦନ ସହିତ, ରାମଙ୍କୁ ତାଙ୍କର ଉତ୍ତରାଧିକାରୀ ଭାବରେ ମନୋନୀତ କରିଥିଲେ। କୈକେୟୀ ରାଜ୍ୟାଭିଷେକ ସମୟରେ ଯଦି ତାଙ୍କ ନିଜ ପୁଅ ହୋଇଥାନ୍ତେ ତେବେ ସେ ବହୁତ ଖୁସି ହୋଇଥାନ୍ତେ। କିନ୍ତୁ, କୈକେୟୀଙ୍କ ଧାତ୍ରୀ ମନ୍ଥରା ଭୟ କରୁଥିଲେ ଯେ ଯଦି ରାମ ସିଂହାସନ ଆରୋହଣ କରନ୍ତି ତେବେ କୈକେୟୀ ରାଜଦରବାରରେ ମୁଖ୍ୟ ରାଣୀ ଭାବରେ ତାଙ୍କର ପଦବୀ ହରାଇବେ, କାରଣ କୌଶଲ୍ୟା ଏହିପରି ରାଣୀମା ହୋଇଯାଆନ୍ତି, ସେ ସମସ୍ୟା ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ। ସେ କୈକେୟୀଙ୍କୁ ମନେ ପକାଇ ଦେଇ କୈକେୟୀଙ୍କ ଈର୍ଷା ଏବଂ କୌଶଲ୍ୟାଙ୍କ ପ୍ରତି ଈର୍ଷାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ପୁତ୍ରର ରାଜ୍ୟାଭିଷେକ କୌଶଲ୍ୟାଙ୍କୁ ଦଶରଥଙ୍କ ରାଣୀମାନଙ୍କ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ତାଙ୍କର ପୂର୍ବ ପଦବୀ ଦେବ ଏବଂ ଭାରତକୁ ସବୁଦିନ ପାଇଁ ଉତ୍ତରାଧିକାରୀ ସୀମାରୁ କାଟିଦେବ। କିନ୍ତୁ ସେତେବେଳେ କୈକେୟୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିନଥିଲା। ପରେ ମନ୍ଥରା ଦଶରଥଙ୍କ ଦ୍ୱାରା ବର୍ଷ ବର୍ଷ ପୂର୍ବରୁ ତାଙ୍କୁ ଦିଆଯାଇଥିବା ଦୁଇଟି ବର ଦାବି କରିବାକୁ କୈକେୟୀଙ୍କୁ ରାଜି କରାଇଲେ। ରାଜା ଦଶରଥ ସେଗୁଡ଼ିକୁ ପୂରଣ କରିବାକୁ ବାଧ୍ୟ ହୋଇଥିଲେ। କୈକେୟୀ ଦାବି କରିଥିଲେ ଯେ ଭରତଙ୍କୁ ରାଜା ଅଭିଷିକ୍ତ କରାଯାଉ ଏବଂ ରାମଙ୍କୁ ଚଉଦ ବର୍ଷ ପାଇଁ ବନକୁ ପଠାଯାଉ।

# ଗରୁଡ଼ ପୁରାଣ ପାଠ କରିବାର ନିୟମ



ଆମେ ପ୍ରାୟତଃ ଶୁଣୁଥାଉ ଯେ, ଜଣେ ବ୍ୟକ୍ତି ନିଜ କାର୍ଯ୍ୟ ଅନୁଯାୟୀ ଫଳାଫଳ ପାଇଥାଏ। ଖରାପ କାର୍ଯ୍ୟ କଲେ ଜଣେ ବ୍ୟକ୍ତି ନିଶ୍ଚିତ ଭାବରେ ନିଜ କାର୍ଯ୍ୟର ପରିଣାମ ଭୋଗିବାକୁ ପଡେ। କେବଳ ଜୀବନକାଳରେ ନୁହେଁ ମୃତ୍ୟୁ ପରେ ମଧ୍ୟ ଜଣେ ବ୍ୟକ୍ତି ନିଜ କାର୍ଯ୍ୟ ଅନୁଯାୟୀ ଫଳାଫଳ ପାଇଥାଏ। ଗରୁଡ ପୁରାଣରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି। ଗରୁଡ ପୁରାଣ ହେଉଛି ସନାତନ ହିନ୍ଦୁ ଧର୍ମର ଏପରି ଏକ ପୁସ୍ତକ ଯେଉଁଥିରେ ଜୀବନ-ମୃତ୍ୟୁ ଏବଂ ସ୍ୱର୍ଗ-ନର୍କ ବିଷୟରେ କୁହାଯାଇଛି। କୁହାଯାଇଛି ଯେ, ଜଣେ ମୃତ ବ୍ୟକ୍ତି ମଧ୍ୟ ନିଜ କାର୍ଯ୍ୟ ଅନୁଯାୟୀ ସ୍ୱର୍ଗ କିମ୍ବା ନରକ ପାଇଥାଏ। ସେଥିପାଇଁ ମୃତ ପରିବାର ସଦସ୍ୟଙ୍କ ପାଇଁ ଘରେ ୧୩ ଦିନ ଗରୁଡ ପୁରାଣ ପାଠ କରିବାର ଏକ ନିୟମ ଅଛି, ଯାହାଫଳରେ ମୃତ ବ୍ୟକ୍ତିଙ୍କ ଆତ୍ମା ପରିତ୍ରାଣ ପାଇପାରିବ। ଗରୁଡ ପୁରାଣରେ କୁହାଯାଇଛି ଯେ, ମୃତ୍ୟୁ ପରେ ଆତ୍ମା ସହିତ କ'ଣ ହେବ। ଏହା ବ୍ୟକ୍ତିର କର୍ମ ଉପରେ ନିର୍ଭର କରେ। କିନ୍ତୁ ଯଦି କିଛି ଜିନିଷ ମୃତ ବ୍ୟକ୍ତିଙ୍କ ନିକଟରେ ରଖାଯାଏ, ତେବେ ଯମରାଜ ତାଙ୍କ ପାପ କ୍ଷମା କରନ୍ତି ଏବଂ ତାଙ୍କୁ ଦଣ୍ଡ ଦିଅନ୍ତି ନାହିଁ। ସେହି ଜିନିଷଗୁଡ଼ିକ କ'ଣ



**ଗଙ୍ଗା ଜଳ:** ଶାସ୍ତ୍ରରେ, ଗଙ୍ଗା ଜଳ ମୋକ୍ଷ ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଛି। ଯଦି ଜଣେ ବ୍ୟକ୍ତିଙ୍କ ମରିବା ପୂର୍ବରୁ ଗଙ୍ଗା ଜଳକୁ ପାଟିରେ ରଖାଯାଏ, ତେବେ ଏହା ଶରୀରକୁ ଶୁଦ୍ଧ କରିଥାଏ। ଏହି କାରଣରୁ, ଜଣେ ବ୍ୟକ୍ତିଙ୍କୁ ମୃତ୍ୟୁ ପରେ ଯମଲୋକରେ ଦଣ୍ଡର ସମ୍ମୁଖୀନ ହେବାକୁ ପଡିବ ନାହିଁ।

**ତୁଳସୀ:** ତୁଳସୀ ପତ୍ର ମୃତ୍ୟୁ ପୂର୍ବରୁ ବ୍ୟକ୍ତିଙ୍କ ପାଟିରେ ରଖାଯାଏ। ହିନ୍ଦୁ ଧର୍ମରେ ତୁଳସୀଙ୍କୁ ପବିତ୍ର ଏବଂ ପୂଜା ମଧ୍ୟ କରାଯାଏ। ମୃତ୍ୟୁ ପୂର୍ବରୁ ତୁଳସୀ ଗଙ୍ଗା ଜଳ ସହିତ ମିଶ୍ରିତ ବ୍ୟକ୍ତିଙ୍କ ପାଟିରେ ଦିଆଯାଏ। ଗରୁଡ ପୁରାଣ ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ମୁଣ୍ଡ ନିକଟରେ ତୁଳସୀ ଗଛ କିମ୍ବା ପତ୍ର ରଖିବା ଦ୍ୱାରା ଜଣେ ବ୍ୟକ୍ତି ନିଜ ଜୀବନକୁ ତ୍ୟାଗ କରିବା ସହଜ କରିଥାଏ।

**ଶ୍ରୀମଦ୍‌ଭଗବତ ଗ୍ରନ୍ଥ:** ଯଦି କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି କିମ୍ବା ଯଦି ଏହା ଅନୁଭବ କରାଯାଏ ଯେ ବ୍ୟକ୍ତି ଜଣକ ନିଜ ଜୀବନ ତ୍ୟାଗ କରିବାକୁ ଯାଉଛନ୍ତି, ତେବେ ଶ୍ରୀମଦ୍‌ଭଗବତ କିମ୍ବା ଅନ୍ୟ କୌଣସି ଧାର୍ମିକ ଗ୍ରନ୍ଥ ତାଙ୍କ ସାମ୍ନାରେ ରଖାଯିବା ଉଚିତ କିମ୍ବା ଏହାକୁ ପଢିବା ଉଚିତ୍। ଏହା କରିବା ଦ୍ୱାରା ସେ ମୃତ୍ୟୁ ପରେ ଯମରାଜଙ୍କ ଦଣ୍ଡରୁ ମୁକ୍ତି ପାଇବେ ଏବଂ ତାଙ୍କୁ ମୋକ୍ଷପ୍ରାପ୍ତ ହେବ।

**ଈଶ୍ୱରଙ୍କ ନାମ ନେବା:** ଯଦି ଜୀବନ ଛାଡିବା ପୂର୍ବରୁ ପ୍ରଭୁଙ୍କ ନାମ ନିଆଯାଏ, ତେବେ ବ୍ୟକ୍ତିଙ୍କୁ ମୃତ୍ୟୁ ପରେ ଯମରାଜଙ୍କ ଦଣ୍ଡର ସାମ୍ନା କରିବାକୁ ପଡିବ ନାହିଁ ଏବଂ ସେ ଈଶ୍ୱରଙ୍କ ପାଦରେ ସ୍ଥାନ ପାଇବେ।

## ପଇତା ଦ୍ୱାରା ଶରୀରରେ ସଠିକ୍ ହୋଇଥାଏ

# ରକ୍ତ ସଂଚାଳନ





ହିନ୍ଦୁ ଧାର୍ମିକ ଶାସ୍ତ୍ରରେ ଶୌଚାଚାରକୁ ନେଇ କିଛି ନିୟମ ଉଲ୍ଲେଖ କରାଯାଇଛି, ଯାହାର ବୈଜ୍ଞାନିକ ମହତ୍ତ୍ୱ ମଧ୍ୟ ରହିଛି। ତେବେ ହିନ୍ଦୁ ଧର୍ମରେ କାହିଁକି ପୁରୁଷମାନେ ପିନ୍ଧନ୍ତି ପଇତା, ଏହା ପଛରେ ରହିଛି ବିଶ୍ୱାସ ଓ ବିଜ୍ଞାନ। ହିନ୍ଦୁ ଧର୍ମରେ ପ୍ରତ୍ୟେକ ହିନ୍ଦୁଙ୍କର କର୍ତ୍ତବ୍ୟ ହେଉଛି ପଇତା ପିନ୍ଧିବା ଏବଂ ଏହାର ନିୟମ ପାଳନ କରିବା। ପଇତା ଧାରଣ କରିବା ପରେ ଦ୍ୱିଜ ବାଳକଙ୍କୁ ଯଜ୍ଞ କାର୍ଯ୍ୟ କରିବାର ଅଧିକାର ପ୍ରାପ୍ତ ହୋଇଥାଏ। ପଇତାର ସଂସ୍କାର ହିନ୍ଦୁ ଧର୍ମର ପ୍ରମୁଖ ୨୪ଟି ସଂସ୍କାର ମଧ୍ୟରୁ ସ୍ୱତନ୍ତ୍ର। ଏହାକୁ 'ଉପନୟନ' ବା 'ଯଜ୍ଞୋପବୀତ ସଂସ୍କାର' ମଧ୍ୟ କୁହାଯାଇଥାଏ। ପବିତ୍ର ଧଳା ସୂତାରେ ନିର୍ମିତ ହୋଇଥାଏ ପଇତା। କିଛି ବର୍ଷ ପୂର୍ବରୁ ଲଣ୍ଡନରେ ହୋଇଥିବା ଏକ ରିସର୍ଚ୍ଚ ଅନୁଯାୟୀ ହିନ୍ଦୁମାନେ ମଳ-ମୂତ୍ର ତ୍ୟାଗ କରିବା ସମୟରେ କାନରେ ପଇତା ଦେବାର ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଗବେଷଣା ଅନୁଯାୟୀ ଶୌଚ ସମୟରେ କାନରେ ପଇତା ଦେବା ଦ୍ୱାରା କାନ ପାଖରେ ଯାଉଥିବା ସ୍ନାୟୁ ଉପରେ ପ୍ରଭାବ ପଡ଼ିଥାଏ। ପଇତା ପିନ୍ଧିଥିବା ଲୋକମାନଙ୍କ ନିକଟରେ ହୃଦୟ ସମ୍ବନ୍ଧିତ ରୋଗ ଏବଂ ବ୍ଲଡପ୍ରେସର ସମସ୍ୟା ଦେଖାଯାଇନଥାଏ। ପଇତା ଦ୍ୱାରା ଶରୀରରେ ରକ୍ତ ସଂଚାଳନ ସଠିକ୍ ରୂପେ ହୋଇଥାଏ।

# ଜୁନ ୧ ରୁ ଆରମ୍ଭ ହେବ ଭାରତୀୟ ସେନାରେ ଅଗ୍ନିପଥ ଯୋଜନା

ରାୟଗଡା,(ନିପ୍ର): ଜୁନ ୧ ରୁ ଆରମ୍ଭ ହେବ ଭାରତୀୟ ସେନାରେ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ରାୟଗଡ଼, ୧୯ ମେ ୨୦୨୬: ଭାରତୀୟ ସେନାରେ ଆଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡରର ନିଯୁକ୍ତି ବର୍ଷ ୨୦୨୬-୨୭ ପାଇଁ ଆସନ୍ତା ଜୁନ୍ ୦୧ ତାରିଖରୁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ଉରର) ଆରମ୍ଭ ହେବାକୁ ଯାଉଛି।

ଏହି ପରୀକ୍ଷା ଜୁନ୍ ୦୧ ରୁ ଜୁନ୍ ୧୨, ୨୦୨୬ ପର୍ଯ୍ୟନ୍ତ ଚାଲିବ। କୋଲକାତା ନିଯୁକ୍ତି ଜୋନ୍ ଅଧୀନରେ ଆସୁଥିବା ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ସିକିମ୍ ରାଜ୍ୟର ମୋଟ ୨୬ ଟି କେନ୍ଦ୍ରରେ ଏହି ପରୀକ୍ଷା ପରିଚାଳନା କରାଯିବାର ବ୍ୟବସ୍ଥା ହୋଇଛି। ଏଥିମଧ୍ୟରୁ ଓଡ଼ିଶା ରାଜ୍ୟର ପରୀକ୍ଷାର୍ଥୀଙ୍କ ପାଇଁ ୮ ଟି ପ୍ରମୁଖ ସହର ଯଥା- ବାଲେଶ୍ୱର, ବ୍ରହ୍ମପୁର (ଗଞ୍ଜାମ), ଭୁବନେଶ୍ୱର, କଟକ, ଢେଙ୍କାନାଳ, ରାଉରକେଲା ଏବଂ ସମ୍ବଲପୁରରେ ପରୀକ୍ଷା କେନ୍ଦ୍ରମାନ ପ୍ରସ୍ତୁତ କରାଯାଇଛି। ସେହିପରି ପଶ୍ଚିମବଙ୍ଗର ୮ ଟି ସହର ଏବଂ ସିକିମ୍‌ର ଗାଙ୍ଗଟକ୍ ଠାରେ ମଧ୍ୟ ପରୀକ୍ଷା କେନ୍ଦ୍ର କରାଯାଇଛି।

ଏହି ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ଓ ପଞ୍ଜୀକରଣ ପ୍ରକ୍ରିୟା ଗତ ଏପ୍ରିଲ ୧୦, ୨୦୨୬ ରେ ଶେଷ ହୋଇସାରିଛି। ସଫଳତାର ସହ ପଞ୍ଜୀକୃତ ହୋଇଥିବା ପ୍ରାର୍ଥୀମାନେ ଭାରତୀୟ ସେନାର ଅଫିସିଆଲ୍ ୱେବସାଇଟ୍ www.joinindianarmy.nic.in ରୁ ନିଜର ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଏହାସହ କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷା ପ୍ରକ୍ରିୟାକୁ ସହଜରେ ବୁଝିବା ଏବଂ ଏହାର ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ ଭାରତୀୟ ସେନାର ୱେବସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ଉରର) ସମାପ୍ତ ହେବା ପରେ, ଏଥିରେ ମନୋନୀତ ହୋଇଥିବା ପ୍ରାର୍ଥୀମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟ 'ନିଯୁକ୍ତି ରାଲି' (ଜର- ମକ୍ସଙ୍କସତ୍ମଙ୍କରଭଗ୍ସ ଜବକ୍ଷକ୍ଷଛ) ବିଷୟରେ ସୂଚିତ କରାଯିବ। ସେନା ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ମେଧା ଭିତ୍ତିକ ହୋଇଥିବାରୁ ପ୍ରାର୍ଥୀମାନଙ୍କୁ କୌଣସି ଦଲାଲ୍ ବା ଅସାଧୁ ବ୍ୟକ୍ତିଙ୍କ ପ୍ରଲୋଭନର ଶିକାର ନ ହେବାକୁ ଚେତାବନୀ ଦିଆଯାଇଛି। ଏହି ନିଯୁକ୍ତି ସମ୍ବନ୍ଧୀୟ ଯେକୌଣସି ପ୍ରଶ୍ନ ବା ସନ୍ଦେହ ପାଇଁ ପ୍ରାର୍ଥୀମାନେ ସେମାନଙ୍କର ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ।

# ଜନଭାଗିଦାରୀ ଅଭିଯାନରେ ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର

କଟକ(ନିପ୍ର): ଜନ ଜାତୀୟ ଗରିମା ଉତ୍ସବ ଅବସରରେ ଦେଶବ୍ୟାପୀ ଚାଲିଥିବା ଜନ ଭାଗୀଦାରୀ –' ସବସେ ଦୂର ସବସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ' ଅଭିଯାନ ଅନ୍ତର୍ଗତ ଆଜି କଟକ ଜିଲ୍ଲାର ଆଠଗଡ଼, ବାରଙ୍ଗ ଓ ବଡମ୍ବା ବ୍ଲକର ବିଭିନ୍ନ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ନିକଟସ୍ଥ ଡାକ୍ତରଖାନାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଶିବିରରେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗର ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ । ଏହାସହ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିରକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବ୍ଲକର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ । ଦୁର୍ଗମ ଅଞ୍ଚଳର ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ସ୍ଥାନୀୟ ଲୋକମାନେ ଏହି ସ୍ୱାସ୍ଥ୍ୟ ଶିବିରରୁ ଉପକୃତ ହୋଇଥିବା ସାଧାରଣରେ ମତ ପ୍ରକାଶ ପାଇଛି । ଏଠାରେ ସୂଚନାଯୋଗ୍ୟ, ଏହି ଅଭିଯାନ ଅଧୀନରେ କଟକ ଜିଲ୍ଲାରେ ଚିହ୍ନିତ ୨୧ଟି ଜନଜାତି ବହୁଳ ଗ୍ରାମରେ ମେ ୧୮ ରୁ ୨୫ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# ବାରିନୁରସିଂହ ଜନ୍ମ ବାର୍ଷିକ ଉତ୍ସବ ୧୨ହଜାର ଭକ୍ତଙ୍କୁ ପ୍ରସାଦ ବଣ୍ଟନ



ପୁରୀ(ନିପ୍ର): ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପବିତ୍ର ନୁରସିଂହ ଦେବଙ୍କର ଜୟନ୍ତୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୁରସିଂହ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ଓ ହରିଆଟ ଆଦି କାର୍ଯ୍ୟକ୍ରମ ହୋଇଥିଲା, ଅବକାଶ ଲେନ, ମାଟିଆପଡା, ସର୍ବୋଦୟ ନଗର, ଆଇତୋଟା ଓ ସହରର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇ ଏହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରାଇଥିଲେ, କାର୍ଯ୍ୟକ୍ରମ ଶେଷରେ ବାର ହଜାରୁ ଉର୍ଦ୍ଧ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଆଲୋକ ତ୍ରିପାଠୀ ଓ ତାଙ୍କର ସହଯୋଗୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ, ଉକ୍ତ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

## ମାଲକାନଗିରିରେ ମୌସୁମୀ ପୂର୍ବ ପ୍ରସ୍ତୁତି

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମୀକ୍ଷା

ମାଲକାନଗିରି,(ହି.ସ.): ଆସନ୍ତା ମୌସୁମୀ ଋତୁରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବନ୍ୟା ପୂର୍ବ ପ୍ରସ୍ତୁତି, ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇ ୨୬ ଦଫା ବିଶିଷ୍ଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି।

ବୈଠକର ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଉପସ୍ଥିତ ସମସ୍ତ ଅତିଥି ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଏହା ସହିତ ସେ ଜିଲ୍ଲାର ପ୍ରକୃତିକ ବିପର୍ଯ୍ୟୟ ପରିଚାଳନା ରୂପରେଖ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଉଚ୍ଚସ୍ତରୀୟ ବୈଠକରେ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ତୃଣମୂଳ ସ୍ତରରେ ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି ଗୋବିନ୍ଦ ପାତ୍ର ଏବଂ ସାଂସଦଙ୍କ ପ୍ରତିନିଧି ସଞ୍ଜୟ ସରକାର ପ୍ରମୁଖ ଯୋଗଦେଇ କ୍ଷେତ୍ରସ୍ତରୀୟ ସମସ୍ୟା ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ନିଜର ମତାମତ ରଖିଥିଲେ। ପ୍ରଶାସନ ପକ୍ଷରୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରିଥିଲେ। ବୈଠକ ଅବସରରେ ମାଲକାନଗିରି ବିଧାୟକ ଶ୍ରୀ ମାଡ଼କାମୀ ପ୍ରଶାସନିକ ସଜବାଜକୁ ନେଇ କହିଛନ୍ତି, 'ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲ୍ଲାର ପ୍ରତ୍ୟେକଟି ଜୀବନ ଆମ ପାଇଁ ମୂଲ୍ୟବାନ। ବିଶେଷ କରି ଆମ ଜିଲ୍ଲାର ଦୁର୍ଗମ ଏବଂ ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଜନସାଧାରଣ ଯେପରି ବନ୍ୟା ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହେଲେ ମଧ୍ୟ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ପୂର୍ବ ପ୍ରସ୍ତୁତିକୁ ସୁଦୃଢ଼ କରିବାକୁ ହେବ। ସରକାର ଓ ପ୍ରଶାସନ ମିଳିତ ଭାବେ 'ଶୂନ୍ୟ ଜୀବନ ହାନି'ର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି ଏବଂ ଜନସାଧାରଣଙ୍କ ସୁରକ୍ଷା ହିଁ ଆମର ପ୍ରଥମ ପ୍ରାଥମିକତା।'

ଏହା ସହିତ ବିଧାୟକ ଶ୍ରୀ ମାଡ଼କାମୀ ବର୍ଷା ସମୟରେ ଜିଲ୍ଲାରେ ଆମ୍ବୁଲାନ୍ସ ସେବା ସୁନିଶ୍ଚିତ କରିବା, ବିପଦପୂର୍ଣ୍ଣ ନଦୀକୂଳ ଅଞ୍ଚଳରେ ଗାର୍ଡୱାଲ୍ ନିର୍ମାଣ କରିବା ଏବଂ ସମ୍ଭାବ୍ୟ ବିପଦରୁ ରକ୍ଷା ପାଇବା ପାଇଁ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ଓ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଅତି କମ୍ ସମୟ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଜିଲ୍ଲାର ବିଭିନ୍ନ ନଦୀ ଓ କେନାଲ ବନ୍ଧରେ ପୂର୍ବରୁ ହୋଇଥିବା ଘାଇଗୁଡ଼ିକର ସ୍ଥାୟୀ ମରାମତି ଏବଂ ଦୁର୍ବଳ ସ୍ଥାନଗୁଡ଼ିକରେ ୨୪ ଘଣ୍ଟିଆ ଜଗାରଖା କରାଯିବ। ବନ୍ୟା ଜଳର ମୁକ୍ତ ପ୍ରବାହ ପାଇଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ନିଷ୍କାସନ ବ୍ୟବସ୍ଥାକୁ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଜିଲ୍ଲାର ସମସ୍ତ ବର୍ଷା ମାପକ କେନ୍ଦ୍ରକୁ ସଚଳ ରଖାଯିବା ସହ ଜିଲ୍ଲା ଓ ବ୍ଲକ ସ୍ତରରେ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯିବ, ଯାହା ଦ୍ୱାରା ଦୈନିକ ପାଣିପାଗ ସୂଚନା ଓ ବନ୍ୟା ବୁଲେଟିନ୍ ତୁରନ୍ତ ପ୍ରସାରଣ କରାଯାଇପାରିବ। ଖାଲୁଆ ଏବଂ ସଂବେଦନଶୀଳ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରିବା ପାଇଁ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ଚିହ୍ନଟ କରାଯାଇଛି । ସେଠାରେ ପାନୀୟ ଜଳ, ଆଲୋକ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କୁହାଯାଇଛି। ବିଚ୍ଛିନ୍ନ ସଂଯୋଗ ହେବାକୁ ଥିବା ଆଭ୍ୟନ୍ତରୀଣ ଓ ରଣନୀତିକ ଅଞ୍ଚଳରେ ପୂର୍ବରୁ ହିଁ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ, ଚାଉଳ ଏବଂ ଜୀବନ ରକ୍ଷାକାରୀ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ଅଗ୍ରୀମ ଚୁକ୍ତି ସରିଛି। ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍ , ଏନଡିଆରଏଫ୍, ଅଗ୍ନିଶମ ବାହିନୀ ଏବଂ ପ୍ରତିରକ୍ଷା ବାହିନୀକୁ ପ୍ରସ୍ତୁତ ରଖାଯିବା ସହ ପଲିଥିନ୍, କରତ କାଟିବା ମେସିନ୍ ଏବଂ ଟାୱାର ଲାଇଟ୍ ଭଳି ରିଲିଫ୍ ସାମଗ୍ରୀର ମହଜୁଦ ସ୍ଥିତି ଯାଞ୍ଚ କରାଯାଇଛି।

ବିପର୍ଯ୍ୟୟ ସମୟରେ ଟେଲିଫୋନ୍ ଲାଇନ୍ ସଚଳ ରଖିବା ଏବଂ ବିପର୍ଯ୍ୟୟ ପରେ ବିଦ୍ୟୁତ, ଟେଲି ଯୋଗାଯୋଗ ଓ ରାସ୍ତାଘାଟ ଭଳି ଅତ୍ୟାବଶ୍ୟକ ସେବାକୁ ତୁରନ୍ତ ପୁନରୁଦ୍ଧାର କରିବା ପାଇଁ ଲାଇନ ବିଭାଗର ଅଧିକାରୀମାନଙ୍କୁ ବିଶେଷ ଦାୟିତ୍ୱ ଦିଆଯାଇଛି। ତୃଣମୂଳ ସ୍ତରରେ ସହାୟତା ପହଞ୍ଚାଇବା ପାଇଁ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ଗୋଷ୍ଠୀ ଭିତ୍ତିକ ସଂଗଠନ ଏବଂ ପଞ୍ଚାୟତରାଜ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହ ସମନ୍ୱୟ ରକ୍ଷା କରାଯିବ। କ୍ଷୟକ୍ଷତିର ତୁରନ୍ତ ଆକଳନ ପାଇଁ ନିୟୋଜିତ ହେବାକୁ ଥିବା ସରକାରୀ କର୍ମଚାରୀମାନଙ୍କୁ ସ୍ୱେଚ୍ଛାକୃତ ପ୍ରଶିକ୍ଷଣ ଦିଆଯିବ ଏବଂ ମିଳିତ ଭାବେ ସମସ୍ତ ପରିସ୍ଥିତିର ସାମ୍ନା କରିବାକୁ ଆହ୍ୱାନ ଦିଆଯାଇଛି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ ବୈଠକ ଆୟୋଜନ କରିବାରେ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

# କଳିଙ୍ଗ ଶିକ୍ଷା ସମାଜର ୩୪ତମ ସ୍ଥାପନା ଦିବସ




ଭୁବନେଶ୍ୱର : କଳିଙ୍ଗ ଶିକ୍ଷା ସମାଜ, ନୂଆଦିଲ୍ଲୀ ତାର ୩୪ତମ ସ୍ଥାପନା ଦିବସ ଗତ ରବିବାର ଦିଲ୍ଲୀସ୍ଥିତ ଜେନ୍‌ୟୁ ପ୍ରାଙ୍ଗଣରେ ଥିବା ଏସ୍‌ଏସ୍-୧ ପ୍ରେକ୍ଷାଳୟରେ ପାଳିତ ହୋଇଛିଯାଇଛି। ଏଥିରେ ଆୟୁଷ ମନ୍ତ୍ରଣାଳୟ ସିସିଆର୍‌ଏସ୍ ବିଭାଗ ଡିଜି ପ୍ରଫେସର ରବିନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। କଳିଙ୍ଗ ଶିକ୍ଷା ସମାଜର ସଭାପତି ପ୍ରଫେସର ବି ସି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଆମେ ପ୍ରବାସୀ ଓଡ଼ିଆ ଘରେ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ନିଜ ମାତୃଭାଷାରେ କଥା ହେବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ତାଙ୍କ ଭାଷଣରେ ବାପାମା ନିଜ ପିଲାଙ୍କୁ ମାତୃଭାଷା ଶିଖାଇବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଳିଙ୍ଗ ଶିକ୍ଷା ସମାଜର ସୋଭନିୟର କଳିଙ୍ଗ ଧାରା ୨୦୨୬ ଉନ୍ମୋଚିତ ହୋଇଥିଲା। କଳିଙ୍ଗ ଶିକ୍ଷା ସମାଜର ସମ୍ପାଦକ ମାନସ ରଂଜନ ମହାପାତ୍ର, ଶାହାପୁରକାଠ ସ୍ଥିତ ସର୍ବୋଦୟ ବିଦ୍ୟାଳୟରେ ୫ମ ପର୍ଯ୍ୟନ୍ତ ଓଡ଼ିଆ ଭାଷା ଶିଖାଇବା ସହିତ ମୁକ୍ତ ବ୍ୟାସିକ କମ୍ପ୍ୟୁଟର ଓ ଇଂରାଜୀ ସ୍ପିକିଂ କ୍ଲାସ ମଧ୍ୟ ଆରମ୍ଭ କରାଇଥିବା ପ୍ରକାଶ। ଶିକ୍ଷା ସମାଜର ଉପସଭାପତି ହିମାଂଶୁ କୁମାର ସାହୁ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କୁ ଧନ୍ୟବାଦ ଦେଇଥିଲେ। ସର୍ବୋଦୟ ବିଦ୍ୟାଳୟର ୫ମ ଶ୍ରେଣୀରେ ପଢୁଥିବା ୫ ମେଧାବୀ ଓଡ଼ିଆ ଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପରିଶେଷରେ ମିନର୍ଭା ଦାସ ଓ ମମତା ଦାସ ଓଡ଼ିଆ ଭଜନ ପରିବେଷଣ କରିଥିଲେ। ସୁତପା ଦାସ ସମ୍ବଲପୁରୀ ନୃତ୍ୟ ଓ ଅଭୀପ୍‌ସା ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ (ନିପ୍ର) : ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ତେଶିଙ୍ଗା ଗ୍ରାମ ପଞ୍ଚାୟତ ଅଫିସ, ଭଣ୍ଡାରୀପୋଖରୀ , ଭଦ୍ରକ ଠାରେ ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ ସ୍ଥାପନ ଏବଂ କାର୍ଯ୍ୟ ଏବଂ ବିଚାରକୁ ନିଆଯାଇଥିବା ବିବାଦର ପ୍ରକୃତି ଏବଂ ଆଇନଗତ ସେବା, ପ୍ରାଧିକରଣ ଆଇନ, ୧୯୮୭ ର ଅଧୀନରେ ଯୋଜନାର ଲାଭ ଏବଂ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ, ସାନ୍ତ୍ୱନା ଦାସ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ଭଣ୍ଡାରୀପୋଖରୀ, ଆଧାମ୍ବିକା ଦାସ, ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, ଭଣ୍ଡାରୀପୋଖରୀ, ତାପସ କୁମାର ମହାନ୍ତି, ସହାୟକ, ପ୍ରତିପକ୍ଷ ଓକିଲ, ଭଦ୍ରକ, ଧନେଶ୍ୱର ଖୁଣ୍ଟିଆ, ତେଶିଙ୍ଗା ସରପଞ୍ଚ, ହରେକୃଷ୍ଣ ନାୟକ, ସ୍ୱେଚ୍ଛାସେବୀ, ଭଦ୍ରକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କରାଇ ଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ୩ ଜଣ ଅକ୍ଷମ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦୀର୍ଘ ୫ ବର୍ଷ ହେଲା ୧୦ଟି ଗ୍ରାମ ପଞ୍ଚାୟତରେ ଅଧିକାରୀ ପଦବୀ ଖାଲି : ଅଧକ୍ଷ

ନିମାପଡ଼ା,(ନିପ୍ର): ନିମାପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ ୧୦ଟି ଦୀର୍ଘଦିନ ଧରି ଖାଲି ପଡ଼ିବାରୁ ଅନେକ ଜନ ହିତକର କାର୍ଯ୍ୟକୁ ସଫଳ ରୂପାୟନ ଦିଆଯାଇ ପାରୁ ନାହିଁ। ମୋଟ ୩୨ଟି ଗ୍ରାମ ପଞ୍ଚାୟତରୁ ୨୨ଟି ଗ୍ରାମ ପଂଚାୟତରେ ଅଧିକାରୀ ଥିଲେ ମଧ୍ୟ ଜଣେ ଜଣେ ଅଧିକାରୀ ୨-୩ଟି ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ରହିଥିବା ସୂଚନା ମିଳିଛି । ଏହାଦ୍ୱାରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ କେତେବେଳେ ଖୋଲା ରହୁଛି ତ କେତେବେଳେ ବନ୍ଦ ରହୁଥିବା ଅନେକ ଅଭିଯୋଗ ସରପଞ୍ଚମାନଙ୍କ ଜରିଆରେ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ବାର୍ଦ୍ଧକ୍ୟ ଭତା ବଂଟନ, ଗ୍ରାମ ପଂଚାୟତ ମାସିକ ବୈଠକ ସମେତ ବିଭିନ୍ନ ଯୋଜନାରେ ହିତାଧିକାରୀ ଚୟନ କାର୍ଯ୍ୟ ଅନେକାଂଶରେ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ଦୀର୍ଘଦିନ ଧରି ୧୦ଟି ପଦବୀ ଖାଲି ପଡ଼ି ଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଅନେକ ଯୋଗ୍ୟ ହିତାଧିକାରୀ ବିଭିନ୍ନ ଯୋଜନାରେ ସାମିଲ ହେବା ପାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡୁଥିଲେ ହେଁ ଆବଶ୍ୟକ ସହଯୋଗ ମିଳୁ ନଥିବା ପରିଲକ୍ଷିତ ହୋଇଛି । ପ୍ରତ୍ୟେକ ସରକାରୀ କାର୍ଯ୍ୟରେ ଗ୍ରାମାଞ୍ଚଳ ଜନସାଧାରଣ ପଞ୍ଚାୟତ ଅଧିକାରୀଙ୍କ ସହ ବିଚାର ବିମର୍ଷ କରିବାକୁ ଚାହିଁ ବିଫଳ ହୋଇଥିବା ଅଭିଯୋଗ ବ୍ଲକ୍ କର୍ତ୍ତୃପକ୍ଷ ସ୍ୱୀକାର କରିଥିଲେ ମଧ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ । ପଦବୀ ପୂରଣ ନିମନ୍ତେ ଜିଲ୍ଲା କାର୍ଯ୍ୟାଳୟକୁ ଅବଗତ କରାଯାଇଥିବା ବ୍ଲକ୍ ଅଧକ୍ଷ ଶଙ୍କର ଭୋଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

# ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ

ବୁଗୁଡ଼ା,(ନିପ୍ର):ସ୍ଥାନୀୟ ବୁଗୁଡା ପିପୁଲ୍ସ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଚତୁର୍ଥ ସେମିଷ୍ଟାର ଛାତ୍ରଛାତ୍ରୀମାନଙ୍କ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ମାଣିତରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଚତୁର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀମାନେ ୩୫ ଦିନରେ ୧୨୦ ଘଣ୍ଟା ପର୍ଯ୍ୟନ୍ତ ମାଣିତରା ଗ୍ରାମ ପଞ୍ଚାୟତର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ବିଷୟରେ ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀଙ୍କ ସହଯୋଗରେ ଅନୁଧ୍ୟାନ କରି ବିବରଣୀ ପ୍ରସ୍ତୁତ କରିବେ।

# ୮୦ ବର୍ଷ ପରେ ବର୍ଦ୍ଧିତ ଭତ୍ତା ପାଇବାକୁ ଅଯୋଗ୍ୟ

## ଆବେଦନ ପତ୍ର ବ୍ଲକ କାର୍ଯ୍ୟାଳୟରୁ ଉଭାନ !

ଭାପୁର (ନିପ୍ର): ଗରିବ ହିତାଧିକାରୀଙ୍କ ବିଭିନ୍ନ ସରକାରୀ ସହାୟତା ଆବେଦନ ପତ୍ର ଭାପୁର ବ୍ଲକ କାର୍ଯ୍ୟାଳୟରୁ ଉଭାନ ହୋଇଯିବା ନିତିଦିନିଆ ଘଟଣା ହୋଇଯାଇଛି। କାରଣ, ଯିଏ ସରକାରୀ ଦଳର ଭୋଟର ହୋଇଥିବେ ସେମାନଙ୍କ ଆବେଦନ ପତ୍ର ଠିକରେ ରହୁଛି। ଆଉ ଯିଏ ବିରୋଧୀ ଦଳର ତାଙ୍କ ଆବେଦନ ପତ୍ର ବ୍ଲକ କାର୍ଯ୍ୟାଳୟରୁ ଉଭାନ ହୋଇଯାଉଛି। ଏହିଭଳି ଚର୍ଚ୍ଚା ହେଉଛି। ଏକ ଘଟଣା ଘଟିଛି ଫତେଗଡ଼ ପଞ୍ଚାୟତ ଅନ୍ତର୍ଗତ ବଡ଼ କୃଷ୍ଣଚନ୍ଦ୍ରପୁର ଗ୍ରାମର ପଞ୍ଚୁ ବେହେରା ( ୮୧ ) ଙ୍କ କ୍ଷେତ୍ରରେ ଦେଖାଦେଇଛି ।ରାଜ୍ୟ ସରକାର ଙ୍କ ନିର୍ଦ୍ଦେଶାବଳି ଅନୁସାରେ ସେ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପାଇବା ପାଇଁ ଯୋଗ୍ୟ ଅଟନ୍ତି ।ସେ ନିଜ ପଞ୍ଚାୟତ କାର୍ଯ୍ୟାଳୟରେ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଆବେଦନ ମଧ୍ୟ କରିଥିଲେ କିନ୍ତୁ, ପଞ୍ଚାୟତ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ପଞ୍ଚାୟତ ନିର୍ବାହୀ ଅଧିକାରୀ ତାଙ୍କର ଆବେଦନ ପତ୍ରକୁ ବ୍ଲକ କାର୍ଯ୍ୟାଳୟକୁ ନ ପଠେଇ ଡଷ୍ଟବିନକୁ ପକେଇଦେଇଥିବା ନେଇ ହିତାଧିକାରୀ ଅଭିଯୋଗ କରିଛନ୍ତି। ଦୀର୍ଘ ଦୁଇ ମାସ ପରେ ହିତାଧିକାରୀ ନିଜ ଆବେଦନ ପତ୍ରକୁ ଖୋଳତାଡ଼ କରିବାପରେ ଜଣାପଡିଲା ତାଙ୍କର ଆବେଦନ ପତ୍ରଟି ନାହିଁ। ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ଏହିଭଳି ଅବହେଳା ତାଙ୍କ କାର୍ଯ୍ୟଦକ୍ଷତା ଓ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଗୁହାରିଛି। ଏହିପରି ଜଣେ ଅଧିକାରୀଙ୍କ ଅବହେଳା ଓ ପ୍ରଶାସନିକ ଦାୟିତ୍ୱହୀନତା ପ୍ରକାଶ କରୁଥିବାରୁ ଜଣେ ୮୧ ବର୍ଷୀୟ ବୃଦ୍ଧ ତାଙ୍କର ଯୋଗ୍ୟ ଭତ୍ତା ପାଇବାରେ ଅଯୋଗ୍ୟ ହୋଇଛନ୍ତି। ଅଧିକାରୀଙ୍କ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଅବହେଳା ପାଇଁ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି।

# ଏବିଭିପି ପକ୍ଷରୁ ମେଧାବୀ ବିଦ୍ୟାର୍ଥୀଙ୍କୁ ସ୍ୱାଗତ

ଭୁବନ, (ହି.ସ.)- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନ ଶାଖା ତରଫରୁ ମହିଳା ମହାବିଦ୍ୟାଳୟରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ସମେତ ଏନ୍ ଏ ସି ର ଶ୍ରେଷ୍ଠ ୩୦ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ରମାଦେବୀ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ସୁପରଭାଇଜର ଡଃ. ମମତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀ ମାନେ ପାଠପଢ଼ା ସହିତ ସାମାଜିକ ଜୀବନରେ ଧ୍ୟାନ ଦେବା ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ ଲୋଡ଼ା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଭିପି ର ପୂର୍ବତନ ରାଜ୍ୟ ସଭାପତି ଦିଲୀପ କୁମାର ଦାସ ଯୋଗଦେଇ ଛାତ୍ର ଛାତ୍ରୀମାନେ ରାଷ୍ଟ୍ରହୀତ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ରାଜ କୁମାର ମିଶ୍ର, ବିଭାଗ ସଂଯୋଜକ ଅରୂପ ପଟ୍ଟନାୟକ ଯୋଗଦେଇ ଏବିଭିପି ର ନୀତି, ଆଦର୍ଶ ଓ ବିଚାରଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ନଗର ସଭାପତି ଅଧ୍ୟାପକ ନିରଞ୍ଜନ ନାୟକ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଜ୍ଞାନ ରଞ୍ଜନ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ଅକ୍ଷମ ହିତାଧିକାରୀଙ୍କୁ ଭତ୍ତା




ଭଦ୍ରକ,(ନିପ୍ର): ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ତେଶିଙ୍ଗା ଗ୍ରାମ ପଞ୍ଚାୟତ ଅଫିସ, ଭଣ୍ଡାରୀପୋଖରୀ, ଭଦ୍ରକ ଠାରେ ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ଲୋକ ଉପଯୋଗୀ ସେବା) ସ୍ଥାପନ ଏବଂ କାର୍ଯ୍ୟ, ବିଚାରକୁ ନିଆଯାଇଥିବା ବିବାଦର ପ୍ରକୃତି ଏବଂ ଆଇନଗତ ସେବା, ପ୍ରାଧିକରଣ ଆଇନ, ୧୯୮୭ ର ଅଧୀନରେ ଯୋଜନାର ଲାଭ ଏବଂ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ, ସାନ୍ତ୍ୱନା ଦାସ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ଭଣ୍ଡାରୀପୋଖରୀ, ଆଧାମ୍ବିକା ଦାସ, ଗ୍ରାମପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, ଭଣ୍ଡାରୀପୋଖରୀ, ତାପସ କୁମାର ମହାନ୍ତି, ସହାୟକ, ପ୍ରତିପକ୍ଷ ଓକିଲ, ଭଦ୍ରକ, ଧନେଶ୍ୱର ଖୁଣ୍ଟିଆ, ତେଶିଙ୍ଗା ସରପଞ୍ଚ, ହରେକୃଷ୍ଣ ନାୟକ, ସ୍ୱେଚ୍ଛା ସେବୀ, ଭଦ୍ରକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ୩ ଜଣ ଅକ୍ଷମ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

# ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ ଆଗରେ ପ୍ରତିବାଦ: ବକେୟା ଦରମା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ

କଟକ,(ନିପ୍ର) : ବକେୟା ଦରମା ଦାବିରେ କଟକ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲର ଆଟେଣ୍ଡାଣ୍ଟ ଓ ହାଉସ କିପିଙ୍ଗ ଷ୍ଟାଫଙ୍କ ଧାରଣା। ଚାରିଶହ ଉର୍ଦ୍ଧ୍ୱ ଆଟେଣ୍ଡାଣ୍ଟ, ହାଉସକିପିଙ୍ଗ ଷ୍ଟାଫ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି । ହସ୍ପିଟାଲ ଆଗରେ ବସି ପ୍ରତିବାଦ କରିଛନ୍ତି। ଦେଢ଼ ମାସ ହେବ ଦରମା ପାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଶତାଧିକ ଷ୍ଟାଫ କାର୍ଯ୍ୟବନ୍ଦ କରି ହସ୍ପିଟାଲ ଆଗରେ ବସିଛନ୍ତି। ଆନ୍ଦୋଳନ ଯୋଗୁଁ ରୋଗୀସେବା ବାଧାପ୍ରାପ୍ତ ହୋଇଛି। ଖୁବ ଶୀଘ୍ର ବିହୀତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କର୍ତ୍ତୃପକ୍ଷ ଆଶ୍ୱାସନା ଦେଇଥିଲେ ମଧ୍ୟ ଆନ୍ଦୋଳନରତ କର୍ମଚାରୀ ସେମାନଙ୍କ ଜିଦରେ ଅଟଳ ରହିଛନ୍ତି।

# ବ୍ୟାଙ୍କ ପରିସରରେ ଅନାବନା ଗଛ ଭର୍ତ୍ତି



ନିମାପଡ଼ା, (ନି.ପ୍ର.): ନିମାପଡ଼ା-ପୁରୀ ସମବାୟ କେନ୍ଦ୍ର ବ୍ୟାଙ୍କ ନିମାପଡ଼ା ଶାଖା ପରିସରରେ ବୁଦା ବୁଦା ଗଛ ଥିବାରୁ ସେଠାରେ ଜଙ୍ଗଲିଆ ପରିସ୍ଥିତି ସୃଷ୍ଟି ହୋଇଛି । ବ୍ୟାଙ୍କ ପରିସରରେ ସାମ୍ନା ପଟ ସମେତ ପଛ ପଟ ଅଞ୍ଚଳରେ ଅନାବନା ଗଛ ବଢ଼ି ଥିବାରୁ ସେଠାରେ ଅନେକ ଜଙ୍ଗଲିଆ ଜନ୍ତୁଙ୍କ ଆଶ୍ରୟସ୍ଥଳୀ ହୋଇଥିବା ଗ୍ରାହକମାନେ ମତବ୍ୟକ୍ତ କରି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ଶାଖାକୁ ଗ୍ରାମ ପଞ୍ଚାୟତର ଚାଷୀ ଏବଂ ସମିତି ସଭ୍ୟମାନେ ପ୍ରତ୍ୟେହ ଆସୁଥିବା ବେଳେ କେତେବେଳେ ଯେ ଅଘଟଣ ନ ଘଟିବ କହିବା ମୁସ୍କିଲ । ସାମ୍ନାପଟ ବାମ ପାର୍ଶ୍ୱରେ ବଡ଼ବଡ଼ ଲତା, ଗଛ ବଢ଼ି ଯାଇଥିବାରୁ ଗ୍ରାହକମାନେ ଯିବା ଆସିବାରେ ସଂଶୟ ସୃଷ୍ଟି ହୋଇଥିବାରୁ ପୁରୀ ଜିଲ୍ଲା ବ୍ୟାଙ୍କ ସଭାପତି ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିମାପଡ଼ାବାସୀ ଦାବି କରିଛନ୍ତି ।

# ଆସିକା ଓକିଲ ସଂଘ ପକ୍ଷରୁ ଏସ.ଡି.ଓ.ପି ଆସିକାକୁ ସ୍ୱାଗତ ସମ୍ବର୍ଦ୍ଧନା

ଆସିକା (ନିପ୍ର): ଆସିକା ଓକିଲ ସଂଘ ପକ୍ଷରୁ ଏସ.ଡି.ଓ.ପି ଆସିକାକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନିକଟରେ ବହୁବିବାଦିୟ ଘଟଣାରେ ଏସ.ଡି.ପି.ଓ ସନ୍ତୋଷ ଜେନା ନିଲମ୍ବିତ ହେବାପରେ ତାଙ୍କ ସ୍ଥାନରେ ଏସ.ଡି.ପି.ଓ ଆସିକା ରୁପେ ଗିରିଜା ନନ୍ଦନ ପଟ୍ଟନାୟକ ଯୋଗଦେଇଥିବା ଜଣାଯାଇଛି। ଏହି ପରିପେକ୍ଷିରେ ଆଜି ଆସିକା ଓକିଲ ସଂଘ ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା (ଏସ.ଡି.ପି.ଓ) ଗିରିଜା ନନ୍ଦନ ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓକିଲ ସଂଘର ସଭାପତି ଛବିଳ ରାମ ମିଶ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତତସହିତ ଉପସଭାପତି ଜି.ସୂର୍ଯ୍ୟପ୍ରକାଶ ରାଓ ସମ୍ପାଦକ ଚିତ୍ତରଞ୍ଜନ ଦାସ , ସହସମ୍ପାଦକ ଅଜୟ ମୁନୀ ପ୍ରମୁଖ ଯୋଗଦେଇଥିଲେ। ସଂଘ କର୍ମକର୍ତ୍ତାମାନେ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଫୁଲ ତୋଡାଦେଇ ସ୍ୱାଗତ କରିଥିଲେ। ଆସିକା ବିଭିନ୍ନ ସମସ୍ୟା ପ୍ରତି ଗୁରୁତର ସହ ଓକିଲ ଓ ପୋଲିସ ମଧ୍ୟରେ ସୁସମ୍ପର୍କ ରଖିବା ପାଇଁ ମତବ୍ୟକ୍ତ କରିଥିଲେ।

ତିଥି :(ତୃତୀୟା/ଚତୁର୍ଥୀ): (ପୁନର୍ବସୁ ମିଥୁନ)
ଅମୃତ ବେଳା: ଦିବା ଘ ୭।୩୬ ଗତେ ଘ ୧୦।୪୮ ମଧ୍ୟେ

## ଆଜିର ଅନୁଚିନ୍ତନ

ତୁମେ ସବୁ ସମୟରେ ମୋତେ ସ୍ମରଣ କର ଓ ଯୁଦ୍ଧ ବି କର।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଗ୍ରୀଷ୍ମପ୍ରବାହର ଯାତନା

ଛକଗୁଡ଼ିକରେ ସବୁଜ ସିଗ୍ନାଲ ଅପେକ୍ଷାରେ ଥିବା ଗାଡ଼ିଚାଳକ ହୁଅନ୍ତୁ କି ଛକରେ ବସ୍ ଅପେକ୍ଷାରେ ଥିବା ଯାତ୍ରୀ ଅବା କୌଣସି ଖରା ସ୍ଥାନରେ କାର୍ଯ୍ୟରତ ଶ୍ରମଜୀବୀ କିମ୍ବା ବାଟରେ ଯାଉଥିବା ସାଧାରଣ ଲୋକ ହୁଅନ୍ତୁ, ଗ୍ରୀଷ୍ମପ୍ରକୋପ ସମୟରେ ଯେଉଁ ଦୁଇଟି ଜିନିଷ ଆବଶ୍ୟକ ପଡିଥାଏ, ତାହା ହେଉଛି ପିଇବା ପାଣି ଓ ଗଛର ଛାଇ। ଏହା ରାଜ୍ୟର ରାଜଧାନୀ ହେଉ କିମ୍ବା ଅନ୍ୟତ୍ର , କେତେ ଭାବରେ ଉପଲବ୍ଧ ତାହା ସମସ୍ତେ ଜାଣୁଛନ୍ତି। ଦିନେ ଯେଉଁ ରାଜଧାନୀ ଭୁବନେଶ୍ୱର ଘଞ୍ଚ ସବୁଜିମା ଓ ଶୀତଳ ପରିବେଶ ହେତୁ ଅନ୍ୟାନ୍ୟ ରାଜ୍ୟର ଲୋକଙ୍କୁ ଆକର୍ଷିତ କରୁଥିଲା ଏବଂ ସ୍ୱତନ୍ତ୍ର ପରିଚୟ ବହନ କରୁଥିଲା, ସେହି ରାଜଧାନୀରେ ବଡ଼ ବଡ଼ ଆପାର୍ଟମେଣ୍ଟ, ମଲ୍ ସର୍ବୋପରି କଂକ୍ରିଟ ଜଙ୍ଗଲ ;ତାହା ମଧ୍ୟରେ ଗାଡ଼ିମୋଟର ଚଳାଚଳଜନିତ ପ୍ରଦୂଷଣ, ପୂର୍ବରୁ ଥିବା ବହୁ ପ୍ରାକୃତିକ ପୋଖରୀ ବା ଜଳ ଉତ୍ସ କ୍ରମେ ବର୍ଜ୍ୟ ତଥା ପରିତ୍ୟକ୍ତ ପାଲଟିବା, ସବୁଜ ବଳୟ ହ୍ରାସ ପାଇବା ପ୍ରଭୃତି କାରଣରୁ ବିକାଶର ଅଗ୍ନିରେ ସବୁଜିମା ଏକପ୍ରକାର ଦହନ ହୋଇଚାଲିଛି। ଏହି ଦହନର ଜ୍ୱାଳା ହିଁ ବର୍ତ୍ତମାନର ଅନୁଭୂତ ଗ୍ରୀଷ୍ମ ପ୍ରକୋପର କଷ୍ଟ। କଂକ୍ରିଟ ଜଙ୍ଗଲ ମଧ୍ୟରେ ଗଛର ଛାଇ କେତେ ମାତ୍ରାରେ ମିଳୁଛି ? ପାଣି,ପବନ ଓ ଖାଦ୍ୟ ପରୋକ୍ଷ ତଥା ପ୍ରତ୍ୟକ୍ଷରେ ବୃକ୍ଷ ଜଗତରୁ ମିଳୁଥିବା ବେଳେ ପୂର୍ବାପେକ୍ଷା ଏହି ବୃକ୍ଷଜଗତ ବା ଜଙ୍ଗଲ ସମ୍ପଦ, ବନାଗ୍ନି ହେଉ କି ବିକାଶ ହେଉ ଅଥବା ଖଣିଖାଦାନ ପ୍ରଭୃତି କାରଣରୁ ବ୍ୟାପକ ଭାବରେ ଅବାରିତ ଗତିରେ ନଷ୍ଟ ହୋଇଚାଲିଛି। ବୃକ୍ଷଲକ୍ଷତାର ଡ଼ାଳ,ପତ୍ର, ବାୟୁମଣ୍ଡଳରୁ ଅଙ୍ଗରକାମ୍ଳ ବିଶୋଷଣ କରିଥାଏ, ମାତ୍ର ରାଜ୍ୟରେ ଜଙ୍ଗଲ ସାନ୍ଦ୍ରତା କମିବା କାରଣରୁ ୪୦ ଡିଗ୍ରୀରୁ ଅଧିକ ଉତ୍ତାପ ଅନୁଭୂତ ହେବା ବା ନିଦାଘ ଖରା ବଢ଼ିବାରେ କୌଣସି ବୈଚିତ୍ର୍ୟ ନାହିଁ।

ଜୈବବିବିଧତା ସମ୍ପନ୍ନ ଏକ ସ୍ପୃହଣୀୟ ପରିବେଶର ଆତ୍ମା ହେଉଛି ବୃକ୍ଷ ବା ଘଞ୍ଚ ଜଙ୍ଗଲ। ଇତିହାସ କୁହେ ଯେ ବର୍ତ୍ତମାନର ଗୁଏଟମାଲା ଅଞ୍ଚଳରେ ଏକଦା ଯେଉଁ ମାୟା ସଭ୍ୟତା ଥିଲା ତାହା ଅଷ୍ଟମ/ନବମ ଶତାବ୍ଦୀ ବେଳକୁ ଧ୍ୱଂସ ପାଇବା ପଛରେ ପ୍ରମୁଖ କାରଣ ଥିଲା ଜଙ୍ଗଲ ଅବକ୍ଷୟ। ସୁତରାଂ ସହନୀୟ ବିକାଶ ପାଇଁ ଯେଉଁ କେନ୍ଦ୍ର ବିନ୍ଦୁଟି ରହିଛି ତାହା ଜଙ୍ଗଲ ବ୍ୟତିରେକ ଅନ୍ୟ କିଛି ନୁହେଁ, ନାନା ମାନବୀୟ ପ୍ରକ୍ରିୟା ତାପପ୍ରବାହକୁ ଉତ୍କଟ କରିବା ପଛରେ ଜଙ୍ଗଲ ଅବକ୍ଷୟ ଅଧିକ ଭାବରେ ଦାୟୀ। ଆମ ରାଜ୍ୟରେ ଆଗୁଆ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇସାରିଛି। ଖରାରେ କାମ ନ କରିବା ପାଇଁ ଶ୍ରମଜୀବୀଙ୍କ ନିମନ୍ତେ ଗ୍ରୀଷ୍ମକାଳୀନ ଏସ୍‌ଓପି ବାସ୍ତବରେ କେତେଦୂର କାର୍ଯ୍ୟକାରୀ ହେଉଛି ତାହାର ଚିତ୍ର ସାଧାରଣରେ ଲକ୍ଷ୍ୟ କରାଯାଉଛି। ଯେବେ ଗ୍ରୀଷ୍ମପ୍ରବାହ ବଢ଼େ, ତାହାଦ୍ୱାରା ବିଜୁଳି ଓ ପାନୀୟ ଜଳ ଯୋଗାଣରେ ଚାପ ବଢ଼ିବା ସ୍ୱତଃସିଦ୍ଧ। ସୁତରାଂ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷେ ଅନୁରୂପ ଯୋଜନା ଓ ପ୍ରସ୍ତୁତି କରାନଗଲେ ୪୦ ରୁ ୪୫ ଡିଗ୍ରୀ କିମ୍ବା ତାହା ଠାରୁ ଅଧିକ ଖରାରେ ଜନଜୀବନ ଏହିଭଳି ଦୁର୍ଦ୍ଦଶାଗ୍ରସ୍ତ ହେବା ଅବଶ୍ୟମ୍ଭାବୀ। ଅତଏବ ସ୍ଥିତି ଗମ୍ଭୀର ହେବା ପୂର୍ବରୁ ରାଜ୍ୟ ସରକାର ଏ ବାବଦେ ଗୁରୁତ୍ୱର ସହ ଚିନ୍ତା କରିବା ଆବଶ୍ୟକ।

# ନିଟ୍ ସଂକଟ ଓ ଏହାର ନିବାରଣ

### ଡା. ପ୍ରଦୀପ କୁମାର ମିଶ୍ର

ଏହା ସହିତ ଏହି ସମସ୍ୟାର ଏକ ସ୍ଥାୟୀ ସମାଧାନ ନିମନ୍ତେ 'କମ୍ପ୍ୟୁଟର ଆଧାରିତ ପରୀକ୍ଷା'ଆଡ଼କୁ ଅଗ୍ରସର ହେବାକୁ ହେବ। ଯେହେତୁ ପରୀକ୍ଷା କେନ୍ଦ୍ର ଅପେକ୍ଷା, ପ୍ରଶ୍ନପତ୍ର ମୁଦ୍ରଣ, ପରିବହନ ଓ ଗଚ୍ଛିତ ରଖିବା ସମୟରେ ହିଁ ଜାଲିଆତିର ଆଶଙ୍କା ଅଧିକ ଥାଏ, ତେଣୁ ଏହି ପରିସ୍ଥିତିର କଡ଼ା ମୁକାବିଲା ନିମନ୍ତେ, ସିବିଟି ଆଧାରିତ ଡିଜିଟାଲ୍ ବ୍ୟବସ୍ଥା, ପ୍ରଶ୍ନପତ୍ରର ଭୌତିକ ଗତିବିଧିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଏହି ବିପଦକୁ ପ୍ରତିହତ କରିପାରିବ। ଏହାସହ ଟେକ୍ନୋଲୋଜି ମାଧ୍ୟମରେ ପରୀକ୍ଷା ପରବର୍ତ୍ତୀ ଯାଞ୍ଚ ପ୍ରକ୍ରିୟା ଓ ସମୟ ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କରାଯାଇପାରିବ।

ଏହି ଆଧୁନିକୀକରଣ ସହିତ 'କୃତ୍ରିମ ବୁଦ୍ଧିମତ୍ତା' ଏଆଇର ସତର୍କ ବିନିଯୋଗ ବିଶେଷ କରି ପ୍ରଶ୍ନପତ୍ର ପ୍ରସ୍ତୁତି ପାଇଁ କରାଯାଇପାରେ। ଏହି କାର୍ଯ୍ୟ ନିମନ୍ତେ ଏକ ଏଆଇ ବିଶେଷଜ୍ଞ ଦଳର ତତ୍ତ୍ୱାବଧାନରେ ବିଭିନ୍ନ କ୍ଷେତ୍ର ନିମନ୍ତେ ଆବଶ୍ୟକ ପ୍ରଶ୍ନପତ୍ର ପ୍ରସ୍ତୁତି ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରାଯାଇ ତ୍ୱରିତ୍ ଗତିରେ ସମାପନ କରାଯାଇପାରିବ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିମନ୍ତେ ପରୀକ୍ଷା ବିଷୟ ସମ୍ବନ୍ଧିତ ବିଶେଷଜ୍ଞମାନେ ଏକ କଠୋର ବ୍ୟବସ୍ଥା ପ୍ରସ୍ତୁତ କରିପାରିବେ ଯେଉଁଥିରେ ପାଠ୍ୟକ୍ରମର ଗଭୀରତା ଓ ମାନକକୁ ସଠିକ ଭାବେ ସ୍ଥିର କରାଯାଇପାରିବ। ପୂର୍ବ ବର୍ଷର ପ୍ରଶ୍ନପତ୍ରର ଧାରାକୁ ଆଧାର କରି ଏକ ସୁରକ୍ଷିତ ସିଷ୍ଟମ ଜରିଆରେ ଅନେକ ଉଚ୍ଚମାନର ପ୍ରଶ୍ନ ଅତି କମ୍ ସମୟରେ ପ୍ରସ୍ତୁତ କରାଯାଇପାରିବ। ତାହା ସହିତ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପ୍ରସ୍ତୁତ ପ୍ରଶ୍ନଗୁଡ଼ିକୁ ବିଶେଷଜ୍ଞଙ୍କ ଦ୍ୱାରା ବହୁ ପର୍ଯ୍ୟାୟରେ ଯାଞ୍ଚ କରାଯିବା ଆବଶ୍ୟକ। ଯାଞ୍ଚର ପ୍ରତିଟି ସ୍ତରକୁ ଦସ୍ତାବିଜଭୁକ୍ତ କରାଗଲେ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆସିବା ସହ ଏକ ଉନ୍ନତ 'ପ୍ରଶ୍ନ ବ୍ୟାଙ୍କ' ସୃଷ୍ଟି ହେବ। ଏହି ପ୍ରକ୍ରିୟା ମାଧ୍ୟମରେ ସମୟକ୍ରମେ ପରୀକ୍ଷାର ଠିକ୍ କିଛି ସମୟ ପୂର୍ବରୁ ପ୍ରଶ୍ନପତ୍ରକୁ କୃତ୍ରିମ ବୁଦ୍ଧିମତ୍ତା କୌଶଳ ଦ୍ୱାରା ପ୍ରସ୍ତୁତ କରାଯାଇ, ଲକ୍ କରିବା ଭଳି ବ୍ୟବସ୍ଥା ଆପଣାଇଲେ ପ୍ରଶ୍ନପତ୍ର ଲିକ୍ ହେବାର ସମସ୍ତ ବାଟ ବନ୍ଦ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତର ପରୀକ୍ଷା ସଂସ୍କାର ଏବେ କେବଳ ଏକ ସାମୟିକ ପ୍ରତିକ୍ରିୟା ହେବା ଉଚିତ ନୁହେଁ। ନିଟ୍ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା, ଦ୍ୱି-ସ୍ତରୀୟ ଢାଞ୍ଚା, କ୍ଷେତ୍ରୀୟ ପ୍ରଶାସନ, କମ୍ପ୍ୟୁଟର-ଆଧାରିତ ପରୀକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟାର ସଠିକ ବ୍ୟବହାର ଦ୍ୱାରା ହିଁ ପରୀକ୍ଷାର୍ଥୀଙ୍କ ମନରେ ହଜିଯାଇଥିବା ବିଶ୍ୱାସ ଫେରାଇ ଆଣିପାରିବ। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ 'ନିଟ୍' କେବଳ ଏକ ପରୀକ୍ଷା ନୁହେଁ; ଏହା ହେଉଛି ସେମାନଙ୍କ ବୃତ୍ତିଗତ ଜୀବନର ପ୍ରବେଶ ପଥ। ଏଭଳି ଏକ ସୁଯୋଗର ମୂଲ୍ୟାଙ୍କନ ବ୍ୟବସ୍ଥା ଅଧିକ ଆଧୁନିକ, ସ୍ୱଚ୍ଛ ଓ ନିରପେକ୍ଷ ହେବା ଏକାନ୍ତ ଅପରିହାର୍ଯ୍ୟ। ଏହା ହିଁ ସମୟର ଦାବି।(ଶେଷ ଭାଗ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ମୋ - ୯୦୯୦୭୮୫୪୫୫

# ବାୟୁ ପ୍ରଦୂଷଣ ଓ ଆଜିର ସଭ୍ୟତା

### ଡ. ଅମୂଲ୍ୟ କୁମାର ପଣ୍ଡା

ବାୟୁ ପ୍ରଦୂଷଣ ମଣିଷ ଯେ ଖାଲି ଭୋଗୁଛି ତାହା ନୁହେଁ, ପଶୁପକ୍ଷୀ, ଗଛଲତା କ୍ରମଶଃ ବିଲୁପ୍ତି ପଥରେ ଅଗ୍ରସର ହେଉଛନ୍ତି। ଏପରି ସମସ୍ୟାର ସମାଧାନ ପନ୍ଥା ମଣିଷ ପାଖରେ ଅଛି ଏବଂ ଏହା ସମ୍ଭବ ମଧ୍ୟ। ଆମେ ଆମର ଚିନ୍ତାଧାରା, କାର୍ଯ୍ୟକଳାପ ଏବଂ ଜୀବନଶୈଳୀରେ ବଡ଼ଧରଣର ପରିବର୍ତ୍ତନ ଆଣିବାର ବେଳ ଆସିଛି। ବିଳାସମୟ ଜୀବନରେ ଶକ୍ତି, ଇନ୍ଧନ, ବୈଦ୍ୟୁତିକ ଉପକରଣର ବ୍ୟବହାରକୁ କମ୍ କରିବାକୁ ପଡିବ। ବ୍ୟକ୍ତିଗତ ଗାଡିମୋଟର ସଂଖ୍ୟା କମାଇ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଆପଣେଇବାର ମାନସିକତା ଉଦ୍ରେକ କରିବାକୁ ପଡିବ। ତା'ହେଲେ ଜୀବାଶ୍ମ ଜାଳେଣି ଖର୍ଚ୍ଚ କମିବ, ଟ୍ରାଫିକ ସମସ୍ୟା ସମାଧାନ ହୋଇ ଧୂଳିଧୂଆଁରୁ ମୁକ୍ତି ମିଳିବ। ବିଜୁଳି ଶକ୍ତିର ସଂରକ୍ଷଣ ତଥା ଶୃଙ୍ଖଳିତ ବ୍ୟବହାର କରିପାରିଲେ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର କୋଇଲା ଜଳି ଯେଉଁ ବାୟୁ ପ୍ରଦୂଷଣ ହେଉଛି ତାହା କମିପାରିବ। ଏହା ସହିତ କମ୍ ବିଜୁଳି ଖର୍ଚ୍ଚ କରୁଥିବା ବୈଦ୍ୟୁତିକ ଉପକରଣ ଏବଂ ବଲ୍‌ବ ବ୍ୟବହାରକୁ ଅଗ୍ରାଧିକାର ଦିଆଯିବା ଦରକାର। ତେବେ ଶକ୍ତି ସଞ୍ଚୟକାରୀ ରେଫ୍ରିଜରେଟର, ଏୟାରକଣ୍ଡିଶନର ମିଳୁଛି ବୋଲି ଗୋଟିଏ ଜାଗାରେ ଦୁଇ-ତିନୋଟି ବ୍ୟବହାର କରିବା କେତେ ଯୁକ୍ତିଯୁକ୍ତ ? ଯଥାସାଧ୍ୟ ଖୋଲା ଡ୍ରେନକୁ ଆବରଣଯୁକ୍ତ କରାଯିବା ଦରକାର, ଯେଉଁଥିରୁ ବାହାରୁଥିବା କଠିନ ଆବର୍ଜନା ସମୟକ୍ରମେ ଶୁଖି ଧୂଳି ଉଡାଇଥାଏ। ଘରୋଇ, ମ୍ୟୁନିସିପାଲ ଆବର୍ଜନା ସହିତ କୃଷିକ୍ଷେତ୍ରର ଶସ୍ୟ, ନଡାକାଠି ସବୁକୁ ନ ଜାଳି ଉପଯୁକ୍ତ ପ୍ରଣାଳୀରେ ଲ୍ୟାଣ୍ଡଫିଲ କରାଯାଇପାରେ। ଶୁଷ୍କ ଆବର୍ଜନା, ବାଲି, ଖଣିଜ ପଦାର୍ଥ ପରିବହନକୁ ଆବରଣଯୁକ୍ତ କଲେ ତଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣ କମିଯିବ। ଖଣିଖାଦାନ, କଳକାରଖାନା ଅଞ୍ଚଳର କଚ୍ଚା ରାସ୍ତା ଉପରେ ନିୟମିତ ପାଣି ସିଞ୍ଚନ ବ୍ୟବସ୍ଥା ହେବା ଆବଶ୍ୟକ। ଏମିତି ଛୋଟବଡ ଅନେକ ଦିଗ ରହିଛି ଯାହାର ପ୍ରତିକାରାତ୍ମକ ଉପଚାର କରିପାରିଲେ ବାୟୁ ପ୍ରଦୂଷଣ ପରି ଜୀବନନାଶକ ସମସ୍ୟାକୁ ପ୍ରଶମିତ କରାଯାଇପାରିବ। ଏହି ଦିଗରେ ଜନସଚେତନତା ସୃଷ୍ଟି ପାଇଁ ୨୦୧୯ ମସିହାରୁ ବିଶ୍ୱ ପରିବେଶ ଦିବସରେ 'ବାୟୁ ପ୍ରଦୂଷଣ' ବିଷୟ ଉପରେ ଧ୍ୟାନ ଆକର୍ଷଣ କରାଯାଇଛି। ତେଣୁ ବାୟୁ ପ୍ରଦୂଷଣକୁ ରୋକିବା ଲାଗି ଆମେ ସର୍ବଦା ସଚେତନ ହେବା ଆବଶ୍ୟକ। (ଶେଷ ଭାଗ)

ଯାଜପୁର, ମୋ - ୮୨୪୯୫୦୨୭୭୬

# ଭାରତ-ଇଟାଲୀ ସମ୍ପର୍କ: ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗୀଦାରୀ

### ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ ଏବଂ ଜର୍ଜିଆମେଲୋନି, ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ





ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଗତ କିଛିବର୍ଷ ମଧ୍ୟରେ ଦୁଇଦେଶ ମଧ୍ୟରେ ସମ୍ପର୍କ ଅଭୂତ ପୂର୍ବ ଗତିରେ ବିସ୍ତାରିତ ହୋଇଛି। ଏହି ସମ୍ପର୍କକେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିବର୍ତ୍ତିତ ହୋଇଛି।

ସମ୍ପ୍ରତିସମଗ୍ର ବିଶ୍ୱରବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇଗତି କରୁଥିବା ସମୟରେ, ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତସ୍ତରରେ କ୍ରମାଗତ ଆଲୋଚନା ଠାରୁ ଆଗକୁ ବଢ଼ୁଛି। ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକସ୍ତରରେ ପହଞ୍ଚିଛି। ଏଥିରେ ଦୁଇଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନ ଶୀଳତା ଏବଂ ହଜାର ହଜାର ବର୍ଷପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି।

ଏକ ବିଂଶ ଶତାବ୍ଦୀରେ ନବ ସୃଜନକ୍ଷମତା, ଶକ୍ତିପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳ ତାକୁ ମଜଭୁତ କରିବା ଉପରେ ଦେଶର ସମୃଦ୍ଧିଓ ସୁରକ୍ଷା ନିର୍ଭର କରିଥାଏ। ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ। ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହା ଫଳରେ ନୂଆଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ। ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପରକମ୍ପ୍ୟୁଟର୍ ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକଶିଳ୍ପ ମହା ଶକ୍ତିରେ ପରିଣତ କରିଛି। ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କରିବାକୁ ଚାହୁଁଛୁ। ଏହା କେବଳ ଏକସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ।

ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ। ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ। ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ରଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। ''ମେଡ୍ ଇନ୍ ଇଟାଲୀ'' ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତିଅର୍ଜନ କରିଛି। ଆଜି ''ମେକ୍ ଇନ୍ ଇଣ୍ଡିଆ'' କାର୍ଯ୍ୟକ୍ରମର ଉଚ୍ଚଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳ ମେଳ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧିପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜଭୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି। ବର୍ତ୍ତମାନ ଦୁଇପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟଦେଶରେ କାର୍ଯ୍ୟ କରୁଛନ୍ତି। ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜଭୁତ କରିବ।

ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର। ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ। ଏଥିରେ କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମକମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତପ୍ରଗତି ହେବ । ଭାରତରେ ଦ୍ରୁତ ଗତିରେ ବଢୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏ ସବୁକ୍ଷେତ୍ରରେ ଦୁଇଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ। ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜଭୁତ କରିବ।

ଭାରତର ଡିଜିଟାଲ୍ସ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ ସାଉଥ୍‌ର ଆକର୍ଷଣର କେନ୍ଦ୍ର ହୋଇପାରିଛି। ମୁଖ୍ୟତଃ କୃତ୍ରିମବୁଦ୍ଧିମତ୍ତା (ଏଆଇ) ଆଜି ଆମସମାଜ ଏବଂବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ଭାରତ ଓ ଇଟାଲୀ ଦୀର୍ଘସମୟ ଧରିଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଫଳରେ ଏଆଇର ବିକାଶ ଉତ୍ତରଦାୟୀ ଏବଂ ମାନବକୈନ୍ଦ୍ରିକ ହୋଇପାରିବ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି। ବିଶେଷକରି ଗ୍ଲୋବାଲ୍ ସାଉଥ୍ ଦେଶ ଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ। ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକୈନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବକୈନ୍ଦ୍ରିକ ''ଏଲ୍ଗୋର-ଏଥିକ୍ସ'' ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁ। କୃତ୍ରିମବୁଦ୍ଧିମତ୍ତା କୁସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତକରିବା ଆମ ଭାଗୀଦାରୀର ଉଦ୍ଦେଶ୍ୟ। ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀ ରଣନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁ, ଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ। ସୁରକ୍ଷିତ ଡିଜିଟାଲ୍ସ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜଭୁତ ସାଇବର ଭିତ୍ତିଭୂମିସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ। ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା। ଏଆଇକୁ ମଣିଷ ଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତି ବିଦ୍ୟାମଣିଷର ସ୍ଥାନଗ୍ରହଣ କରିପାରିବ ନାହିଁକିମ୍ବା ସମାନଙ୍କର ମୌଳିକ ଅଧିକାରକୁଦୁର୍ବଳ କରିପାରିବନାହିଁ। ଜନମତ କୁପ୍ରଭାବିତ କରିବାକିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବାଲାଗିମଧ୍ୟ ଏହାର ଉପଯୋଗ କରାଯିବା ଉଚିତ ନୁହେଁ। ବ୍ୟାପକ ଭାବେ ପରସ୍ପର ସହଜଡ଼ିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷାକରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ୍ୟ ବିସ୍ତାରିତ। ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷ ରହିଛି। ଏହା ମିଳିତ ପ୍ରକଳ୍ପ ଏବଂ ନୂତନପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ।

ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ। ତେଣୁ, ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତି ବିଦ୍ୟାଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜଭୁତ କରିବାକୁ ଚାହାନ୍ତି। ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ।

ଶକ୍ତି ହେଉଛି ଆମ ସହଭାଗିତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣସ୍ତମ୍ଭ। ବିଶ୍ୱରେ ବିବିଧ ଶକ୍ତିଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ। ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତିଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟଗ୍ରୀଡ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି। ସବୁଜ ହାଇଡ୍ରୋଜେନ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି। ଏହାଇ ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତିଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରବେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣମେଳ ଖାଉଛି। ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ – ଅନ୍ତର୍ଜାତୀୟ ସୌରମେଣ୍ଟ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍ସଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧିହୋଇରହିଛୁ। ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି। ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଞ୍ଚଳ ରୂପରେ ଦେଖାଯାଉଛି। ବାସ୍ତବରେ ଏକନୂଆ ''ଭାରତ-ଭୂମଧ୍ୟସାଗର'' (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ରବିକଶିତ ହେଉଥିବା ଆମେ ଦେଖୁଛୁ। ଏହି କ୍ଷେତ୍ରବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର୍ ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ। ପରସ୍ପର ସହଜଡ଼ିତ ଏହିକ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀ ରୂପେ ବିକଶିତ ହେଉଛି। ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱପରିସ୍ଥିତିକୁ ଆକାର ଦେଇଥାଏ।

ଏହିପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପଆର୍ଥିକକରିଡର (ଆଇଏମଇସି) ଏକ ଦୂରଦୃଷ୍ଟି ପୂର୍ଣ୍ଣ ଯୋଜନା।ଏହାର ଲକ୍ଷ୍ୟହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱର୍କ, ଶକ୍ତିବ୍ୟବସ୍ଥା ଏବଂଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା। ଭାରତ ଓ ଇଟାଲୀ ଏହିଦୃଷ୍ଟିକୋଣକୁ ବାସ୍ତବ ରୂପଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶିକାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି।

ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହ ଭାଗୀ ସମସ୍ୟାର ସମାଧାନ କରିପାରିବା। ଭାରତୀୟ ସଂସ୍କୃତିରେ ''ଧର୍ମ''ର ବିଚାରସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ୍ । ସେହିପରି ''ବସୁଧୈବକୁଟୁମ୍ବକମ୍'' – ଅର୍ଥାତ୍ ''ସାରା ବିଶ୍ୱ ଏକ ପରିବାର'' ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି।

ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି। ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ କରିପାରେ। ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକଏବଂ ଭବିଷ୍ୟଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ।(ପିଆଇବି)

# ରାଜସ୍ଥାନର ସିକର ଏବେ ଦେଶର କୋଚିଂ କେନ୍ଦ୍ରମାନଙ୍କର ରାଜଧାନୀ

### ମହାମେଘବାହନ ଐର ଖାରବେଳ ସ୍ୱାଇଁ

“

**ଛାତ୍ରମାନେ ଗ୍ରାମାଞ୍ଚଳ ଓ ଛୋଟ ସହରମାନଙ୍କରୁ ଆସିଥିଲେ, ଯେଉଁଠି ତାଙ୍କର ପରିବାରମାନେ ନିଜର ଜମି ବିକି, ଅନ୍ୟଠାରୁ ଋଣ ନେଇ ଏବଂ ତାଙ୍କ ପାଖରେ ଯେତେ ସମ୍ବଳ ଥିଲା ତାହାକୁ ଲଗାଇ ପିଲାଙ୍କୁ କୋଚିଂ ସେଣ୍ଟରକୁ ପଠାଇଥିଲେ ଏବଂ ସେହି ମେସିନ୍‌ରେ ପେସି ହେବାକୁ ପିଲାମାନଙ୍କୁ ପଡ଼ିଥିଲା । ଏଥିରେ କୋଚିଂ ସେଣ୍ଟରମାନଙ୍କରେ ପିଲାମାନେ ଛୋଟ ଛୋଟ ରୁମ୍‌ରେ ରହନ୍ତି । ସେଠାରେ ଆଶା କରାଯାଏ ଯେ, ସେମାନେ ଆଗାମୀ ୨ ବର୍ଷ ପାଇଁ କୌଣସି ଧ୍ୟାନ ଆକର୍ଷଣକାରୀ କଥାରେ ମନ ନ ଦେଇ ପଢ଼ିବେ ।**

ଅତୀତରେ ସମୟ ଥିଲା ଯେତେବେଳେ କି ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟରମାନଙ୍କର ରାଜଧାନୀ ଥିଲା । ଏଥିରେ ସାରା ଭାରତ ବର୍ଷରୁ ବିଭିନ୍ନ ପ୍ରକାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ପିଲାମାନେ ଯୋଗ ଦେଉଥିଲେ । ମଝିରେ ମଝିରେ ପରୀକ୍ଷାରେ ବିଫଳ ଛାତ୍ରମାନେ ଆତ୍ମହତ୍ୟା କରୁଥିବାରୁ ସାରା ଭାରତ ବର୍ଷରେ ଏହା ଚହଳ ପକାଇଥିଲା । ଏବେ ଯଦିଓ ସେହି ପ୍ରଥମ ସ୍ଥାନରେ କୋଟା ନାହିଁ ତଥାପି ମଧ୍ୟ ଏହାର ଗୁରୁତ୍ୱ ରହିଛି ଏବଂ ସେ ଜାଗାରେ ସେହି ରାଜ୍ୟର ସିକର ଦେଶର କୋଚିଂ ରାଜଧାନୀ ହିସାବରେ ମୁଣ୍ଡଟେକି ଉଠିଛି । ଅର୍ଥାତ୍, ଏହା ହେଉଛି ଆଶା ଏବଂ ଅଭିଳାଷର ଓ ଉଦ୍‌ବେଗର ସର୍ବଭାରତୀୟ କେନ୍ଦ୍ର । ଗତ ମେ' ୪ ତାରିଖରେ ଯେତେବେଳେ ୨୨ ଲକ୍ଷ ଛାତ୍ରଛାତ୍ରୀ ନିଟ୍ ୟୁଜି ୨୦୨୬ ପରୀକ୍ଷା ଦେଇଥିଲେ, ଜଣେ ବ୍ୟକ୍ତି ସିକରରେ ଥିବା ପୋଲିସ ଥାନାକୁ ଯାଇଥିଲେ ସେ ଗୋଟିଏ ହାତଲେଖା ପତ୍ର ସେଠାରେ ଦେଇଥିଲେ, ଯାହାକି ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନମାନଙ୍କ ସହିତ ମେଳ ଖାଉଥିଲା । ଏହା ପରେ ଜଣେ କୋଚିଂ ଶିକ୍ଷକ ସେଠାରେ ପହଞ୍ଚିଲେ । ଗୋଟିଏ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ କୋଚିଂ ଶିକ୍ଷକ ପରବର୍ତ୍ତୀ କାଳରେ ଦେଖାଗଲା ଯେ, ସେଠାରେ ଘଟିଥିବା ପ୍ରଶ୍ନପତ୍ର ପ୍ରଘଟନର ଗୁମର ଖୋଲି ଦେଇଥିବା ବ୍ୟକ୍ତି ଯିଏକି ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ବାହାରକୁ ପ୍ରକାଶ କରିଦେଇଥିଲେ । ସେଥିରେ ପୋଲିସ ଏହି ହାତ ଲିଖିତ ଅଭିଯୋଗ ପତ୍ରଟିକୁ ଲିଖିତ ଭାବରେ ଚାହିଁଥିଲେ । ଏ କଥା ଶୁଣି ଲୋକଟି ସେଠାରୁ ଚାଲିଯାଇଥିଲା । ଭାରତ ବର୍ଷର ବିଭିନ୍ନ ଜାଗାରେ ନିୟୁତ ନିୟୁତ ଛାତ୍ରମାନେ ଦିନରାତି ପାଠ ପଢ଼ି ଏବଂ ନିଦ ହଜେଇ ମାସ ମାସ ଧରି ଯେଉଁ ପ୍ରସ୍ତୁତି କରିଥିଲେ ତାହା ସମ୍ପୂର୍ଣ୍ଣ ବିଫଳ ହେଲା । ସେମାନେ ତଥାପି ବିଶ୍ୱାସ କରନ୍ତି ଯେ, ସେମାନେ ଏହି ପବିତ୍ର ଯୋଗ୍ୟତା ପରୀକ୍ଷା ଅଂଶଗ୍ରହଣ କରିଛନ୍ତି । ଇତିମଧ୍ୟରେ ପ୍ରଶ୍ନପତ୍ର ପ୍ରଘଟନ ଅର୍ଥନୀତି ବିଷୟରେ ଆହୁରି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ, ତୁମେ ଏଥିପାଇଁ କେତେ ଘଣ୍ଟା ପ୍ରଚେଷ୍ଟା କରିଛ ତାହା ଗୁରୁତ୍ୱପୂର୍ଣ୍ଣ କଥା ନୁହେଁ, କିନ୍ତୁ ପ୍ରଶ୍ନପତ୍ର ପ୍ରଘଟନ ପାଇଁ ତୁମେ କେତେ ଅର୍ଥ ଦେଇଛ। ସିକରରେ ଏହି ଘଟଣା ଘଟିବା ପ୍ରଥମ ଥର ନୁହେଁ । ଏହା ରାଜସ୍ଥାନର ଗୋଟିଏ ଛୋଟ ସହର କିନ୍ତୁ ଆଜି ସାରା ଭାରତରେ ଏହା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛି । ନିଟ୍ ୨୦୨୬ର ବିବାଦ ଏହି ସହରକୁ ସାରା ଭାରତ ବର୍ଷର ଦୃଷ୍ଟି ଆକର୍ଷଣ କରାଇଛି । ଏଥିପାଇଁ ଅନୁସନ୍ଧାନ ଚାଲିଛି, କେମିତି ଭାବରେ ପ୍ରଶ୍ନପତ୍ର ପ୍ରଘଟନ ହେଲା । ଯେଉଁ ଆନୁମାନିକ ପ୍ରଶ୍ନପତ୍ର ଆଗରୁ ବଣ୍ଟା ଯାଇଥିଲା ତାହା ବାସ୍ତବ ପ୍ରଶ୍ନପତ୍ର ସହ କେମିତି ଅଧିକାଂଶ ମିଶିଗଲା । ଏ ଧରଣର ଘଟଣାରେ ଆର୍‌ଇଇଟି ପଟୱାରୀ ଏସ୍‌ଆଇ ପଦ ପାଇଁ ପରୀକ୍ଷା ହୋଇଥିଲା । ପ୍ରତ୍ୟେକ ସୈନ୍ୟ ଚୟନ କାର୍ଯ୍ୟକ୍ରମରେ ସାଧାରଣତଃ ନିଟ୍‌ର ସର୍ବାଧିକ ନମ୍ବର ରଖିଥିବା ଛାତ୍ରମାନେ ଏହି ପରୀକ୍ଷା କେନ୍ଦ୍ରରୁ ବାହାରିଛନ୍ତି । କେତେ ସଂଖ୍ୟାରେ ପିଲା ଏଥିରେ ସଫଳ ହୋଇଛନ୍ତି ତାହା ଗୁରୁତ୍ୱ ନୁହେଁ । ପ୍ରାୟ ୫୦ଟି କେନ୍ଦ୍ରମାନଙ୍କରେ ସର୍ବାଧିକ ପ୍ରତିଶତ ପିଲାମାନେ ୬୫୦ରୁ ଅଧିକ ନମ୍ବର ରଖିଛନ୍ତି, ଯେଉଁମାନଙ୍କ ଭିତରୁ ୩୭ ଜଣ ହେଉଛନ୍ତି ସିକରରୁ, ପ୍ରାୟ ୨୦୦୦ରୁ ଅଧିକ ଛାତ୍ରମାନେ ଅନ୍ୟ ଜିଲ୍ଲାମାନଙ୍କରୁ ଆସିଛନ୍ତି ଯେଉଁମାନେ ୬୫୦ରୁ ଅଧିକ ନମ୍ବର ରଖିଛନ୍ତି । ତେଣୁ ସିକରରେ କି ଅଦ୍ଭୁତ ଘଟଣାମାନ ଘଟୁଛି ତାହା ଆଶ୍ଚର୍ଯ୍ୟର କଥା ଅଟେ । ସିକରରେ କୋଚିଂ ଶିଳ୍ପ ୧୯୯୬ରେ ଆରମ୍ଭ ହୋଇଥିଲା । ୩୦ ବର୍ଷ ମଧ୍ୟରେ ଗୋଟିଏ ସହର ଯିଏକି ମଧ୍ୟ ଏସିଆର ଦେଶମାନଙ୍କୁ କାମ କରିବା ପାଇଁ ଲୋକ ପଠାଉଥିଲା ଏବଂ ସୈନ୍ୟବାହିନୀକୁ ପିଲାମାନଙ୍କୁ ପଠାଉଥିଲା ତାଙ୍କ ନିଜ ପରିବାରର ଆର୍ଥିକ ସୁରକ୍ଷା ପାଇଁ । ସେ ସହର ଦେଖିଲା ଯେ ଛାତ୍ରଛାତ୍ରୀମାନେ ଯେଉଁମାନେ ବାୟୋଲୋଜି ଏବଂ ଫିଜିକ୍ସ ବିଷୟ ନେଉଛନ୍ତି ସେମାନେ ତାହା କରୁଛନ୍ତି ସାମାଜିକ ଦୃଷ୍ଟିରୁ ଉପରକୁ ଉଠିବା ପାଇଁ । ଏହା ପରେ ସିକରକୁ ଛୋଟ କୋଟା ନାମରେ ନାମିତ କରାଗଲା ଏବଂ ଏହି ଧରଣର ପ୍ରଶଂସା ଛାତ୍ରମାନଙ୍କ ମନରେ ଓଜନ ସୃଷ୍ଟି କରିଥିଲା ଏବଂ ଛାତ୍ରମାନଙ୍କର ଭାଙ୍ଗିପଡ଼ିବା ବା ଆତ୍ମହତ୍ୟା କରିବା କଥାକୁ ପ୍ରଘଟ କରିଥିଲା । ଏହି ମଡେଲ୍ ଉଭୟ ଜାଗାରେ ସମାନ । ଛାତ୍ରମାନେ ଗ୍ରାମାଞ୍ଚଳ ଓ ଛୋଟ ସହରମାନଙ୍କରୁ ଆସିଥିଲେ, ଯେଉଁଠି ତାଙ୍କର ପରିବାରମାନେ ନିଜର ଜମି ବିକି, ଅନ୍ୟଠାରୁ ଋଣ ନେଇ ଏବଂ ତାଙ୍କ ପାଖରେ ଯେତେ ସମ୍ବଳ ଥିଲା ତାହାକୁ ଲଗାଇ ପିଲାଙ୍କୁ କୋଚିଂ ସେଣ୍ଟରକୁ ପଠାଇଥିଲେ ଏବଂ ସେହି ମେସିନ୍‌ରେ ପେସି ହେବାକୁ ପିଲାମାନଙ୍କୁ ପଡ଼ିଥିଲା । ଏଥିରେ କୋଚିଂ ସେଣ୍ଟରମାନଙ୍କରେ ପିଲାମାନେ ଛୋଟ ଛୋଟ ରୁମ୍‌ରେ ରହନ୍ତି । ସେଠାରେ ଆଶା କରାଯାଏ ଯେ, ସେମାନେ ଆଗାମୀ ୨ ବର୍ଷ ପାଇଁ କୌଣସି ଧ୍ୟାନ ଆକର୍ଷଣକାରୀ କଥାରେ ମନ ନ ଦେଇ ପଢ଼ିବେ । କାରଣ ତା' ନହେଲେ ସଂସାରରେ ତାଙ୍କର ସ୍ଥାନ ନାହିଁ ବୋଲି ସେମାନେ ଆଶଙ୍କା କରୁଥିଲେ । କାରଣ ପୋଷ୍ଟ ଗ୍ରାଜୁଏଟ୍ ପାଠ ପଢ଼ିସାରିବା ପରେ ଏଡୱାର୍ଡ ମୁଞ୍ଚଙ୍କ ପରି ଗୋଟିଏ ଚିତ୍କାର ସେମାନଙ୍କ ପାଖରୁ ଶୁଣାଯାଇଥିଲା ଏବଂ ସେତେବେଳେ କୁହାଯାଇଥିଲା ଯେ, ସେମାନେ ସେ ଅନୁଷ୍ଠାନରେ ରହିବାକୁ ଆଦୌ ଚାହାନ୍ତି ନାହିଁ । ସିକରରେ ପ୍ରତିଯୋଗିତାମୂଳକ ପରୀକ୍ଷାକୁ ସେତିକି ଗୁରୁତ୍ୱର ସହ ନିଆଯାଇଥାଏ, ଯେଉଁଥିରେ ଗୋଟିଏ ସାମରିକ ଯୁଦ୍ଧର କଥା ଜଣାପଡ଼ିଥାଏ । ଏଠାରେ ସମସ୍ତ ଛାତ୍ର ହେଉଛନ୍ତି ଜଣେ ସୈନ୍ୟ, ଯେଉଁମାନେ କି ବେରୋଜଗାର ବୋଲି ଆଖ୍ୟାୟିତ ହେବାର ଅପମାନରୁ ବାହାରିଯିବାକୁ ଚାହାନ୍ତି ଏବଂ ତାହା ହୋଇପାରିବ ସେମାନେ ଯଦି ମନୋନୀତ ହୁଅନ୍ତି । (ପ୍ରଥମ ଭାଗ)

# ହିଂସ୍ର ପତଙ୍ଗ ମଧ୍ୟ ଭଲପାଇବାର ଭାଷା ବୁଝୁଛି

## ମନୁଷ୍ୟ ଓ ମହୁମାଛି ମଧ୍ୟରେ ନିବିଡ଼ ବନ୍ଧୁତ୍ୱର ଚିତ୍ର

ରେଢ଼ାଖୋଲ,୧୯/୦୫(ନିପ୍ର): ଜୀବନରେ ଏମିତି ଦୃଶ୍ୟ ମଧ ଦେଖିବାକୁ ମିଳିଥାଏ ତାହା କେବେବି ବିଶ୍ୱାସ ହୁଏନି । ଲୋକେ ଦେଖିଥିବେ ବାଘୁଆ ମହୁମାଛି । ହିଂସ୍ର ପାଲଟିଥାଏ ଏହି ପତଙ୍ଗ । ହେଲେ ଏଠାରେ ସେ ସାଜିଛି ଲୋକଙ୍କ ପ୍ରିୟ । ଲୋକେ ଦେଖିଲେ ଡରି ଥାନ୍ତି ମାତ୍ର ଏଠାରେ ଲୋକଙ୍କ ଭିତରେ ସୌନ୍ଦର୍ଯ୍ୟର ବାତାବରଣ ସୃଷ୍ଟି କରୁଛି ଏହି ମହୁମାଛି । ବାଘୁଆ ମହୁମାଛି ସତରେ ଯେତିକି ହିଂସ୍ର ସେତିକି ଶାନ୍ତ ,ସରଳ,ବିଶ୍ୱାସୀ,ସୁରକ୍ଷାପ୍ରିୟ ଓ ସ୍ୱାଭିମାନୀ ବୋଲି ନିଜକୁ ପରିଚିତ କରିଛି । ଏହା ବନ୍ୟ ଓ ଅତି ଆକ୍ରମଣାତ୍ମକ ପ୍ରଜାତିର ପତଙ୍ଗ ହୋଇଥିଲେ ମଧ୍ୟ ବାସ୍ତବରେ ମନୁଷ୍ୟ ଓ ଏମାନଙ୍କ ମଧ୍ୟରେ ଦେଖିବାକୁ ମିଳିଛି ନିବିଡ ସମ୍ପର୍କ । ଦେଖିବାକୁ ଏହା ଖୁବ ଆଶ୍ଚର୍ଯ୍ୟଜନକ ଲାଗୁଥିଲେ ମଧ୍ୟ ଏକ ସୁନ୍ଦର ଅନୁଭୂତି । ଏହା ଦେଖିବାକୁ ମିଳିଛି ରେଢ଼ାଖୋଲ - ବୌଦ୍ଧ ରାସ୍ତାର କଦଳୀଗଡ ଟୋଲ ପ୍ଲାଜା ନିକଟରେ ଥିବା ସତ୍ୟ ମେହେର ଭାଇଙ୍କ ଜଳଖିଆ ଦୋକାନରୁ ଜଣାପଡେ । ପାଖାପାଖି ୫ମାସ ପୂର୍ବେ ଗୁରୁବାର ପୂର୍ବାହ୍ନ ସମୟରେ ଏକା ସାଙ୍ଗରେ ହଜାର ହଜାର ସଂଖ୍ୟକ ବାଘୁଆ ମହୁମାଛି ହଠାତ୍ ଆସି ତାଙ୍କ ଜଳଖିଆ ଦୋକାନ ଭିତରେ ପଶିଯାଇ ଥିଲେ । ଏହା ଦେଖି ସମସ୍ତେ ଭୟଭୀତ ହୋଇ ଯାଇଥିଲେ ।କିଛି ସମୟ ପରେ ଗୋଟିଏ ସ୍ଥାନରେ ଜମା ହୋଇ ହାତ ପାହାନ୍ତାରେ ତାଙ୍କର ଫେଣା ବାନ୍ଧିବା ଆରମ୍ଭ କରିଦେଇ ଥିଲେ ।ତା ପର ଦିନଠାରୁ ଏଠାକୁ ଆହୁରି ଅଧିକରୁ ଅଧିକ ମହୁମାଛି ସମାଗମ ହେବାରେ ଲାଗିଛି ଓ ମହୁଫେଣାଟି ମଧ୍ୟ ଧୀରେ ଧୀରେ ବଢିବାରେ ଲାଗିଛି ।ଦୋକାନରେ ରୋଷେଇ ବାସ ଚାଲିଛି,ଧୂଆଁ ବାଜୁଛି,ଗ୍ରାହକମାନଙ୍କ ଯିବା ଆସିବା ଲାଗି ରହିଛି ।ଦୋକାନରେ ଥିବା ବିଭିନ୍ନ ମିଠା ସାମଗ୍ରୀ ମଧ୍ୟ ଖାଉ ନାହାଁନ୍ତି ।ବସା ପାଖଦେଇ ଯିବା ଆସିବା କରୁଥିଲେ ମଧ ଆଜି ପର୍ଯ୍ୟନ୍ତ କାହାକୁ ଆକ୍ରମଣ କରି ନାହାନ୍ତି । ତାଙ୍କ ସହ ଆମର ନିବିଡ ବନ୍ଧୁତା ସୃଷ୍ଟି ହୋଇ ସାରିଛି ।ସେମାନେ ମଧ୍ୟ ଲୋକଙ୍କ ଭଲପାଇବାର ଭାଷା ବୁଝୁଛନ୍ତି, ଏବଂ ଏମାନଙ୍କ ସହ ଖାପଖୁଆଇ ରହିଛନ୍ତି ଓ କାହାର କିଛି କ୍ଷତି କରୁନାହାନ୍ତି ।ଯେ ପର୍ଯ୍ୟନ୍ତ ସେମାନେ ଆପେ ଆପେ ନ ଯିବେ ସେ ପର୍ଯ୍ୟନ୍ତ ତାଙ୍କୁ ଘଉଡାଇବାକୁ ଚାହିଁବୁ ନାହିଁ ବୋଲି ଜଳଖିଆ ଦୋକାନର ମାଲିକ ଶ୍ରୀ ମେହେର କହିଛନ୍ତି ।ଏଭଳି ବିରଳ ବନ୍ଧୁତା ସ୍ଥାନୀୟ ଲୋକଙ୍କ ପାଇଁ କୌତୂହଳର ବିଷୟ ପାଲଟିଛି । ଦୋକାନ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଏମାନଙ୍କ ଉପସ୍ଥିତି ବିପଜ୍ଜନକ ବୋଲି କିଛିଲୋକ ମନ୍ତବ୍ୟ ରଖୁଥିବା ବେଳେ କିଛିଲୋକ ବାଘୁଆ ମହୁମାଛି ଓ ଶ୍ରୀ ମେହେରଙ୍କ ମଧ୍ୟରେ ଥିବା ଅନାବିଳ ଭଲପାଇବାକୁ ପ୍ରକୃତିର ଏକ ଅଦ୍ଭୁତ କରିସ୍ମା ବୋଲି ପ୍ରକାଶ କରିଛନ୍ତି । ସେ ଯାହା ହେଉନା କାହିଁକି ପ୍ରକୃତି ସହ ସାମଞ୍ଜସ୍ୟ ରଖି ଚଳିଲେ ଯେ କୌଣସି ହିଂସ୍ର ଜୀବ ମଧ୍ୟ ଆପଣାର ହୋଇ ପାରନ୍ତି ବୋଲି ଏଥିରୁ ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି ।ଘରେ କିମ୍ବା ଦୋକାନରେ ଏଭଳି ମହୁଫେଣା ରହିଲେ ଅତ୍ୟନ୍ତ ଶୁଭପ୍ରଦ ବୋଲି ବିଶ୍ୱାସ ରହିଛି ।ଶ୍ରୀ ମେହେର ରାତିହେଲେ ଦୋକାନର ସଟର ପକେଇ ମହୁମାଛିଙ୍କୁ ସୁରକ୍ଷା ଯୋଗାଇ ଦେଉଛନ୍ତି । ସବୁଠାରୁ ବଡ଼କଥା ଏଠାକୁ ଯିଏ ଯାଇଛି ଏହି ମହୁଫେଣା କୁ ଦେଖି ଆଶ୍ଚର୍ଯ୍ୟ ତ ହୋଇଥାଏ କିନ୍ତୁ ସେଠାରେ ପାଖକୁ ଲାଗି , ଫେଣାକୁ ଧରି ଫୋଟଟିଏ ଉଠାଇବାକୁ ଏଠାରେ ଲାଗିଥାଏ ଭିଡ଼ । ତଥାପି ମହୁମାଛି ଲୋକଙ୍କୁ କିଛି ନକରି ଏକ ଶାନ୍ତିପୂର୍ଣ୍ଣ ବାର୍ତ୍ତା ଦେଉଛନ୍ତି । ଯାହାକୁ ଆପଣ ଚିନ୍ତା କଲେ ଟିକେ ଅଲଗା ଲାଗିପାରେ ତଥାପି ଭଗବାନଙ୍କ ଏମିତି ସୃଷ୍ଟିକୁ ସବୁକିଛି ସମ୍ଭବ ହୋଇପାରେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।



# ବିଦ୍ୟୁତ୍ ଆଘାତରେ ଦୁଇ ଯୁବକଙ୍କ ମୃତ୍ୟୁ

ରମ୍ଭା,୧୯।୫ (ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନସ୍ଥ ରମ୍ଭା ଥାନା ଅଞ୍ଚଳର ଗୌରାଙ୍ଗପାଟଣା ଗ୍ରାମର ଦୁଇ ମତ୍ସ୍ୟଜୀବୀ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି ।ମୃତକ ହେଲେ କମ୍ବୁପାଣୀଙ୍କ ପୁତ୍ର ଦୀପକ ବେହେରା (୩୨) ଓ ସନ୍ନ୍ୟାସୀ ବେହେରାଙ୍କ ପୁତ୍ର ଅଜୟ ବେହେରା(୨୬) । ଗତ ରବିବାର ଦିନ ସକାଳୁ ଦୀପକ ବେହେରା ଓ ଅଜୟ ବେହେରା ମଧୁରଚୁଆ ଗ୍ରାମର ଧ୍ରୁବ ଚରଣ ନାହାକଙ୍କ ରାମଚନ୍ଦ୍ରପୁର ଗ୍ରାମରେ ଥିବା ନୂତନ ଗୃହର ପାଇପ ଲାଇନ କାମ କରୁଥିବା ବେଳେ ହଠାତ ବିଦ୍ୟୁତ ତାର ସର୍ଟସର୍କିଟ ହୋଇଥିଲା ।ଅତ୍ୟଧିକ ବିଦ୍ୟୁତ ପ୍ରବାହ ଫଳରେ ଦୀପକ ବେହେରାଙ୍କୁ ବିଦ୍ୟୁତ ଆଘାତ ହୋଇଥିଲା । ତାଙ୍କ ଜୀବନ ବଞ୍ଚାଇବାକୁ ଯାଇ ସାଥି ଅଜୟ ବେହେରାଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଦୀପକ ଓ ଅଜୟ ଉଭୟ ଦୁହେଁ ନିଜ ନିଜ ପରିବାରର ରୋଜଗାରିଆ ପୁଅ ।ଚିଲିକାରୁ କିଛି ଆଦାୟ ନହେବା ଫଳରେ ପରିବାର ପ୍ରତିପୋଷଣ କରିବା ପାଇଁ ପାର୍ଟ ଟାଇମ ଲୋକଙ୍କ ନୂତନ ଘରେ ପାଇପ ଲାଇନ କିମ୍ବା ବିଦ୍ୟୁତ ଲାଇନରେ କାମ କରନ୍ତି । କିନ୍ତୁ ରବିବାର ତାଙ୍କ ଶେଷ ଦିନ ଥିଲା । ଗୌରାଙ୍ଗପାଟଣା ଗ୍ରାମର ଦୁଇ ଯୁବକ ଧ୍ରୁବ ଚରଣ ନାହାକଙ୍କ ଘରେ ହଠାତ ବିଦ୍ୟୁତ ଆଘାତରେ ଟଳି ପଡ଼ିବା ଫଳରେ ଗଂଜାମ ଜିଲ୍ଲାରେ ଚାଂଚଲ୍ୟ ସୃଷ୍ଟି କରିଛି । ଗୌରାଙ୍ଗପାଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଖବର ପାଇ ଛତ୍ରପୁର ଏସଡ଼ିପିଓ ଚନ୍ଦନ ଘଡ଼େଇ ,ରମ୍ଭା ଥାନା ଆଇଆଇସି କୁମର ମୁଦୁଲି ସମେତ ପୋଲିସ ଟିମ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ ।କ୍ଷତି ପୂରଣ ଦାବିରେ ଥିବା ମୃତକ ପରିବାରଙ୍କୁ ଏସଡ଼ିପିଓ ଚନ୍ଦନ ଘଡ଼େଇ ଓ ରମ୍ଭା ଥାନା ଆଇଆଇସି ବୁଝାସୁଝା କରିଥିଲେ । ମୃତକଙ୍କ ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁରକୁ ପଠାଇଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି

ଭଦ୍ରକ,୧୯।୫ (ନିପ୍ର): ଭଦ୍ରକର ଭଣ୍ଡାରିପୋଖରୀ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୮୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୩ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୮ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୩୪ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୮ଜଣ ଅଭିଯୋଗକାରୀଙ୍କୁ ମୋଟ ୪୩,୦୦୦/- ଟଙ୍କା ମଞ୍ଜୁର କରାଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକ ଓ ଯୁବତୀଙ୍କୁ ସଶକ୍ତ କଲା ଟାଟା ଷ୍ଟିଲ୍

ଯାଜପୁର,୧୯।୫ (ନିପ୍ର): ସାମାଜିକ-ଅର୍ଥନୈତିକ ସଶକ୍ତିକରଣ ପାଇଁ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିସ୍ଥାପିତ ପରିବାରର ଯୁବକ ଓ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି



। କମ୍ପାନୀର ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ (ଟ୍ରେନିଂ) ବିଭାଗ ପକ୍ଷରୁ ବର୍ତ୍ତମାନ ବିସ୍ଥାପିତ ପରିବାରର ୩୦ ଜଣ ଯୁବତୀଙ୍କୁ 'ହାଉସକିପିଂ' ଏବଂ ୧୪ ଜଣ ଯୁବକଙ୍କୁ 'ଗ୍ୟାସ୍ କଟିଂ' କାର୍ଯ୍ୟର ତାଲିମ ପ୍ରଦାନ କରାଯାଉଛି । ଏହା ପୂର୍ବରୁ ତାଲିମ ନେଇଥିବା ୭ ଜଣ ଯୁବକଙ୍କୁ ବର୍ତ୍ତମାନ ପ୍ଲାଣ୍ଟ ସାଇଟ୍‌ରେ 'ଗ୍ୟାସ୍ କଟର' ଭାବେ ନିୟୋଜିତ କରାଯାଇଛି । ସେହିପରି ଆଉ ୧୭ ଜଣ ପ୍ରାର୍ଥୀ ସଫଳତାର ସହ ସ୍କାଫୋଲଡିଂ ତାଲିମ ସମାପ୍ତ କରିଛନ୍ତି ଏବଂ ସେମାନଙ୍କର ଗେଟ୍ ପାସ୍ ଦସ୍ତାବିଜ ପ୍ରକ୍ରିୟା ଚାଲିଥିବାରୁ ଆସନ୍ତା ସପ୍ତାହରେ ସେମାନେ ଆନୁଷ୍ଠାନିକ ଭାବେ କାର୍ଯ୍ୟରେ ଯୋଗ ଦେବେ । ଏଥିସହିତ, ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରର ଅନ୍ୟ ୧୭ ଜଣ ଯୁବକ ଟାଟା ଷ୍ଟିଲର ଏକ ସହଯୋଗୀ କମ୍ପାନୀ 'ଟାଟା ଷ୍ଟିଲ୍ ଟେକ୍ନିକାଲ୍ ସର୍ଭିସେସ୍'ରେ ଯୋଗ ଦେଇଛନ୍ତି ।

# ବିଜୁ ଏକ୍ସପ୍ରେସୱେ ରାଜ୍ୟ ରାଜପଥ-୧୦ରେ ଡିଭାଇଡରକୁ ବାଇକ୍ ଧକ୍କା ଦେଇ ୨ ଛାତ୍ରଙ୍କ ମୃତ୍ୟୁ

ରାଉରକେଲା ୧୯/୫ (ନିପ୍ର): ବାଇକ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି । ଘଟଣାକୁ ନେଇ ରାଜଗାଙ୍ଗପୁର ଏବଂ ରାଉରକେଲାରେ ଉତ୍ତେଜନା ପ୍ରକାଶ ପାଇଛି । ସୂଚନା ଅନୁସାରେ, ଆଜି ରାଉରକେଲାରୁ ସମ୍ବଲପୁର ଯାଇଥିବା ବିଜୁ ଏକ୍ସପ୍ରେସୱେ, ଏସ୍ଏଚ୍-୧୦ର ଡିଭାଇଡରକୁ ଦୁଇ ଜଣ +୩ (ଯୁକ୍ତ ତିନି) ଛାତ୍ର ବାଇକ୍ ଯୋଗେ ଯାଉଥିବା ସମୟରେ ଧକ୍କା ଦେବା ଫଳରେ ମୃତ୍ୟୁବରଣ କରିଛନ୍ତି । ଜଣେ ମୃତ ଯୁବକ ରାଜଗାଙ୍ଗପୁରର ବାନ୍ଧପଡ଼ା ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ଅନ୍ୟ ଜଣକ ରାଉରକେଲା ସେକ୍ଟର-୨ ଅଞ୍ଚଳର ବୋଲି ଜଣାପଡିଛି । ସେମାନେ ଯୁକ୍ତ ତିନି ପାଠ ପଢୁଥିଲେ । ମୃତକଙ୍କ ନାମ ଗୌରବ ଏବଂ ଚନ୍ଦନ ବୋଲି ଜଣାପଡିଛି । ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପ୍ରାଥମିକ ସୂଚନା ଅନୁଯାୟୀ ବାଇକଟି ରାସ୍ତାର ଡିଭାଇଡରକୁ ଧକ୍କା ଦେଇଥିଲା । ଫଳରେ ଏକ ଗୁରୁତର ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ତୁରନ୍ତ ଆହତ ହୋଇଥିବା ଉଭୟ ଛାତ୍ରଙ୍କୁ ରାଜଗାଙ୍ଗପୁର ଡାକ୍ତରଖାନାକୁ ପଠାଯାଇଥିଲା । ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏହି ହୃଦୟବିଦାରକ ଘଟଣା ରାଜଗାଙ୍ଗପୁରରେ ଶୋକର ଛାୟା ଖେଳାଇ ଦେଇଛି । ଦୁଇ ଯୁବ ଛାତ୍ରଙ୍କ ଅକାଳ ମୃତ୍ୟୁରେ ସମ୍ପର୍କୀୟ, ବନ୍ଧୁ ଏବଂ ସ୍ଥାନୀୟ ବାସିନ୍ଦା ଶୋକ ପ୍ରକାଶ କରିଛନ୍ତି । ଦୁର୍ଘଟଣାର ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି ।

# ବିଧାୟକଙ୍କ ସହଯୋଗରେ ଆସିଲା ମରଶରୀର

ପାରଳାଖେମୁଣ୍ଡି,୧୯।୫ (ନିପ୍ର); ଗୁମ୍ମା ବ୍ଲକ ଦାଦନ ମୃତ୍ୟୁର ସ୍ଥଳୀ ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଏହି ବ୍ଲକରେ ଦାଦନ ଶ୍ରମିକର ମୃତ୍ୟୁ ଥମିବାର ନାମ ନେଉନାହିଁ । ପୁନଶ୍ଚ ଏହିପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଭୁବନି ପଞ୍ଚାୟତର ପୁତୁର ଗ୍ରାମରେ । ପୁତୁର ଗ୍ରାମର ଜୈରାଶ ଗମାଙ୍ଗ (୧୯) ପିତା ଅବିମେଲ ଗମାଙ୍ଗ ଯୁକ୍ତଦୁଇ ପାଠ ପଢିଲା ପରେ ଘରର ଆର୍ଥିକ ସ୍ଥିତି ଭଲନଥିବାରୁ ଗତ ଚାରି ମାସ ତଳେ ଦାଦନ ଖଟିବାକୁ ମହାରାଷ୍ଟ୍ର ଯାଇଥିଲେ । ସେଠାରେ ସେ କିଛି ମାସ କାମ କଲାପରେ ଅସୁସ୍ଥ ହୋଇପଡିଲେ ଆଉ କାମକୁ ଯାଇପାରିଲେ ନାହିଁ ଯେଉଁ ଟଙ୍କା କାମ କରି ରୋଜଗାର କରିଥିଲେ ତାହା ଚିକିତ୍ସା କରିବାରେ ସରିଗଲା ଶେଷରେ ବାଧ ହୋଇ ନିଜ ମାମୁଁ ସହିତ ଟ୍ରେନ ଯୋଗେ ଗ୍ରାମକୁ ଫେରୁଥିଲେ । ହେଲେ ଟ୍ରେନରେ ହିଁ ଗୁରୁତର ଅସୁସ୍ଥ ହୋଇ ଆନ୍ଧ୍ରପ୍ରଦେଶର ରାଜମେନ୍ଦ୍ରି ଷ୍ଟେସନରେ ତାଙ୍କ ଜୀବନ ଚାଲିଯାଇଥିଲା । ଅସୁସ୍ଥ ଅବସ୍ଥାରେ ଟ୍ରେନ କର୍ମଚାରୀ ତାଙ୍କୁ ସେହିଠାରେ ଓହ୍ଲାଇ ଦେଇଥିଲେ । ମୃତ୍ୟୁ ପରେ ତାଙ୍କ ମାମୁଁ ଶବକୁ ଜଗି ରହିଥିବାବେଳେ ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ । ଅନ୍ୟ ପକ୍ଷରେ ପରିବାର ପୁଅର ମୃତ୍ୟୁ ଖବର ଶୁଣି ଭାଙ୍ଗି ପଡ଼ିଥିବା ବେଳେ ସେହିଠାରୁ ପୁଅର ଶବ ଆଣିବା ଟଙ୍କା ନଥିବାରୁ ବିଧାୟକ ରୂପେଶ ପାଣିଗ୍ରାହୀଙ୍କୁ ଗୁହାରି କରିଛନ୍ତି ବିଧାୟକ ମଧ ସମସ୍ତ ବନ୍ଦୋବସ୍ତ କରିବେବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ରାଜନୈତିକ ଦଳଙ୍କ ସହ ଆଲୋଚନା

ଗୁଣପୁର,୧୯।୫ (ନିପ୍ର); ଗୁଣପୁର ଉପ ଜିଲ୍ଲାପାଳଙ୍କ କକ୍ଷରେ ୧୩୮-ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ବିଭିନ୍ନ ରାଜନୈତିକ ଦଳଙ୍କ ସହ ଆଲୋଚନା ହୋଇଥିଲା । ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକଙ୍କ ସମେତ ବିଜେପି ତରଫରୁ ବନମାଳୀ ଗମାଙ୍ଗ, କଂଗ୍ରେସ ତରଫରୁ ନୀଳମାଧବ ସାହୁ, ବିଜେଡି ତରଫରୁ ମନୋଜ କୁମାର ପାଣି, ବିଏସପି ତରଫରୁ କୈଳାସ ଶବର, ଶଶୀଧର ଶବର ପ୍ରମୁଖ ଯୋଗ ଦେଇଥିଲେ । ମୃତ, ଡୁପ୍ଲିକେଟ ଭୋଟରଙ୍କ ନାମ ବାଦଦେବା, ସ୍ଥାନାନ୍ତର ଭୋଟରଙ୍କ ନାମ ତନଖି କରିବା, ଭୋଟର ତାଲିକା ସଂଶୋଧନ କରିବା ଆଦି କାର୍ଯ୍ୟ ମଇ ମାସ ୩୦ତାରିଖରୁ ଆରମ୍ଭ ହୋଇ ଜୁନ ୨୮ତାରିଖ ପର୍ଯ୍ୟନ୍ତ ଚାଲିବ । ବିଏଲଓମାନେ ଘରକୁ ଘର ବୁଲୁ ମ୍ୟାପିଂ କରିବେ ଓ ସଠିକ, ପାରଦର୍ଶିତା ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ପ୍ରତିଟି ଭୋଟରଙ୍କ ଠାରୁ ତଥ୍ୟ ସଂଗ୍ରହ କରିବେ । ବର୍ତ୍ତମାନ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୯୭ଭୋଟ ଗ୍ରହଣ କେନ୍ଦ୍ର ରହିଛି ଓ ମୋଟ ଭୋଟର ସଂଖ୍ୟା ୨୨୨୪୦୫ ଥିବା ବେଳେ ସେଥିରୁ ପୁରୁଷ ୧୦୬୯୭୭ ସ୍ତ୍ରୀ ୧୧୫୩୭୪ ଏବଂ ଅନ୍ୟାନ୍ୟ ୫୪ଜଣ ଭୋଟର ତାଲିକାଭୁକ୍ତ ହୋଇଛନ୍ତି । ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ବିଏଲଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସଠିକ ତଥ୍ୟ ଯୋଗାଇ ଦେବା ନିମନ୍ତେ ଉପଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ଉପସ୍ଥିତ ନେତାମାନଙ୍କୁ ଅନୁରୋଧ କରିଥିଲେ । ରାଜନୈତିକ ଦଳ ତରଫରୁ ସମସ୍ତ ବୁଥରେ ବୁଥ ଲେବୁଲ ଏଜେଣ୍ଟ ନିୟଜିତ କରିବା ସହ ସେମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ପରାମର୍ଶ ଦେବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

## ଜରାବଗା ହାଇସ୍କୁଲରେ 'ସମର୍ପଣ' କାର୍ଯ୍ୟକ୍ରମ

# ସମାଜ ଗଠନରେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ

କୁଚିଣ୍ଡା,୧୯।୫ (ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଜରାବଗା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଏକ 'ସମର୍ପଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୀଷଣ କିଷାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ବିଭୁତି କଲ୍ୟାଣ ପଟେଲ ମୁଖ୍ୟଅତିଥି, ବାମରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୀତା ପ୍ରଧାନ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ କିଶୋର କୁମାର ଅର୍କ ଓ ହୃଦାନନ୍ଦ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ।

ଅତିଥିମାନେ ତାଙ୍କ ବକ୍ତବ୍ୟରେ ଚାକିରି କାଳ ମଧ୍ୟରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସମର୍ପିତ ହୋଇ ଶିକ୍ଷା ଦାନ କରି ପିଲାଙ୍କ ଭବିଷ୍ୟତ ଗଠନ କରନ୍ତି । ଏହାଛଡା ଶିକ୍ଷାଦାନ ସହ ସମାଜ ଗଠନରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେମାନେ କହିଥିଲେ । ଏହି ଅବସରରେ ୨୦୨୫ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ବ୍ଲକରେ ଅବସର ଗ୍ରହଣ କରିଥିବା ୧୭ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକ କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାଛଡା ୨୦୨୫/୨୬ ଶିକ୍ଷା ବର୍ଷର ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ତନୁଜା ନାୟକ, ତନୟା ନାୟକ,ଜିଜ୍ଞାସା ଦାସ ଓ ସତ୍ୟଜିତ ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ବାମରା ବ୍ଲକରେ ଅବସର ଗ୍ରହଣ କରିଥିବା ଶିକ୍ଷକ ମାନେ ହେଲେ ଲୋଚନ ମେହେର, ରାଜକିଶୋର ସାହୁ, ବିରେନ୍ଦ୍ର ବିଶି,ଶରତ କୁମାର ପଟେଲ, ଉମେଶ ଚନ୍ଦ୍ର ଦଳେଇ, ଅଶୋକ କୁମାର ପଟେଲ, କୈଳାଶ ଚନ୍ଦ୍ର ପଟେଲ, ଭୁବନେଶ୍ୱର ସାହୁ, ବାସୁଦେବ ସେନାପତି, ଜୟମଙ୍ଗଳ ପଟେଲ,ପିର୍ଭୁ କିଷାନ, କୁବେର ଚରଣ ପ୍ରଧାନ, ଦିଲ୍ଲୀପ କୁମାର ଚୌଧୁରୀ, ଅକ୍ଷୟ କୁମାର ସାହୁ, ଶିକ୍ଷୟିତ୍ରୀ ଲ୍ଲଭି ପଟେଲ,ଭଗବତୀ ପଟେଲ,ମୁକ୍ତା ପଟେଲ । କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ସଞ୍ଜୟ କୁମାର ପଟେଲ,ଅଶୋକ କୁମାର ପଟେଲ, ସଞ୍ଜୟ କିଷାନ,ଦୟାନିଧି ଡୁଡୁମ୍, ହୃଦାନନ୍ଦ ବେହେରା,ଦେବଦତ୍ତ ପଟେଲ, ମିଳି ନାୟକ, ରମେଶ ଧୁରୁଆ, ରୋହିତ ନାୟକ, ଶିକ୍ଷକ ସଞ୍ଜୟ କୁମାର ସାହୁ, ସୁବୋଧ ପଟେଲ, ସୁଦୀପ୍ତ ପଟେଲ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ କିରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# କେନ୍ଦୁପତ୍ର ଫଡ଼ିରେ ଛତିଶଗଡ଼ ବେପାରୀ ସକ୍ରିୟ

## କେନ୍ଦୁପତ୍ର ତୋଳାଳିଙ୍କୁ ମିଳୁନି ବୋନସ୍ ଓ ସହାୟତା ରାଶି

ରାୟଗଡା,୧୯।୫ (ନିପ୍ର): ସରକାରୀ ଫଡିରେ କେନ୍ଦୁପତ୍ର କେରି ବିକ୍ରି କଲେ ବୋନସ ସହ ଛତା ଓ ଜୋତା ମିଳିବାର ପ୍ରାବଧାନ ରହିଛି ।ରାୟଗଡା ଜିଲ୍ଲାର ବିଭନ୍ନ ୨୦୨୫ ଡିସେମ୍ବରରେ କେନ୍ଦୁପତ୍ର ତୋଳାଳିଙ୍କ ୪୬୦ ଟଙ୍କା ଲେଖାଏଁ ଏହି ବାବଦରେ ପ୍ରଦାନ କରାଯାଇଛି । ତେବେ ବୋନସ୍ ପ୍ରଦାନରେ ଅହେତୁକ ବିଳମ୍ବ କାରଣରୁ ତୋଳାଳି ଛତିଶଗଡ଼ ବେପାରୀଙ୍କୁ କେରି ବିକ୍ରି କରୁଛନ୍ତି । କଲ୍ୟାଣସିଂହପୁର ଓ ମାଝୀଗୁଡା ଅଂଚଳରେ ଛତିଶଗଡ଼ ବେପାରୀ ଫଡ଼ି ଖୋଲି ଚଢ଼ା ଦରରେ କେନ୍ଦୁପତ୍ର କିଣୁଛନ୍ତି । କେରି ପିଛା ୬ ଟଙ୍କାରେ କିଣୁଥିବାରୁ ସରକାରୀ ଫଡି ପ୍ରତି ମୁହଁ ମୋଡ଼ିଛନ୍ତି ତୋଳାଳି । ଫଳରେ କେନ୍ଦୁପତ୍ର ସଂଗ୍ରହ ନେଇ ସରକାରୀ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଚିନ୍ତାରେ ପଡ଼ିଛନ୍ତି କେନ୍ଦୁପତ୍ର ବିଭାଗ ଅଧିକାରୀ । ବ୍ୟକ୍ତିଗତ ଫଡିରେ କେରି ବିକ୍ରି କଲେ ତୁରନ୍ତ ଟଙ୍କା ମିଳୁଥିବା ବେଳେ ସରକାରୀ ଫଡିରେ ଟଙ୍କା ପାଇଁ ଅପେକ୍ଷା କରିବାକୁ ପଡୁଛି । ଫଡି ଗୁଡ଼ିକରେ ଚଢ଼ଉ କଲେ ବହୁ ଅନିୟମିତତା ପଦାକୁ ଆସିବ ବୋଲି ଅଭିଯୋଗ ହୋଇଛି । କେରି କିଣିବା ଲାଗି ବୁଢ଼ାଗୁଡା କେନ୍ଦୁ ପତ୍ର ଗୋଦାମ ରହିଥିବା ବେଳେ କାଁ ଭାଁ ଗୋଟିଏ କି ଦୁଇଟି ଗାଡି ଯାଉଛି । ନଚେତ ଅନେକ ଟ୍ରକ ଆଇଚର ଟ୍ରାକ୍ଟର ଗୁଡାକ ବେସରକାରୀ ମାଲିକ ମାନେ ଅମଲା ଭଟା, କଳାହାଣ୍ଡି ଜିଲ୍ଲାର ବିଜେପୁର, ଓ ଛତିଶଗଡ଼ ଆଦି ସ୍ଥାନକୁ ଚାଲି ଯାଉଛି । ଏହି ଦୁର୍ନୀତି କାର୍ଯ୍ୟରେ କେନ୍ଦୁଲିପି ବିଭାଗର ମୂଳରୁ ଚୂଳ ପର୍ଯ୍ୟନ୍ତ ଅଧିକାରୀଙ୍କ ହାତ ରହୁଛି ବୋଲି ନିର୍ଦ୍ୱନ୍ଦରେ ଦିନ ଦିବସରେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି ।ଚଳିତ ବର୍ଷ ୨୦ହଜାରରୁ ଉର୍ଦ୍ଧ୍ୱ କେରି କିଣିବା ଲକ୍ଷ୍ୟ ରହିଛି, ଯାହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା । ତେବେ ୨୦୨୫ ବର୍ଷର ବୋନସ୍ ଏଯାବତ୍ ମିଳିନଥିବାରୁ ଚଳିତ ବର୍ଷ ବେସରକାରୀ ଫଡିରେ କେନ୍ଦୁପତ୍ର ବିକ୍ରି କରିବା ପାଇଁ ତୋଳାଳି ନିଷ୍ପତ୍ତି ନେଇଛନ୍ତି । କଲ୍ୟାଣସିଂହପୁର ସରକାରୀ ଫଡି ରହିଛି । କେରି ପିଛା ସରକାରୀ ଦର ରହିଛି ୩ ଟଙ୍କା ୨୦ ପଇସା । ବେସରକାରୀ ଫଡିରେ କେରି ୪ଟଙ୍କାରୁ ଆରମ୍ଭ ହୋଇ ୬ଟଙ୍କା ପର୍ଯ୍ୟନ୍ତ ରହିଛି । ୨୦୨୪ରେ କେନ୍ଦୁପତ୍ର ତୋଳାଳି କେରି ପିଛା ୮୦ ପଇସା ବୋନସ୍ ପାଇଥିଲେ ।

୨୦୨୫ର ବୋନସ୍ ମିଳିନଥିବାରୁ କେରି ପିଛା କେତେ ମିଳିବ ସେ ନେଇ ସନ୍ଦେହରେ ଅଛନ୍ତି ତୋଳାଳିମାନେ । ଏପରି ସ୍ଥିତିରେ ତୋଳାଳି ଚଳିତ ଟାର୍ଗେଟ୍ ପୂରଣ ନେଇ ବନବିଭାଗ ଚିନ୍ତାରେ ବର୍ଷ ସରକାରୀ ଫଡି ବଦଳରେ ବ୍ୟକ୍ତିଗତ ରେ ଏବେ ବା ଘରୋଇ ଫଡିରେ ଅଧିକ ମାତ୍ରାରେ କେନ୍ଦୁପତ୍ର କେରି ବିକ୍ରି କରିବାକୁ ମନସ୍ଥ କରିଛନ୍ତି । ସରକାରୀ ଅବହେଳାର ସୁଯୋଗ ନେଇ ବ୍ଲକର ବହୁ ପଞ୍ଚାୟତରେ ବ୍ୟକ୍ତିଗତ ବେସରକାରୀ ଫଡି ବ୍ୟାପକ ପକ ଭାବେ ଖୋଲିବାରେ ଲାଗିଛନ୍ତି ଅନେକ ଚାଲାଣ ମଧ ହୋଇଗଲାଣି ।ବିଭିନ୍ନ ପଞ୍ଚାୟତରେ ଆଦାୟ ହେଉଥିବା କେନ୍ଦୁପତ୍ର ବେସରକାରୀ ସଂସ୍ଥା ହାତେଇବା ତଇବା ପରେ ଫଡି ମାଲିକମାନେ ମନଇଛା ଫଡି ଖୋଲି ଚଢ଼ାଦରରେ କେନ୍ଦୁପତ୍ର କିଣୁଥିବାରୁ ସରକାରୀ ଫଡିକୁ ଯାଉନାହାନ୍ତି ତୋଳାଳି । ବିଭାଗୀୟ ଅଧିକାରୀ ଗରକଣ୍ଡ ଜିରୋକୁ ଯାଇ ତଦନ୍ତ କଲେ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି ।



**AFFIDAVIT**

By virtue of an affidavit No-24877 before the Executive Magistrate, Dharamgarh dt-12/05/2026 I Suresh Majhi residing At - Bokrasil, PO - Tipiguda, PS -Dharamgarh, Dist - Kalahandi, State Odisha Pin - 766029 declare that I have changed the name of my son from Suresh Majhi to Roshan Majhi Henceforth, He shall be known as "ROSHAN MAJHI" for all future purposes.

# ଜିଲ୍ଲାରେ ତୈଳ ଯୋଗାଣ ବିତରଣରେ ଅନିୟମିତତା ହେଉଥିବାର ଅଭିଯୋଗ

## ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଯୋଗାଣ ଅଧିକାରୀ ପେଟ୍ରୋଲ ପମ୍ପ ଉପରେ ଅଚାନକ ଚଢାଉ

ଭବାନୀପାଟଣା, ୧୯/୫ (ନି.ପ୍ର)- ଜିଲ୍ଲାରେ ତୈଳ ଯୋଗାଣ ବିତରଣରେ ଅନିୟମିତତା ହେଉଥିବାର ଅଭିଯୋଗ କ୍ରମେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ , ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଓ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ ମିଳିତ ଭାବରେ ଭବାନୀପାଟଣା ସହରର ବିଭିନ୍ନ ପେଟ୍ରୋଲ ପମ୍ପ ଉପରେ ଅଚାନକ ଚଢାଉ କରିଥିଲେ ।

ଚଢାଉ ସମୟରେ ପଣ୍ଡା ଫୁଏଲସରେ ୧୨୮୯୧ ଲିଟର ଡିଜେଲ ଏବଂ ୧୩୨୪୫ ଲିଟର ପେଟ୍ରୋଲ ଗଚ୍ଛିତ ଥିବା ଜଣା ପଡିଥିଲା । ସେହିପରି ପ୍ରଧାନ ଫୁଏଲସରେ ୫୦୩୮ ଲିଟର ଡିଜେଲ ଏବଂ ୬୮୮୦ ଲିଟର ପେଟ୍ରୋଲ ଗଚ୍ଛିତ ଥିବା ଜଣାପଡିଥିଲା । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୪୫୦୮୨୫ ଲିଟର ଡିଜେଲ ଏବଂ ୬୧୩୯୭୮ ଲିଟର ପେଟ୍ରୋଲ ଗଚ୍ଛିତ ଅଛି । ଯଥେଷ୍ଟ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା ଓ ନିୟମିତ ଯୋଗାଣ ଜାରି ରହି ଥିବାରୁ ଜିଲ୍ଲାପାଳ, ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଆତଙ୍କିତ ହୋଇ ପେଟ୍ରୋଲ ପମ୍ପ ମାନଙ୍କରେ ଭିଡ ନ ଜମାଇବା ପାଇଁ ଅନୁରୋଧ କରିଥିଲେ । ତୈଳ ମହଜୁଦକାରୀ ଓ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ - ୧୯୫୫ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀ, ସମସ୍ତ ବିଡିଓ ଓ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।





## ସେପ୍ଟେମ୍ବରରେ ଭାରତ ଆସିବେ ପୁଟିନ୍



ନୂଆଦିଲ୍ଲୀ,୧୯।୫: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ୧୨ ଓ ୧୩ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀରେ ଭାଗ ନେବେ। ସମାଚାର ଏଜେନ୍ସି ପିଟିଆଇ ଅନୁସାରେ, ତାଙ୍କର ଜଣେ ବରିଷ୍ଠ ସହଯୋଗୀ ଏହି କଥା କହିଛନ୍ତି। ଏହା ପୂର୍ବରୁ ପୁଟିନ୍ ଡିସେମ୍ବର ୨୦୨୫ ରେ ୨୩ ତମ ଭାରତ- ରୁଷ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଭାରତ ଗସ୍ତ କରିସାରିଛନ୍ତି। ଏହି ସମୟରେ ପୁଟିନ୍ ନରେନ୍ଦ୍ର ମୋଦିଙ୍କ ସହ ଦୁଇ ଦେଶ ଭିତରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗକୁ ଆହୁରି ମଜବୁତ କରିବା ଉପରେ ବିସ୍ତୃତ ଚର୍ଚ୍ଚା କରିଥିଲେ। ଉଲ୍ଲେଖନୀୟ ଯେ, ଭାରତ ଓ ରୁଷ ଭିତରେ ବାର୍ଷିକ ଶିଖର ସମ୍ମିଳନୀର ପରମ୍ପରା ରହିଛି, ଯେଉଁଥିରେ ଦୁଇ ଦେଶର ଶୀର୍ଷ ନେତା ଦ୍ୱିପାକ୍ଷିକ ସମ୍ପର୍କ, ରଣନୈତିକ ବୁଝାମଣା, ବାଣିଜ୍ୟ ଶକ୍ତି ଓ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିଚାର ବିମର୍ଷ କରିଥାନ୍ତି। ଏହି ସମ୍ମିଳନୀ ଦୁଇ ଦେଶରେ ଆୟୋଜିତ ହୋଇଥାଏ। ଥରେ ରୁଷରେ ହେଲେ ଆଉ ଥରେ ଭାରତରେ ହୋଇଥାଏ। ଏପର୍ଯ୍ୟନ୍ତ ଏଭଳି ୨୩ଟି ଶିଖର ସମ୍ମିଳନୀର ଆୟୋଜନ ହୋଇସାରିଛି, ଯାହାକି ଦୁଇ ଦେଶର ଗଭୀର ଓ ଦୀର୍ଘ ସମୟ ଧରି ଚାଲି ଆସିଥିବା ସମ୍ପର୍କକୁ ଦର୍ଶାଉଛି।

## ଉତ୍ତରାଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁବନ ଚନ୍ଦ୍ର ଖଣ୍ଡୁରୀଙ୍କ ପରଲୋକ

ଡେରାଡୁନ୍,୧୯।୫: ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ମେଜର ଜେନେରାଲ ଭୁବନ ଚନ୍ଦ୍ର ଖଣ୍ଡୁରୀଙ୍କ ପରଲୋକ ହୋଇଛି । ଦୀର୍ଘଦିନରୁ ଅସୁସ୍ଥ ଥିଲେ ଖଣ୍ଡୁରୀ । ଡେରାଡୁନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ନିଧନରେ ଉତ୍ତରାଖଣ୍ଡରେ ଶୋକର ଲହରି ଖେଳିଯାଇଛି । ରାଜନୈତିକ, ପ୍ରଶାସନିକ କ୍ଷେତ୍ର ସହିତ ଜଡିତ ଲୋକ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ମେଜର ଜେନେରାଲ ଭୁବନ ଚନ୍ଦ୍ର ଖଣ୍ଡୁରୀ ଭାରତୀୟ ସେନାର ପୂର୍ବତନ ଅଧିକାରୀ ଥିଲେ । ସେନାରେ ଦୀର୍ଘଦିନ କାମ କରିବା ପରେ ରାଜନୀତିରେ ପାଦ ଦେଇଥିଲେ । ଖଣ୍ଡୁରୀଙ୍କ କଡ଼ା ଅନୁଶାସନ, ସ୍ପଷ୍ଟବାଦିତା ଏବଂ କର୍ତ୍ତବ୍ୟନିଷ୍ଠତା ଯୋଗୁଁ ଉତ୍ତରାଖଣ୍ଡ ରାଜନୀତିରେ ଏକ ଅଲଗା ପରିଚୟ କରିପାରିଥିଲେ । ୨୦୦୭ରେ ଖଣ୍ଡୁରୀ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ । ୨୦୦୭ରୁ ୨୦୦୯ ଯାଏଁ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ସମ୍ଭାଳିଥିଲେ । ଏହି ସମୟରେ ପ୍ରଶାସନିକ ସୁଧାର, ରାସ୍ତା ନିର୍ମାଣ ଏବଂ ପାରିଦର୍ଶିତାକୁ ନେଇ ଅନେକ ବଡ଼ ନିଷ୍ପତ୍ତି ନେଇଥିଲେ । ୨୦୦୯ରେ ଲୋକସଭା ନିର୍ବାଚନରେ ପାର୍ଟିର ପ୍ରଦର୍ଶନ ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ୨୦୧୧ରେ ପୁଣିଥରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ହୋଇଥିଲେ । ୨୦୧୧ ସେପଟ୍ମେ୍ବରରୁ ମାର୍ଚ୍ଚ ୨୦୧୨ ଯାଏଁ ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିଲେ ।

## ସାନ ଡିଏଗୋ ମସଜିଦରେ ଗୁଳିକାଣ୍ଡ: ୫ ମୃତ



ନୂଆଦିଲ୍ଲୀ,୧୯।୫: ଏହି ଘଟଣା କାଲିଫର୍ନିଆର ସାନ ଡିଏଗୋରେ ଆଜି ଦୁଇ ଜଣ ନାବାଳକ ବନ୍ଧୁକଧାରୀ ଏକ ମସଜିଦରେ ଗୁଳିଚାଳନା କରିବା ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି। ପରେ ୨ ଆକ୍ରମଣକାରୀ ନିଜେ ନିଜକୁ ଗୁଳି କରି ମାରି ଦେଇଛନ୍ତି। କର୍ତ୍ତୃପକ୍ଷମାନେ କହିଛନ୍ତି, ସାନ ଡିଏଗୋ ଇସଲାମିକ ସେଣ୍ଟର ବାହାରେ ହୋଇଥିବା ଏହି ଆକ୍ରମଣକୁ ଏକ ସମ୍ଭାବ୍ୟ ଘୃଣା ଅପରାଧ ଭାବେ ତଦନ୍ତ କରାଯାଉଛି। ସାନ ଡିଏଗୋ ପୁଲିସ ମୁଖ୍ୟ ସ୍କଟ ୱାହଲ କହିଛନ୍ତି, କେଉଁ କାରଣ ପାଇଁ ଗୁଳିକାଣ୍ଡ ହେଲା ତାହା ଜାଣିବାପାଇଁ ତଦନ୍ତକାରୀ ଦଳ ଏବେ ତଦନ୍ତ ଜାରି ରଖିଛନ୍ତି। ଆକ୍ରମଣକାରୀମାନେ ପ୍ରଥମେ ମସଜିଦରେ ଗୁଳି ଚାଳନା କରିଥିଲେ। ଏହାର କିଛି ସମୟ ପରେ ସେମାନେ ନିକଟସ୍ଥ ରାସ୍ତାରେ ପାର୍କିଂ ହୋଇଥିବା ଏକ ଗାଡ଼ିରୁ ସେମାନଙ୍କ ମୃତଦେହ ମିଳିଥିଲା। ସନ୍ଦିଗ୍ଧମାନେ ଆକ୍ରମଣ କରିବାପରେ ନିଜେ ନିଜ ଉପରକୁ ଗୁଳି ଚଳାଇ ଦେଇଥିବା ପୁଲିସ ସନ୍ଦେହ କରୁଛି। ତେବେ ସୌଭାଗ୍ୟବସତଃ ଏହି ସମୟରେ ମସଜିଦ ପରିସରରେ ଚାଲିଥିବା ସ୍କୁଲରେ ପଢ଼ିବା ପାଇଁ ଆସିଥିବା ସମସ୍ତ ପିଲା ସୁରକ୍ଷିତ ଅଛନ୍ତି ବୋଲି ସାନ ଡିଏଗୋ ପୁଲିସ ମୁଖ୍ୟ କହିଛନ୍ତି। ମୁସଲମାନ ସମ୍ପ୍ରଦାୟକୁ ଟାର୍ଗେଟ କରି ଏହି ଗୁଳିକାଣ୍ଡ ହୋଇଛି ବୋଲି ପୁଲିସ ସନ୍ଦେହ କରୁଛି।

## ଟିଏମସିକୁ ବଡ଼ ଝଟକା ନିର୍ବାଚନରୁ ଓହରିଲେ ଜାହାଙ୍ଗୀର

ନୂଆଦିଲ୍ଲୀ,୧୯।୫ : ଫାଲତା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୁନଃନିର୍ବାଚନର ଦୁଇ ଦିନ ପୂର୍ବରୁ, ତୃଣମୂଳ କଂଗ୍ରେସ ପ୍ରାର୍ଥୀ ତଥା ମମତା ବାନାର୍ଜୀଙ୍କ ଭଣଜା ଅଭିଷେକ ବାନାର୍ଜୀଙ୍କ ସହଯୋଗୀ ଜାହାଙ୍ଗୀର ଖାନ ନିର୍ବାଚନ ନଲଢ଼ିବାକୁ ଘୋଷଣା କରିଛନ୍ତି। ସମ୍ପୂର୍ଣ୍ଣ ଘଟଣା ଅନୁସାରେ, ପଶ୍ଚିମବଙ୍ଗରେ ବିଜେପି ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛି। କିନ୍ତୁ ଡାଇମଣ୍ଡ ହାର୍ବର ଲୋକସଭା ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ଫାଲତା ବିଧାନସଭା ମଣ୍ଡଳୀରେ ନିର୍ବାଚନ ବାତିଲ ହୋଇଛି। ଡାଇମଣ୍ଡ ହାର୍ବରରେ ଏବେ ଅଭିଷେକ ବାନାର୍ଜୀ ସାଂସଦ ଅଛନ୍ତି। ଫାଲତାରେ ଅଭିଷେକଙ୍କ ପ୍ରମୁଖ ସହଯୋଗୀ ଜାହାଙ୍ଗୀର ଖାନ ତୃଣମୂଳ କଂଗ୍ରେସରୁ ନିର୍ବାଚନ ଲଢୁଥିଲେ। କିନ୍ତୁ ନିର୍ବାଚନ ସମୟରେ ପ୍ରବଳ ହିଂସା ଯୋଗୁଁ ନିର୍ବାଚନ ଆୟୋଗ, ଗମ୍ଭୀର ନିର୍ବାଚନୀ ଅପରାଧ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରିବା ଦର୍ଶାଇ ନିର୍ବାଚନ ବାତିଲ କରିଥିଲେ।

### ଭିଏତନାମରୁ ପାକ୍‌କୁ ରାଜନାଥ ସିଂହଙ୍କ ଚେତାବନୀ

# ଭାରତ ପରମାଣୁ ବ୍ଲାକମେଲ୍‌କୁ ସହ୍ୟ କରିବ ନାହିଁ



ଏଆଇ-କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚୁକ୍ତି ସ୍ୱାକ୍ଷରିତ

ହନୋଇ,୧୯।୫: ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବର୍ତ୍ତମାନ ଭିଏତନାମ ଗସ୍ତରେ ଅଛନ୍ତି। ମଙ୍ଗଳବାର ଭାରତ ଏବଂ ଭିଏତନାମ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜବୁତ କରିବ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟାରେ ସହଯୋଗ ପାଇଁ ପଥ ଖୋଲିବ ବୋଲି ବିଶ୍ୱାସ କରାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ଭାରତ ଏବଂ ଭିଏତନାମ ମଧ୍ୟରେ ରଣନୈତିକ ସହଭାଗୀତାରେ ଏକ ପ୍ରମୁଖ ଏବଂ ଭବିଷ୍ୟତମୁଖୀ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ନିରନ୍ତର ମଜବୁତ ହେଉଛି ଏବଂ ଭାରତ ଏହି ସହଭାଗୀତାକୁ ଆଗକୁ ନେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ଭିଏତନାମ ପ୍ରତିରକ୍ଷା ମନ୍ତ୍ରୀ ଫାନ୍ ଭାନ୍ ଗିଆଙ୍ଗଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏହି ବୈଠକ ସମୟରେ, ପ୍ରତିରକ୍ଷା ସହଯୋଗ, ସାମୁଦ୍ରିକ ସୁରକ୍ଷା, ସାମରିକ ତାଲିମ, ପ୍ରତିରକ୍ଷା ଶିଳ୍ପ ଏବଂ ଆଞ୍ଚଳିକ ସ୍ଥିରତା ସମେତ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ରାଜନାଥ ସିଂହ କହିଛନ୍ତି ଯେ ଭାରତ ଏବଂ ଭିଏତନାମ କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ ବରଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ କହିଛନ୍ତି ଯେ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ସହଯୋଗ ଆହୁରି ମଜବୁତ ହେବ। ବୈଠକ ସମୟରେ, ଦୁଇ ଦେଶ ଭିଏତନାମ ବାୟୁସେନା ଅଧିକାରୀ କଲେଜରେ ଏକ ନୂତନ ଭାଷା ପ୍ରୟୋଗଶାଳା ମଧ୍ୟ ଉଦଘାଟନ କରିଛନ୍ତି। ଏହାକୁ ସାମରିକ ତାଲିମ ଏବଂ ପାରସ୍ପରିକ ସହଯୋଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଏହି ପ୍ରୟୋଗଶାଳା ଉଭୟ ଦେଶର ସାମରିକ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ଏବଂ ତାଲିମକୁ ସହଜ କରିବ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତ ଯେଉଁ ପ୍ରୟାସ ଜାରି ରଖିଛି, ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ଗସ୍ତ ଏପରି ହୋଇଛି। ଭିଏତନାମକୁ ଭାରତର ଏକ ପ୍ରମୁଖ ଅଂଶୀଦାର ଭାବରେ ବିବେଚନା କରାଯାଏ। ଚୀନର ବର୍ଦ୍ଧିତ ଦୃଢ଼ତା ଏବଂ ଆଞ୍ଚଳିକ ସୁରକ୍ଷା ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଉଭୟ ଦେଶ ସେମାନଙ୍କର ସହଯୋଗକୁ ଆହୁରି ବୃଦ୍ଧି କରିବା ଉପରେ ଧ୍ୟାନ ଦେଉଛନ୍ତି। ହନୋଇରେ, ରାଜନାଥ ସିଂହ କହିଛନ୍ତି ଯେ, ଭାରତ କୌଣସି ପ୍ରକାରର ପରମାଣୁ ବ୍ଲାକମେଲ୍ ସହ୍ୟ କରିବ ନାହିଁ। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଭାରତ ପରମାଣୁ ଅସ୍ତ୍ରର ପ୍ରଥମ ବ୍ୟବହାର ନ କରିବାର ନୀତି ପାଳନ କରେ, କିନ୍ତୁ ଯଦି କୌଣସି ଦେଶ ପରମାଣୁ ଧମକ ଦିଏ, ତେବେ ଭାରତ ମୁଣ୍ଡ ନୁଆଁଇବ ନାହିଁ। ଅପରେସନ ସିନ୍ଦୂର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି, ଭାରତୀୟ ସେନା ପୁଣିଥରେ ବିଶ୍ୱ ସମ୍ମୁଖରେ ନିଜର ଶକ୍ତି ଏବଂ ସାହସ ପ୍ରଦର୍ଶନ କରିଛି। ଆଜିର ଭାରତ ପ୍ରତ୍ୟେକ ଚ୍ୟାଲେଞ୍ଜର ଦୃଢ଼ ଜବାବ ଦେବା ପାଇଁ ସକ୍ଷମ ଏବଂ ଆତ୍ମବିଶ୍ୱାସୀ ରାଷ୍ଟ୍ର ପାଲଟିଛି।

## ତୈଳ ସଙ୍କଟ ଯୋଗୁଁ କେନିଆରେ ଗୃହଯୁଦ୍ଧ ପରିସ୍ଥିତି ହିଂସାତ୍ମକ ଆନ୍ଦୋଳନରେ ୪ ମୃତ, ୩୦ରୁ ଅଧିକ ଆହତ



ନାଇରୋବି,୧୯।୫: ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସାମରିକ ସଂଘର୍ଷର କୁପ୍ରଭାବ ଏବେ ଆଫ୍ରିକାରେ ପହଞ୍ଚିଛି। ଇରାନ ଦ୍ୱାରା ପ୍ରମୁଖ ଜଳପଥ ''ହର୍ମୁଜ୍ ପ୍ରଣାଳୀ'' ବନ୍ଦ କରାଯିବା ଫଳରେ ବିଶ୍ୱ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି, ଯାହା କେନିଆରେ ଏକ ଚରମ ଇନ୍ଧନ ସଙ୍କଟ ସୃଷ୍ଟି କରିଛି। ସରକାରଙ୍କ ପକ୍ଷରୁ ଡିଜେଲ ଦରରେ ୨୩.୫ ପ୍ରତିଶତ ବୃଦ୍ଧି ଘୋଷଣା କରାଯିବା ପରେ ରାଜଧାନୀ ନାଇରୋବି ସମେତ ବିଭିନ୍ନ ପ୍ରମୁଖ ସହରରେ ବ୍ୟାପକ ହିଂସାତ୍ମକ ଆନ୍ଦୋଳନ ମୁଣ୍ଡ ଟେକିଛି। ଉତ୍ୟକ୍ତ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରି ଯାନବାହନରେ ନିଆଁ ଲଗାଇବା ସହ ସାଧାରଣ ପରିବହନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଚଳ କରିଦେଇଛନ୍ତି। ଏହି ରକ୍ତାକ୍ତ ସଂଘର୍ଷରେ ୪ ଜଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ବୋଲି ଗୃହମନ୍ତ୍ରୀ କିପଚୁମ୍ବା ମୁରକୋମେନ୍ ସୂଚନା ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ସମସ୍ତ ସ୍କୁଲ-କଲେଜ ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖାଯାଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ କେନିଆରେ ପେଟ୍ରୋଲ ମୂଲ୍ୟ ୨୦ ପ୍ରତିଶତ ଏବଂ ଡିଜେଲ ମୂଲ୍ୟ ପ୍ରାୟ ୪୫.୮ ପ୍ରତିଶତ ବୃଦ୍ଧି ପାଇଛି, ଯାହା ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ସହ କେନିଆ ସରକାରଙ୍କ ଉପରେ ପ୍ରବଳ ଚାପ ସୃଷ୍ଟି କରିଛି। ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବା ପାଇଁ ସରକାର ୩୮.୫ ମିଲିୟନ୍ ଡଲାରର ସହାୟତା ରାଶି ଖର୍ଚ୍ଚ କରିବା ସହ ଇନ୍ଧନ ଗୁଣବତ୍ତା ମାନକକୁ ମଧ୍ୟ ଅସ୍ଥାୟୀ ଭାବେ ସ୍ଥଗିତ ରଖିଛନ୍ତି।

## ପୂର୍ବ କଙ୍ଗୋରେ ଇବୋଲା ମୃତ୍ୟୁ୧୩୧ ଛୁଇଁଲା



ନୂଆଦିଲ୍ଲୀ,୧୯।୫: ସରକାରଙ୍କ ବିଳମ୍ବ ପ୍ରତିକ୍ରିୟା ବିଷୟରେ ବିବରଣୀ ପ୍ରକାଶ ପାଇବା ପରେ କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଙ୍ଗଳବାର ଦିନ କହିଛି ଯେ,ପୂର୍ବ କଙ୍ଗୋରେ ଇବୋଲା ୧୩୧ ଜଣଙ୍କର ମୃତ୍ୟୁ ଘଟିଛି । ୫୧୩ ସନ୍ଦିଗ୍ଧ ମାମଲା ରିପୋର୍ଟ କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ମନ୍ତ୍ରୀ ସାମୁଏଲ୍ ରୋଜର କାମ୍ବା କହିଛନ୍ତି । ଏ ଗୁଡ଼ିକ ସନ୍ଦେହଜନକ ମୃତ୍ୟୁ, ଏବଂ କେଉଁଗୁଡ଼ିକ ପ୍ରକୃତରେ ଏହି ରୋଗ ସହିତ ଜଡିତ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି। ରବିବାର ଦିନ ଡବ୍ଲୁଏଚ୍ଓ ଇବୋଲା ପ୍ରକୋପକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲା। ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଶୁକ୍ରବାର ଦିନ ପ୍ରଥମେ ନିଶ୍ଚିତ ହୋଇଥିବା ବର୍ତ୍ତମାନର ପ୍ରକୋପ ବୁଣ୍ଡିବୁଗ୍ୟୋ ଭାଇରସ ଯୋଗୁଁ ହୋଇଛି, ଏହା ଇବୋଲା ରୋଗର ଏକ ବିରଳ ଭାରିଆଣ୍ଟ ଯାହାର କୌଣସି ଅନୁମୋଦିତ ଚିକିତ୍ସା କିମ୍ବା ଟୀକା ନାହିଁ । କଙ୍ଗୋ ଏବଂ ଉଗାଣ୍ଡାରେ ୨୦ ରୁ ଅଧିକ ଥର ଇବୋଲା ସଂକ୍ରମଣ ଘଟିଛି । ତେବେ ତୃତୀୟ ଥର ପାଇଁ ଏହା ବୁଣ୍ଡିବୁଗ୍ୟୋ ଭାଇରସ ବୋଲି ଚିହ୍ନଟ ହୋଇଛି । ଉତ୍ତର କିଭୁର ବିଦ୍ରୋହୀ ରାଜଧାନୀ ଗୋମା, ମୋଙ୍ଗବାଲୁ, ବୁଟେମ୍ବୋ ଏବଂ ନାଇକୁଣ୍ଡେରେ ବୁନିଆରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ ମଙ୍ଗଳବାର ଦିନ ଜେନେଭାରେ କହିଛନ୍ତି ଯେ ସେ ମହାମାରୀ ଦ୍ରୁତ ସଂକ୍ରମଣ ନେଇ ଚିନ୍ତିତ। ପରାମର୍ଶ ଦେବା ପାଇଁ ଜାତିସଂଘ ସ୍ୱାସ୍ଥ୍ୟ ସଂସ୍ଥା ଜରୁରୀକାଳୀନ କମିଟି ବୈଠକ ଡାକିବ।

## ଇସଲାମପୁରା ହେଲା କୃଷ୍ଣ ନଗର

ଇସଲାମାବାଦ,୧୯।୫: ଲାହୋରର ଇସଲାମପୁରା ଏବେ କୃଷ୍ଣ ନଗର ହୋଇଛି। ବାବ୍ରି ମସଜିଦ ଚୌକକୁ ଜୈନ ମନ୍ଦିର ଚୌକ ଭାବରେ ପୁନଃନାମିତ କରାଯାଇଛି, ଏବଂ ସୁନ୍ନତ ନଗରକୁ ସନ୍ତୁ ନଗର ଭାବରେ ନାମିତ କରାଯାଇଛି। ମୁସ୍ତାଫାବାଦ ଏବେ ଧରମପୁରା ଭାବରେ ପରିଚିତ ହେବ। ଏହା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ଏହା ସତ୍ୟ। ବିଭାଜନର ଆଠ ଦଶନ୍ଧି ପରେ, ପାକିସ୍ତାନର ଲାହୋରରେ ରାସ୍ତା, ଗଳି ଏବଂ ମୋହଲ୍ଲାଗୁଡ଼ିକର ନାମ ସେମାନଙ୍କର ମୂଳ ନାମକୁ ଫେରିଛି। ସରକାରଙ୍କ ପକ୍ଷରୁ ନାମ ପରିବର୍ତ୍ତନ କରାଯାଉଛି। ପଞ୍ଜାବର ଲାହୋର ୧୯୪୭ ମସିହାରେ ବିଭାଜନ ପରେ ପାକିସ୍ତାନକୁ ଯାଇଥିଲା। ବର୍ତ୍ତମାନ, ଏହା ପାକିସ୍ତାନର ପଞ୍ଜାବ ରାଜ୍ୟର ରାଜଧାନୀ। ପାକିସ୍ତାନର ପ୍ରାୟ ଆଠ ଦଶନ୍ଧିର ଶାସନ କାଳରେ, ସହର ମଧ୍ୟରେ ପ୍ରମୁଖ ସ୍ଥାନଗୁଡ଼ିକର ନାମ ପରିବର୍ତ୍ତନ କରାଯାଇଥିଲା, ଯାହା ଐତିହ୍ୟର ସମ୍ପୂର୍ଣ୍ଣ ପରିବର୍ତ୍ତନ ଥିଲା। ସେଗୁଡ଼ିକୁ ଇସଲାମିକ, ପାକିସ୍ତାନୀ କିମ୍ବା ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ନାମରେ ନାମିତ କରାଯାଇଥିଲା। ବର୍ତ୍ତମାନ ପାକିସ୍ତାନର ପଞ୍ଜାବ ସରକାର ଲାହୋରର ବିଭାଜନ ପୂର୍ବ ଐତିହ୍ୟକୁ ଫେରାଇ ଆଣିବାକୁ ଚେଷ୍ଟା କରୁଛନ୍ତି। ଯାହା ଦଶନ୍ଧି ଧରି ଧୀରେ ଧୀରେ ଲୋପ ପାଇଯାଇଥିଲା।

## ଚେତାବନୀ ଦେଲେ ଶେଖ ହାସିନା ମୋ ଅନୁପସ୍ଥିତିର ଅର୍ଥ ନୁହେଁ ନିରବ ଅଛି



ନୂଆଦିଲ୍ଲୀ,୧୯।୫: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା ବହୁତ ଶୀଘ୍ର ବାଂଲାଦେଶ ଫେରିବେ। ବର୍ତ୍ତମାନ ଭାରତରେ ରହୁଥିବା ଶେଖ ହାସିନା ଏନେଇ ସଙ୍କେତ ଦେଇଛନ୍ତି। ଏକ ଇମେଲ ସାକ୍ଷାତକାରରେ ଚେତାବନୀ ଦେଇ କହିଛନ୍ତି, ତାଙ୍କର ଅନୁପସ୍ଥିତି ଅର୍ଥ ନୁହେଁ, ସେ ନୀରବ ଅଛନ୍ତି। ସେ ଦେଶ ପାଇଁ ନିରନ୍ତର ଲଢୁଛନ୍ତି ଏବଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସକ୍ରିୟ ଅଛନ୍ତି। ହାସିନା କହିଛନ୍ତି, ତାଙ୍କର ପ୍ରତ୍ୟାବର୍ତ୍ତନ କୌଣସି ନିର୍ଦ୍ଦିଷ୍ଟ ତାରିଖ ଉପରେ ନିର୍ଭରଶୀଳ ନୁହେଁ। ପ୍ରଥମ ଏବଂ ସର୍ବୋପରି, ବାଂଲାଦେଶରେ ଏକ ଗଣତାନ୍ତ୍ରିକ ପରିବେଶ, ଅଭିବ୍ୟକ୍ତିର ସ୍ୱାଧୀନତା, ରାଜନୈତିକ ଅଧିକାର ଏବଂ ଆଇନର ଶାସନ ପୁନରୁଦ୍ଧାର କରିବା ଅତ୍ୟନ୍ତ ଜରୁରୀ। ଏହା କେବଳ ତାଙ୍କ ନିଜ ପ୍ରତ୍ୟାବର୍ତ୍ତନ ପାଇଁ ନୁହେଁ, ବରଂ ଦେଶର ସ୍ୱାଧୀନତା ଏବଂ ଲୋକଙ୍କ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ। ହାସିନା ପ୍ରକାଶ କରିଛନ୍ତି ଯେ, ସେ ୧୯ଥର ହତ୍ୟା ଉଦ୍ୟମରୁ ବଞ୍ଚିଛନ୍ତି, ତଥାପି ସେ କେବେ ବି ପଛକୁ ଫେରି ନାହାଁନ୍ତି। ଆୱାମୀ ଲିଗ ଉପରେ ଲାଗୁ ହୋଇଥିବା ପ୍ରତିବନ୍ଧକକୁ ନେଇ ସେ ଦୃଢ ଭାବେ କହିଛନ୍ତି, ଏହା ଲୋକଙ୍କର ଏକ ଦଳ ଏବଂ କେବଳ ଏକ ବ୍ୟୁରୋକ୍ରାଟିକ ଡିକ୍ରିମ ଦ୍ୱାରା ଏହାକୁ ଭାଙ୍ଗି ଦିଆଯାଇପାରିବ ନାହିଁ। ଯଦି ଆୱାମୀ ଲିଗକୁ ପ୍ରତିବନ୍ଧକ ମାଧ୍ୟମରେ ଦୂର କରାଯାଇପାରିଥାନ୍ତା, ତେବେ ବାଂଲାଦେଶ ରାଷ୍ଟ୍ର କେବେ ବି ଅସ୍ତିତ୍ୱରେ ଆସି ନ ଥାନ୍ତା। ଲକ୍ଷ ଲକ୍ଷ ସମର୍ଥକ ଏବଂ ହଜାର ହଜାର ନେତା ଆଜି ବାଂଲାଦେଶ ଭିତରେ ଦଳ ସହିତ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ସରକାର ଆୱାମୀ ଲିଗକୁ ଭୟ କରନ୍ତି। ଏହି କାରଣରୁ ଦଳ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଆଭ୍ୟନ୍ତରୀଣ ଦଳ ସଂସ୍କାର ଏବଂ ତାଙ୍କ ଅନୁପସ୍ଥିତିରେ ଆୱାମୀ ଲିଗର ଭବିଷ୍ୟତ ସମ୍ପର୍କରେ ସେ କହିଛନ୍ତି, ଦଳ ଗଣତାନ୍ତ୍ରିକ ନୀତି ଉପରେ କାର୍ଯ୍ୟ କରେ। ଯଦି କୌଣସି ନେତାଙ୍କ ବିରୋଧରେ ଅଭିଯୋଗ ଆସେ, ତେବେ ଦଳ ନିଜେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରେ। ଦଳ ଏହାର ବିରୋଧୀମାନଙ୍କ ଦ୍ୱାରା ରଚିତ ଷଡ଼ଯନ୍ତ୍ରର ଚାପରେ ଭାଙ୍ଗି ପଡ଼ିବ ନାହିଁ।

## ବିଶ୍ୱରେ ନୂଆ ଶକ୍ତି ଭାବେ ଉଭା ହେଉଛି ଚୀନ: ରୁଷ ରାଷ୍ଟ୍ରପତି

ନଦୂଆଦିଲ୍ଲୀ,୧୯।୫ : ଚୀନ ଗସ୍ତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତର ତୁରନ୍ତ ପରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବେଜିଂରେ ପହଞ୍ଚିଛନ୍ତି । ମେ ୧୯ ଏବଂ ୨୦ରେ ପୁଟିନ୍‌ଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦୁଇଦିନିଆ ଗସ୍ତ ୱାଶିଂଟନ୍ ଏବଂ ପଶ୍ଚିମ ଦେଶଗୁଡ଼ିକୁ ଏକ ସିଧାସଳଖ ବାର୍ତ୍ତା ଯେ, ଚାପ ସତ୍ତ୍ୱେ ସେମାନଙ୍କର ସହଭାଗିତା ଅକ୍ଷୁର୍ଣ୍ଣ ରହିଛି । କ୍ରେମଲିନ୍ ଏହା ମଧ୍ୟ ସ୍ପଷ୍ଟ କରିଛି, ଏହି ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଗସ୍ତରୁ ସକାରାତ୍ମକ ଆଶା ଅଛି। ଉଭୟ ଦେଶ ଏବେ ସେମାନଙ୍କର ସୁବିଧାପ୍ରାପ୍ତ ସହଭାଗିତା କୁ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ବୃହତ ସ୍ତରକୁ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଗତ କିଛି ବର୍ଷ ମଧ୍ୟରେ ପୁଟିନ ଏବଂ ସି ଜିନପିଙ୍ଗ ୪୦ ରୁ ଅଧିକ ଥର ସାକ୍ଷାତ କରିଛନ୍ତି । ୟୁକ୍ରେନ ଯୁଦ୍ଧ ଯୋଗୁଁ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ ଉପରେ କଠୋର ଆର୍ଥିକ କଟକଣା ଲଗାଇଥିବା ବେଳେ ପୁଟିନଙ୍କ ଗସ୍ତ ଗୁରୁତ୍ୱ ବହନ କରୁଛି । ଚୀନ୍ ନିଜର କୂଟନୀତି ମାଧ୍ୟମରେ ପ୍ରତ୍ୟେକ ସୁଯୋଗରେ ପ୍ରଦର୍ଶନ କରିଛି ଯେ ଗ୍ଲୋବାଲ୍ ସାଉଥ୍ ପ୍ରଭାବ ନିରନ୍ତର ବୃଦ୍ଧି ପାଉଛି । ଟ୍ରମ୍ପଙ୍କ ଗସ୍ତ ପରେ, ଚୀନ୍ ଦୃଷ୍ଟିକୋଣରେ ଯଥେଷ୍ଟ ଶକ୍ତିଶାଳୀ ଦେଖାଯାଇଛି , ଯାହା ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏକ ଦୃଢ଼ ପ୍ରତିରୋଧ ପ୍ରଦାନ କରୁଛି ।

# ଆଫଗାନିସ୍ତାନରେ ୪୭ ଲକ୍ଷ ଲୋକ ଅନାହାରର ଶିକାର

## ପେଟ ପାଇଁ ପିଲା ବିକ୍ରି କରୁଛନ୍ତି ପରିବାର



କାବୁଲ,୧୯।୫: ଆଫଗାନିସ୍ତାନରେ କ୍ଷୁଧା ଏବଂ ଦାରିଦ୍ର୍ୟ ସଙ୍କଟଜନକ ହେବାରେ ଲାଗିଛି। ଜାତିସଂଘ ଅନୁଯାୟୀ, ୪୭ ଲକ୍ଷ ଲୋକ ଅନାହାରରେ ଅଛନ୍ତି। କାମ ଏବଂ ଖାଦ୍ୟର ଅଭାବ ଅନେକ ପରିବାରକୁ ସେମାନଙ୍କ ପିଲାମାନଙ୍କୁ ବିକ୍ରି କରିବାକୁ ବାଧ୍ୟ କରିଛି। ବିଦେଶୀ ସହାୟତା ହ୍ରାସ, ମରୁଡ଼ି ଏବଂ ବେକାରୀ ପରିସ୍ଥିତିକୁ ଆହୁରି ଖରାପ କରିଛି। ଅପପୁଷ୍ଟିର ଶିକାର ଶିଶୁଙ୍କ ହସ୍ପିଟାଲ ମୃତ୍ୟୁ ବୃଦ୍ଧି ପାଉଛି। ଭୋକରେ ଥିବା ଲୋକଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ୧୦% ରୁ ଅଧିକ। ଘୋର ପ୍ରଦେଶରେ ପରିସ୍ଥିତି ବିଶେଷ ଭାବରେ ଭୟଙ୍କର ରହିଛି। ପ୍ରତିଦିନ ସକାଳେ ଶହ ଶହ ଲୋକ କାମ ଖୋଜିବା ପାଇଁ ରାସ୍ତା କଡ଼ରେ ଧାଡ଼ିରେ ଠିଆ ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଅଧିକାଂଶଙ୍କୁ କୌଣସି କାମ ମିଳୁ ନାହିଁ। ରିପୋର୍ଟ ଅନୁଯାୟୀ ବହୁ ଲୋକଙ୍କୁ ଗତ ଦେଢ଼ ମାସ ମଧ୍ୟରେ ସେ କେବଳ ତିନି ଦିନ କାମ ମିଳିଛି। ଫଳରେ ବହୁ ପରିବାର ରାତି ରାତି ଭୋକିଲା ଶୋଉଛନ୍ତି। ଅଟା କିଣିବା ପାଇଁ ଧାର କରଜ କରିବାକୁ ପଡୁଛି। ଲୋକେ ପାଣି ପିଇ ଭୋକ ମାରିବାକୁ ପ୍ରୟାସ କରୁଛନ୍ତି। ପେଟର ଭୋକ ପାଇଁ ବହୁ ଲୋକ ନିଜ ଛୋଟ ପିଲାଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ପୂର୍ବରୁ, ଆଫଗାନିସ୍ତାନର ଲୋକଙ୍କୁ ବିଦେଶରୁ ଖାଦ୍ୟ ସହାୟତା ମିଳୁଥିଲା, ଯାହା ସେମାନଙ୍କୁ ପିଲାମାନଙ୍କ ପାଇଁ ଅଟା, ତେଲ, ଡାଲି ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେଉଥିଲା। ଆମେରିକା ସମେତ ଅନେକ ଦେଶ ସହାୟତାକୁ ଯଥେଷ୍ଟ ହ୍ରାସ କରିଛନ୍ତି। ଜାତିସଂଘ ଅନୁଯାୟୀ, ୨୦୨୫ ତୁଳନାରେ ଚଳିତ ବର୍ଷ ବିଦେଶୀ ସହାୟତା ୭୦% ହ୍ରାସ ପାଇଛି। ମରୁଡ଼ି, ବେକାରୀ ଏବଂ ମୁଦ୍ରାସ୍ଫୀତି ପରିସ୍ଥିତିକୁ ଆହୁରି ଖରାପ କରିଛି। ଡାକ୍ତରଖାନାରେ କୁପୋଷଣ ଶିଶୁଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅନେକ ନବଜାତ ଶିଶୁ ନିଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରମାନେ କହିଛନ୍ତି ଯେ ଦାରିଦ୍ର୍ୟ ଏବଂ ଔଷଧର ଅଭାବ ଯୋଗୁ ଶିଶୁ ମୃତ୍ୟୁ ବୃଦ୍ଧି ପାଉଛି।

## ବନ୍ଧୁକ ମୁନରେ ରୋଷେୟାଙ୍କଠାରୁ ଟଙ୍କା ଲୁଟ୍

# ୫ ଡକାୟତଙ୍କୁ ଜେଲ୍ ପଠାଇଲା ପୋଲିସ

ଭୁବନେଶ୍ୱର(ନିପ୍ର): ଯୋଜନାବଦ୍ଧ ଭାବେ ପୁରୀ ବାଇପାସର ଅନ୍ଧାରିଆ ରାସ୍ତାରେ ଲୁଚି ରହିବା ସହ ରାସ୍ତାରେ ଯାଉଥିବା ବାଟୋଇଙ୍କୁ ମରଣାନ୍ତକ ଆକ୍ରମଣ କରି ଡକାୟତି କରୁଥିବା ଏକ ୫ ଜଣିଆ ଗ୍ୟାଙ୍ଗର ସମସ୍ତ ସଦସ୍ୟଙ୍କୁ ମଙ୍ଗଳବାର ଧଉଳି ଥାନା ପୋଲିସ ଗିରଫ କରିଛି । ଗିରଫ ଡକାୟତମାନେ ହେଲେ ଜଗତସିଂହପୁର ରଘୁନାଥପୁରର ସୂର୍ଯ୍ୟକାନ୍ତ ଜେନା ଓରଫ ଧନିଆ (୨୪),ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଦଳୀ ଗୋଦାମ ବସ୍ତିର ଏନ୍.ରୋଷନ ରେଡ୍ଡୀ (୧୯),ଲିଙ୍ଗରାଜ ଥାନା ସାମନ୍ତରାପୁରର ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ଓରଫ ରିଣ୍ଟୁ (୨୦), ପୁରୀ ଜିଲ୍ଲା କାକଟପୁରର ଶୁଭ୍ରଜିତ ମଲ୍ଲିକ (୨୬) ଓ ଜଗତସିଂହପୁର ନୂଆଗାଁର ଇଶ୍ୱର ସାଇ (୨୫)। ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ଦୁଇଟି ସ୍ପିଡ୍ ବାଇକ ଓ ୭ଟି ମୋବାଇଲ ଫୋନକୁ ଜବତ କରିଛି । ଏନେଇ ପ୍ରଦୀନ ସେନାପତି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୧୧ ତାରିଖ ରାତି ପ୍ରାୟ ୧୧.୩୦ ସମୟରେ ଅଭିଯୋଗକାରୀ କେଶୁରା ବ୍ୟାଙ୍କ କଲୋନୀରେ ରାନ୍ଧଣା କାମ ସାରି ଘରକୁ ଫେରୁଥିବା ବେଳେ ପୁରୀ ବାଇପାସ୍ ରୋଡ୍‌ର ଓଡ଼ିଆଣୀ ଢାବା ନିକଟରେ ଏକ କଳା ରଙ୍ଗର ପଲସର ମୋଟରସାଇକେଲରେ ଆସିଥିବା ୬ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ । ପରେ ସେମାନେ ଅଭିଯୋଗକାରୀଙ୍କ ପାଖରୁ ନଗଦ ୪ ହଜାର ୫ଶହ ଟଙ୍କା ଓ ଏକ ମୋବାଇଲ ଫୋନ ଛିନତାଇ କରିନେଇଥିଲେ । ଏହାପରେ ଅଭିଯୁକ୍ତମାନେ ମୋବାଇଲ ଫୋନ ମାଧ୍ୟମରେ ଫୋନପେ ଦ୍ୱାରା ଅଭିଯୋଗକାରୀଙ୍କ ଏକାଉଣ୍ଟରୁ ୬୩ ହଜାର ଟଙ୍କା ଅନଲାଇନ୍ ଟ୍ରାନ୍ସଫର କରିନେଇଥିଲେ । ତଦନ୍ତ ସମୟରେ ଅଭିଯୋଗକାରୀଙ୍କ ଫୋନପେ ଟ୍ରାଞ୍ଜାକ୍ସନ ଏବଂ ବ୍ୟାଙ୍କ ଲେନଦେନ ଯାଞ୍ଚ କରି ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଜେନା ଓ ଗୋବିନ୍ଦ ମଲ୍ଲିକଙ୍କ ମୋବାଇଲ ନମ୍ବର ଚିହ୍ନଟ କରାଯାଇଥିଲା । ଲୋକେସନ୍ ଟ୍ରାକିଂ ମାଧ୍ୟମରେ ଗୋବିନ୍ଦ ମଲ୍ଲିକ ଓ ତାଙ୍କ ସହଯୋଗୀ ସୁଭ୍ରଜିତ ମଲ୍ଲିକଙ୍କୁ କାବୁ କରାଯାଇଥିଲା । ପଚରାଉଚରା ସମୟରେ ସେମାନେ ଅନ୍ୟ ସହଯୋଗୀ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଜେନା, ଈଶ୍ୱର ସ୍ୱାଇଁ ଏବଂ ଏନ୍. ରୋଶନ ରେଡ୍ଡୀଙ୍କ ନାମ ଓ ଘଟଣାରେ ସଂପୃକ୍ତି ବିଷୟରେ ପୋଲିସକୁ ଜଣାଇଥିଲେ । ପରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତମାନେ ଅବୈଧ ଭାବେ ଆର୍ଥିକ ଲାଭ ହାସଲ କରିବା ଉଦ୍ଦେଶ୍ୟରେ ପୂର୍ବ ଯୋଜନାବଦ୍ଧ ଭାବେ ଏହି ଅପରାଧ କରିଥିଲେ । ଫୋନପେ ଓ ଅନ୍ୟାନ୍ୟ ଅନଲାଇନ୍ ଟ୍ରାଞ୍ଜାକ୍ସନ ଯାଞ୍ଚରୁ ଅଭିଯୋଗକାରୀଙ୍କ ଏକାଉଣ୍ଟରୁ ପ୍ରାୟ ୬୫ ହଜାର ଟଙ୍କା ଅନଧିକୃତ ଭାବେ ଟ୍ରାନ୍ସଫର ହୋଇଥିବା ସତ୍ୟତା ପ୍ରମାଣିତ ହୋଇଥିଲା । ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଜେନା ବ୍ୟକ୍ତିଗତ ତଲାଶି ସମୟରେ ତାଙ୍କ ହେପାଜତରୁ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଥିଲା । ପଚରାଉଚରା ବେଳେ ଅଭିଯୁକ୍ତମାନେ ବର୍ତ୍ତମାନ ମାମଲାରେ ନିଜ ସଂପୃକ୍ତି ସ୍ୱୀକାର କରିବା ସହ ଜାତୀୟ ରାଜପଥରେ ସାଧାରଣ ଯାତ୍ରୀମାନଙ୍କୁ ଟାର୍ଗେଟ କରି ଏଭଳି ଅନ୍ୟାନ୍ୟ ମୋବାଇଲ ଛିନତାଇ ଘଟଣାରେ ମଧ୍ୟ ଜଡିତ ଥିବା କଥା ସ୍ୱୀକାର କରିଥିଲେ ।

## ପେଟ୍ରୋଲ ପମ୍ପରୁ ଚୋରି କରି ବନ୍ଧାହେଲେ

ଭୁବନେଶ୍ୱର(ନିପ୍ର): ପେଟ୍ରୋଲ ପମ୍ପରୁ ଚୋରି କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ମଙ୍ଗଳବାର ଜଣେ ଚୋରକୁ ଗିରଫ କରିଛି । ଗିରଫ ଚୋରର ନାମ ଗୌତମ ରଣା (୨୭) ଓ ତାଙ୍କ ଘର ଖୋର୍ଦ୍ଧା ସଦର ଅଞ୍ଚଳରେ ବୋଲି ଜଣାପଡ଼ିଛି । ଏନେଇ ଭୀଷ୍ମ ରଞ୍ଜନ ଭୁଜବଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୧୮ତାରିଖ ଦିନ ପ୍ରାୟ ୧୨ଟା୨୫ ମିନିଟ ସମୟରେ ଅଭିଯୁକ୍ତ ଗୌତମ ରଣା ଏକ ବାଇକ ଯୋଗେ ଅଭିଯୋଗକାରୀଙ୍କ ପେଟ୍ରୋଲ ପମ୍ପକୁ ଆସି ସେଠାରେ ଥିବା ସାଧାରଣ ବାଥରୁମରୁ ପାଣି ଟ୍ୟାପ ଚୋରି କରି ନେଇଥିଲେ । ତଦନ୍ତରେ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ପୂର୍ବରୁ ମଧ୍ୟ ଏହି ପେଟ୍ରୋଲ ପମ୍ପରୁ ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ । ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ପେଟ୍ରୋଲ ପଂପର କର୍ମଚାରୀମାନେ ଅଭିଯୁକ୍ତଙ୍କୁ ଖୋଜିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଧରିବାରେ ସଫଳ ହୋଇନଥିଲେ ।

## ମୋବାଇଲ ଛିନତାଇ ପରେ ଟଙ୍କା ଲୁଟ୍

# ଅନ୍ୟତମ ଅଭିଯୁକ୍ତ ବନ୍ଧାହେଲା

ଭୁବନେଶ୍ୱର(ନିପ୍ର): ମୋବାଇଲ ଛିନତାଇ କରିବା ପରେ ଅଭିଯୋଗକାରୀଙ୍କ ଫୋନରୁ ଅନଲାଇନ ମାଧ୍ୟମରେ ଟଙ୍କା ଲୁଟ୍ କରିବା ଅଭିଯୋଗରେ ସହିଦନଗର ଥାନାପୋଲିସ ମାମଲାରେ ସଂପୃକ୍ତ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ବିଜୟ କୁମାର ମୁଦୁଲି ଓରଫ ହାପି (୨୦) ଓ ତାଙ୍କ ଘର ଶାନ୍ତିପଲ୍ଲୀ ବସ୍ତିରେ ବୋଲି ଜଣାପଡ଼ିଛି । ଏନେଇ ବିଭୂତି ଭୂଷଣ ସେଠୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୨୮ତାରିଖ ସନ୍ଧ୍ୟା ସମୟରେ ଅଭିଯୋଗକାରୀ ମହର୍ଷି କଲେଜ ରାସ୍ତା ନିକଟରେ ମୋବାଇଲରେ କଥା ହେଉଥିବା ବେଳେ ତିନି ଜଣ ଅଜଣା ବ୍ୟକ୍ତି ତାଙ୍କ ନିକଟକୁ ଆସି ତାଙ୍କର ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ ଏବଂ ଧମକ ଦେଇ ଜବରଦସ୍ତି ମୋବାଇଲର ଲକ୍ ଖୋଲାଇଥିଲେ । ପରେ ସେମାନେ ଅଭିଯୋଗକାରୀଙ୍କ ଆକାଉଣ୍ଟରୁ ବିଭିନ୍ନ ଅନଲାଇନ୍ ୟୁପିଆଇ ଟ୍ରାଞ୍ଜାକ୍ସନ୍ ମାଧ୍ୟମରେ ମୋଟ ୪୬ ହଜାର ୨ଶହ ଟଙ୍କା ଠକେଇ କରି ନେଇଥିଲେ । ଘଟଣା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ । ତଦନ୍ତ ସମୟରେ ଆର୍ଥିକ କାରବାରର ଟେକ୍ନିକାଲ ଯାଞ୍ଚ କରାଯାଇଥିବା ବେଳେ ଜଣାପଡ଼ିଥିଲା ଯେ, ଠକେଇ ଟଙ୍କା ମଧ୍ୟରୁ ୩୫ ହଜାର ଟଙ୍କା ଶାନ୍ତିପଲ୍ଲୀ ବସ୍ତିର ଚିନ୍ତାମଣି ବେହେରାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିଲା । ଏହାପରେ ପୁଲିସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା । ପଚରାଉଚରା ସମୟରେ ସେ ଶାନ୍ତିପଲ୍ଲୀ ବସ୍ତିର ବାବୁନି ନାମକ ବ୍ୟକ୍ତିଙ୍କ କହିବାରେ ଉକ୍ତ ଟଙ୍କା ଉଠାଇ ଦେଇଥିବା କଥା କହିଥିଲେ । ସେ ଏହି ଘଟଣାରେ ରାଜୀବ, ଜତିନ, ହାପି ଏବଂ ଚୁଇନଙ୍କ ସଂପୃକ୍ତି ଥିବା କଥା ମଧ୍ୟ ପୁଲିସକୁ ଜଣାଇଥିଲେ । ପରେ ଅଭିଯୁକ୍ତ ଜଗଦୀଶ ଦାସ ଉର୍ଫ ଜତିନଙ୍କୁ କାବୁ କରାଯାଇଥିଲା ଏବଂ ତାଙ୍କ ହେପାଜତରୁ ୩୫ ହଜାର ଟଙ୍କା ଜବତ କରାଯାଇଥିଲା । ଉଭୟ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।

## ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ

# ୯୦୦ ଲିଟର ମଦ ଓ କାର୍ ଜବତ: ଜଣେ ଗିରଫ

କଟକ(ନିପ୍ର): ବେଆଇନ ମଦ କାରବାର ଅଭିଯୋଗରେ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଇ ଜଣକୁ ଗିରଫ କରାଯାଇଥିବା ବେଳେ ତା ନିକଟରୁ ୯୦୦ ଲିଟର ଦେଶୀ ମଦ ଓ ଏକ ହ୍ୟୁଣ୍ଡାଇ ଆଇ-୨୦ କାର ଜବତ କରାଯାଇଛି । ଗିରଫ ଅଭିଯୁକ୍ତ କ୍ୟାପିଟାଲ ଥାନା ଅନ୍ତର୍ଗତ ଗଙ୍ଗାନଗରର ପ୍ରଣବ ନାଏକ (୨୩) । ମିଳିଥିବା ସୂଚନା ଅନୁଯାୟୀ ଅବକାରୀ ଅଧିକ୍ଷକ ସମରଜିତ ଦାଶଙ୍କ ନିର୍ଦ୍ଦେଶ ଓ ଉପ ଅଧିକ୍ଷକ ରୋଶନ ଇସୁ ହାଂସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତରେ ଏସଆଇ ଅମିତ କୁମାର ବିଶ୍ୱାଳ ଓ ସେକ ସାକିର ଉଲ୍ଲାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା । ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।

## ମିଲିପ୍ରିୟା ହତ୍ୟାକାଣ୍ଡ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ଆଖିବୁଜିଲେ ହତ୍ୟାକାରୀ

କାକଟପୁର(ନିପ୍ର): ଗତ ୧୫ ତାରିଖରେ କାକଟପୁର ଥାନା ଅଧିନସ୍ଥ ଶଙ୍କରେଶ୍ୱରଠାରେ ଯୁବତୀ ମିଲିପ୍ରିୟାଙ୍କ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ହତ୍ୟାକାରୀ ସ୍ମୃତିରଞ୍ଜନ ସ୍ୱାଇଁଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି । ହତ୍ୟାକାରୀ ସ୍ମୃତିରଞ୍ଜନ ପୁଲିସ ନିକଟରେ ନିଜେ ହତ୍ୟାକରିଥିବା ସ୍ୱୀକାର କରିଥିଲେ ମଧ୍ୟ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିବା ପରେ ତଦନ୍ତରେ ଯବନିକା ପଡିଛି । ଏ ସଂକ୍ରାନ୍ତରେ ନିମାପଡା ଆରକ୍ଷୀ ଉପଖଣ୍ଡ ନିରୀକ୍ଷକ ଜନାର୍ଦ୍ଦନ ପାଢୀଙ୍କୁ ପଚାରିବାରେ ଅଭିଯୁକ୍ତର ମୃତ୍ୟୁ ଘଟିବା ପରେ ତଦନ୍ତ ଆଗକୁ ଯିବନାହିଁ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ଉକ୍ତ ହତ୍ୟାକାଣ୍ଡ ଘଟଣା ଦୁଇଟି ପରିବାରକୁ ସ୍ତବ୍ଧ କରିଦେଇଥିବା ବେଳେ ଦୁଇ ଦୁଇଟି ନିରୀହ ଜୀବନ ଚାଲିଯିବାକୁ ଅଞ୍ଚଳବାସୀ ସହଜେ ଗ୍ରହଣ କରିପାରୁନାହାନ୍ତି ।

# ନକଲି ସୁନା ଦେଇ ଅସଲି ସୁନା ଠକେଇ

ଭୁବନେଶ୍ୱର(ନିପ୍ର): ରାଜଧାନୀର ବିଭିନ୍ନ ସୁନାଦୋକାନକୁ ଯାଇ ଅଭିଯୁକ୍ତ ଜଣଙ୍କ ନକଲି ସୁନା ଦେଇ ଅସଲି ସୁନା କିଣିବା ଓ ଦୋକାନ କର୍ମଚାରୀଙ୍କୁ ଠକେଇ କରୁଥିବା ନେଇ ଅଭିଯୋଗ ପରେ ଖଣ୍ଡଗିରି ଥାନାର ପୋଲିସ ମଙ୍ଗଳବାର ଜଣେ ଠକକୁ ଗିରଫ କରିଛି । ଗିରଫ ଠକର ନାମ ରଞ୍ଜନ କୁମାର ସାହୁ (୩୪) ଓ ତାଙ୍କ ଘର କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇରେ ବୋଲି ଜଣାପଡ଼ିଛି । ଏନେଇ ଭୁବନେଶ୍ୱର ଜୁଏଲର୍ସ ଆସୋସିଏସନର ସଭାପତି କେ. ବଦ୍ରୀନାରାୟଣ ସୁବୁଦ୍ଧି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ରଞ୍ଜନ କୁମାର ସାହୁ ଭୁବନେଶ୍ୱରର ବିଭିନ୍ନ ଗହଣା ଦୋକାନକୁ ଯାଇ ନକଲି ଏଚୟୁଆଇଡି ମାର୍କିଂ ଥିବା ସୁନା ଚେନ୍‌କୁ ଅସଲି ସୁନା ଅଳଙ୍କାର ବୋଲି କହି ବିକ୍ରି କରିବାକୁ ଚେଷ୍ଟା କରୁଥିଲେ । ଗହଣା ବ୍ୟବସାୟୀମାନଙ୍କ ଦ୍ୱାରା ଯାଞ୍ଚ ଓ ପରୀକ୍ଷା କରାଯାଇବା ପରେ ଉକ୍ତ ଚେନ୍‌ଗୁଡ଼ିକ ବ୍ରୋଞ୍ଜ ଧାତୁରେ ନିର୍ମିତ ଏବଂ ତାହା ଉପରେ ସୁନା ପ୍ଲେଟିଂ କରାଯାଇଥିବା ଜଣାପଡ଼ିଥିଲା । ଗହଣା ବ୍ୟବସାୟୀମାନଙ୍କୁ ଟାର୍ଗେଟ କରି ଏକ ସଂଗଠିତ ଠକେଇ ରାକେଟ୍ କାର୍ଯ୍ୟ କରୁଥିବା ସନ୍ଦେହରେ ଅଭିଯୋଗକାରୀ ଏବଂ ଭୁବନେଶ୍ୱର ଜୁଏଲର୍ସ ଆସୋସିଏସନର ସଦସ୍ୟମାନେ ଅଭିଯୁକ୍ତଙ୍କୁ କାବୁ କରି ଖଣ୍ଡଗିରି ଥାନାରେ ଜିମ୍ମା ଦେଇଥିଲେ । ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଥିବା ବେଳେ ସେ ଅପରାଧରେ ନିଜ ସଂପୃକ୍ତି ସ୍ୱୀକାର କରିଥିଲେ । ସେ ଆହୁରି କହିଥିଲେ ଯେ, କଟକ ସ୍ଥିତ "କେପି ଗୋଲ୍ଡ ରିଫାଇନେରୀ" ମାଧ୍ୟମରେ ନକଲି ଏଚୟୁଆଇଡି ଷ୍ଟାଂପିଂ କରାଯାଉଥିଲା । ବିଆଇଏସ୍ ଆପ୍ ମାଧ୍ୟମରେ ଏଚୟୁଆଇଡି ନମ୍ବର ଯାଞ୍ଚ କରିବାରୁ ଏହା "ସ୍ୱାସ୍ତିକ ହଲମାର୍କିଂ ସେଣ୍ଟର" ନାମରେ ଜାରି ହୋଇଥିବା ହଲମାର୍କ ବୋଲି ଜଣାପଡ଼ିଥିଲା । ହଲମାର୍କ ରେଜିଷ୍ଟ୍ରେସନର ସତ୍ୟତା ଏବଂ ତାହାର ଦୁରୁପଯୋଗ ସଂପର୍କରେ ଅଧିକ ତଦନ୍ତ ଜାରି ରହିଛି । ଏଥିସହିତ ନକୋଡା ହଲମାର୍କିଂ ସେଣ୍ଟର ଓ ବିଆଇଏସ୍ କର୍ତ୍ତୃପକ୍ଷଙ୍କ ସହ ରେକର୍ଡ ଯାଞ୍ଚ ଓ ସତ୍ୟତା ନିର୍ଣ୍ଣୟ ପାଇଁ ଲିଖିତ ଯୋଗାଯୋଗ କରାଯାଇଛି । ତଦନ୍ତ ସମୟରେ ଅଭିଯୁକ୍ତଙ୍କ ହେପାଜତରୁ ଏକ ନକଲି ସୁନା ଚେନ୍ ଏବଂ ଏକ ଟିଭିଏସ୍ ଜୁପିଟର ସ୍କୁଟି ଜବତ କରାଯାଇଥିଲା ।

# ମାର୍ଶାଘାଇ ଡ୍ରେନେଜ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ମାର୍ଶାଘାଇ ଡ୍ରେନେଜ ବିଭାଗରେ କୋଟି କୋଟି ଟଙ୍କାର ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । କଣ୍ଟ୍ରାକଟରମାନଙ୍କ ଠାରୁ ମୋଟା ଅଙ୍କର ପିସି ନେଇ ଏସି, ଏସଡ଼ିଓ, ଜେଇ ଏବଂ ବଡ଼ବାବୁଙ୍କ ସମେତ ପିଅନ ପର୍ଯ୍ୟନ୍ତ ସମସ୍ତେ ଲାଞ୍ଚ ଖାଇ ମାଲାମାଲ ସାଜୁଛନ୍ତି । ଡ୍ରେନେଜ ବିଭାଗ ମୁଖ୍ୟ କାର୍ଯ୍ୟାଳୟ କର୍ମଚାରୀମାନଙ୍କର ଦରମାରେ ଜମାରୁ ହାତ ବାଜୁ ନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ସମସ୍ତେ ରାତାରାତି ଲକ୍ଷ ଲକ୍ଷ ଟଙ୍କା ପିସି ନେଇ ବିନା ଚିଠାରେ ବିନା ଟେଣ୍ଡରରେ କଣ୍ଟ୍ରାକ୍ଟରମାନଙ୍କୁ କାମ ଯୋଗାଇ ମାଲାମାଲ ହେଉଥିବା କୁହାଯାଉଛି । ନେତା ମନ୍ତ୍ରୀ, ବିଧାୟକ ଏବଂ ପ୍ରଶାସନିକ ଅଧିକାରୀ ସମସ୍ତଙ୍କ ମିଳିତ ଭାଗ ବଣ୍ଟାରେ ଚାଲିଛି ଡ୍ରେନେଜ ବିଭାଗ । ପ୍ରତିବର୍ଷ ଶହ ଶହ କୋଟି ଟଙ୍କାର ଟେଣ୍ଡର ହେଉ କିମ୍ବା ଚିଠାରେ ହେଉ କରାଯାଇଥିବା କାମ ବର୍ଷେ ନପୁରୁଣୁ ବିଭିନ୍ନ ସ୍ଥାନରେ ଭାଙ୍ଗିରୁଜି ନଷ୍ଟ ହେବାକୁ ବସିଲାଣି । ହେଲେ କାର୍ଯ୍ୟାଳୟରେ କାର୍ଯ୍ୟରତ ବାବୁମାନେ ପିସି ନେବାରେ ଆଦୌ ହେଳା କରୁନଥିବା ଦେଖିବାକୁ ମିଳିଛି । ଡ୍ରେନେଜ ବିଭାଗର ଅଧିକାରୀମାନେ ସମସ୍ତେ ନୂଆ ନୂଆ ଗାଡି ପରେ ଗାଡି, ଫ୍ଲାଟ ପରେ ଫ୍ଲାଟ ଏବଂ ପ୍ଲଟ ପରେ ପ୍ଲଟ କିଣି ବ୍ଲାକ ମନିକୁ କେମିତି ହ୍ୱାଇଟ କରିବେ ସେଥିରେ ବ୍ୟସ୍ତ ରହୁଛନ୍ତି । ଡ୍ରେନେଜ ବିଭାଗର ଏସି, ଏସଡ଼ିଓ, ଜେଇ ଏବଂ ବଡ଼ବାବୁଙ୍କ ନାମରେ ବାରମ୍ବାର ପିସି ନେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ଜିଲ୍ଲାର ଉଚ୍ଚ ପଦସ୍ଥ ଅଧିକାରୀମାନେ ସେମାନଙ୍କ ପ୍ରତି କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ନିରବଦ୍ରଷ୍ଟା ପାଲଟି ଆସୁଛନ୍ତି ବୋଲି କିଛି ସ୍ଥାନୀୟ ଅଞ୍ଚଳବାସୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ଅଭିଯୋଗ କରି ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି । ଯଦି ଆଗାମୀ ଦିନରେ ଡ୍ରେନେଜ ବିଭାଗର ବାବୁମାନଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତଦନ୍ତ କରାନଯାଏ, ତେବେ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସଂଗେ ସଂଗେ ରାଜରାସ୍ତାକୁ ନିଶ୍ଚୟ ଓହ୍ଲେଇବେ ବୋଲି ଚେତାବନୀ ଦେଇ କହିଛନ୍ତି ।

# ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣା: ଆଉଜଣେ ଗିରଫ

ଶେରଗଡ଼(ନିପ୍ର): ଶେରଗଡ଼ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଗତ ୧୦ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଉକ୍ତ ଘଟଣାରେ ପୂର୍ବରୁ ସାତ ଜଣଙ୍କୁ ଗିରଫ କରିଥିଲା । ଉକ୍ତ ଘଟଣାରେ ଆଉ ଜଣଙ୍କୁ ଶେରଗଡ଼ ପୋଲିସ ଗିରଫ କରିଛି । ସେ ହେଲେ ଅଲାରିଗଡର ଜୟଦେବ ଜେନା । ସେ ଗୋଟିଏ ଅଙ୍ଗନବାଡି କେନ୍ଦ୍ରରେ ଲୁଚି ରହିଥିବା ବେଳେ ତାକୁ ଶେରଗଡ଼ ପୋଲିସ ଗିରଫ କରିଛି । ଏବଂ ଡାକ୍ତରୀ ମାଇନା କରି ଶେରଗଡ଼ କୋର୍ଟ ପରେ ଆସିକା ଜେଲ ହାଜତକୁ ପଠାଯାଇଛି । ପୂର୍ବରୁ ଗିରଫ ସାତ ଜଣଙ୍କ ମଧ୍ୟରୁ ଜିତେନ୍ଦ୍ର ମହାରଣା, ଶିବାନନ୍ଦ ଗୌଡ଼, କାହ୍ନା ବରାଡ, ରାଜା ବରାଡ, କାହ୍ନା ବରାଡ, ଜିତେନ୍ଦ୍ର ସ୍ୱାଇଁ, ରୁଦ୍ର ଗୌଡଙ୍କୁ ଗିରଫ କରାଯାଇଥିଲା ।

# ଟ୍ରେନରୁ ଖସି ପଡ଼ି ଯାତ୍ରୀଙ୍କ ମୃତ୍ୟୁ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ବାଲୁଗାଁ ଓ ଗଙ୍ଗାଧରପୁର ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ରେଳଧାରଣା କଡ଼ରୁ ଜଣେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର କରାଯାଇଛି । କୌଣସି ଏକ ଚଳନ୍ତା ଟ୍ରେନରୁ ଖସିପଡ଼ିବା ଯୋଗୁଁ ତାଙ୍କର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି । ମିଳିଥିବା ସୂଚନା ମୁତାବକ, ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ । ମଙ୍ଗଳବାର ରେଳଧାରଣା କଡ଼ରେ ଶବ ପଡ଼ିଥିବା ଦେଖିବାକୁ ମିଳିବା ପରେ ଖୋର୍ଦ୍ଧାରୋଡ୍ ରେଳବାଇ ପୋଲିସ କୁ ସୂଚନା ଦିଆଯାଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି । ମୃତକଙ୍କ ନିକଟରୁ କୌଣସି ପରିଚୟ ପତ୍ର ମିଳିନଥିବା ବେଳେ ତାଙ୍କ ପ୍ୟାଣ୍ଟ ପକେଟରୁ ଏକ ଟ୍ରେନ ଟିକେଟ ଜବତ କରାଯାଇଛି । ଉକ୍ତ ଟିକେଟଟି 'ମାଲଦା ଟାଉନ୍‌ରୁ ସିକନ୍ଦରାବାଦ' ଯାତ୍ରା ପାଇଁ ଉଦ୍ଦିଷ୍ଟ ଥିବା ଜଣାପଡ଼ିଛି । ମୃତ ବ୍ୟକ୍ତି ଜଣକ କେଉଁ ଅଞ୍ଚଳର ଏବଂ ତାଙ୍କର ପରିଚୟ କଣ, ସେ ନେଇ ଜି.ଆର.ପି. ପୋଲିସ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି । ଯଦି କୌଣସି ବ୍ୟକ୍ତି ଏହି ସୂଚନା ଆଧାରରେ ମୃତକଙ୍କୁ ଚିହ୍ନଟ କରିପାରନ୍ତି, ତେବେ ଖୋର୍ଦ୍ଧାରୋଡ୍ ରେଳବାଇ ପୋଲିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଚୋରା ମହୁଲି ମଦ ସହିତ ତିନି ଗିରଫ: ଦୁଇ ଗାଡ଼ି ଜବତ



ଜଟଣୀ(ନିପ୍ର): ଜଟଣୀ ଅବକାରୀ ବିଭାଗ ପକ୍ଷରୁ ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ଜାଗେଶ୍ୱର ପାଟଣାଠାରେ ଥିବା ଏକ ଖୋଲା ପଡିଆରେ ବ୍ୟାପକ ପରିମାଣର ଚୋରା ମହୁଲି ମଦ କାରବାର ହେଉଥିବା ଖବରପାଇ ଜଟଣୀ ଅବକାରୀ ଥାନା ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅଚାନକ ଚଢ଼ାଉ କରାଯାଇ କାରବାରରେ ସମ୍ପୃକ୍ତ ତିନିଜଣଙ୍କୁ ଗିରଫ କରାଯାଇଥିଲା । ଘଟଣା ସ୍ଥଳରୁ ୫୪୦ ଲିଟର ବ୍ୟାରେଲରେ ଥିବା ମହୁଲି ମଦ ଜବତ କରାଯିବା ସହିତ ଓଡ଼ି୦୫ଏୱାଇ ୦୮୫୨ ଏବଂ ଓଆର୦୨ଏଆର୮୪୫୯ ନମ୍ବର ବିଶିଷ୍ଟ ଦୁଇଟି ମୋଟର ସାଇକେଲ ଜବତ କରାଯାଇଛି । ଏଥିସହିତ ଦେଉଳିଆ ପାଟଣାର ପରମେଶ୍ୱର ଜେନା (୪୭), କାଇମାଟିଆ ପାଟଣାର କାଳନ୍ଦୀ ସାହୁ (୫୮) ଓ କାଇମାଟିଆ ଗ୍ରାମର ବୈକୁଣ୍ଠ ନାଥ ଜୟସିଂହ (୫୫)ଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏ ନେଇ ଅବକାରୀ ଥାନାରେ ୨୭/୨୬-୨୭ରେ ଏକ ମାମଲା ରୁଜୁ ହୋଇଛି । ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଏସଆଇ ମୀନକେତନ ମହାଲ୍ଲିକ, ଜିତେନ୍ଦ୍ର କୁମାର ବେହେରା, ପ୍ରଣବ କୁମାର ବେହେରା,ପ୍ରକାଶ ସାହୁ ଟିଟୁ ସାହୁ, ଚିନ୍ମୟୀ ସେଠୀ ଓ ଚିନ୍ମୟୀ ଦାଶ ପ୍ରମୁଖ ସାମିଲ ଥିଲେ ।

# ଘୋଟିଆରେ ଅଜଣା ମୃତଦେହ ଉଦ୍ଧାର

ଗୋଲାମୁଣ୍ଡା(ନିପ୍ର): ଦିନକୁ ଦିନ ଗୋଲାମୁଣ୍ଡା ବ୍ଲକରେ ଅଜଣା ମୃତଦେହ ଠାବ ହେବା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ଗତ ୧୭ ତାରିଖରେ ମିରମିରି ଟେଣ୍ଡୋପାଣି ରାସ୍ତା କଡ଼ରେ ଜଣେ ଅଜଣା ଯୁବକଙ୍କ ମୃତ ଦେହେ ଗଛରେ ଝୁଲୁଥିଲା । ଦୁଇଦିନ ପରେ ମଙ୍ଗଳବାର ପୁଣି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଘୋଟିଆର ରାସ୍ତା କଡ଼ରେ ମିଳିଛି । ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ଉକ୍ତ ମୃତ ଦେହ ଦିନେ ଦୁଇଦିନ ପୂର୍ବର । କାରଣ ମୃତଦେହର କିଛି ଅଂଶ ପଚିଯାଇ ନଷ୍ଟ ହୋଇଯାଇଥିଲା । ଦୁଇଦିନ ମଧ୍ୟରେ ଦୁଇ ଦୁଇଟି ଅଜଣା ମୃତ ଦେହ ଠାବ ହେବା କେଉଁଠି କେଉଁଠି ଦୁଇଟି ଅଜଣା ମୃତ ବ୍ୟକ୍ତି ଦ୍ୱୟଙ୍କ ମଧ୍ୟରେ ସାମଞ୍ଜସ୍ୟ ଥାଇପାରେ ବୋଲି ବୁଦ୍ଧିଜୀବୀ ମହଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମାଙ୍କୁ ପ୍ରତିକ୍ରିୟା ମାଗିବାରୁ ସେ କହିଲେ, ଏଯାଏଁ ଶବର ପରିଚୟ ମିଳିପାରିନାହିଁ । ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ୭୨ ଘଣ୍ଟା ପାଇଁ ଶବରଖା ଗୃହରେ ରହିବ । ଏହା ମଧ୍ୟରେ ଶବର ପରିଚୟ ନମିଳିଲେ ଶବ ବ୍ୟବଚ୍ଛେଦ ହେବ । ଏ ନେଇ ଗୋଲାମୁଣ୍ଡା ଥାନାରେ କେସ ନମ୍ବର ଏସିଡବ୍ଲ୍ୟୁ-୭ରେ କେସ ରୁଜୁ କରି ଛାନଭିନ ଚାଲିଛି ।

# ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗ ଅଧିକାରୀ

■ ଆୟବର୍ହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଚାଲିଛି ଚଢ଼ାଉ

ଭବାନୀପାଟଣା(ନିପ୍ର): ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗର ଧୂର୍ତ୍ତ ଅଧିକାରୀ । ଆୟବର୍ହିର୍ଭତ ସମ୍ପତ୍ତି ଠୁଳ ଅଭିଯୋଗରେ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ ବିଭାଗ । ବିଶାଳ ପୂର୍ଣ୍ଣ ଫାର୍ମ ହାଉସରେ ଦେଖି ଛାନିଆ ଭିଜିଲାନ୍ସ ଟିମ । ମଙ୍ଗଳବାର ସକାଳୁ ସକାଳୁ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ପୂର୍ତ୍ତ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଭିଜିଲାନ୍ସ ଜାଲରେ ପଡିଛନ୍ତି । ଆୟବହିର୍ଭୁତ ଠୁଳ ଅଭିଯୋଗରେ ଭିଜିଲାନ୍ସର ୬ଟି ଟିମ ଭବାନୀପାଟଣା ବ୍ଲକ ଗୋଷାଣୀମୁଣ୍ଡା ସ୍ଥିତ ଘରେ, କୁସୁମଖୁଣ୍ଟିରେ ଥିବା ପୈତୃକ ବାସଭବନ ଦୁଆରସୁନିଠାରେ ଥିବା ଘର ଓ ଓ ଏକ ନିର୍ମାଣାଧୀନ କୋଠା କିଟ୍ ପଦରଠାରେ ଥିବା ବିକାଶପୂର୍ଣ୍ଣ ଫାର୍ମ ହାଉସ ସମେତ ଧର୍ମଗଡ ଏବଂ ଭବାନୀପାଟଣା ସ୍ଥିତ ସରକାରୀ କାର୍ଯ୍ୟାଳୟରେ ଚଢ଼ାଉ କରିଛନ୍ତି ଭିଜିଲାନ୍ସ ଟିମ । ଏହି ଚଢାଉରେ ୬ ଜଣ ଡିଏସପି ଓ ୯ ଇନ୍ସପେକ୍ଟର ସାମିଲ ହୋଇଛନ୍ତି । ତେବେ ଆକଳନ ପରେ ସର୍ବଶେଷ ତଥ୍ୟ ମିଳିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣା

# ରଣପୁର ଜଙ୍ଗଲରୁ ୨ ମୁଖ୍ୟ ଅଭିଯୁକ୍ତ ଗିରଫ

### ଗିରଫଦାରି ସଂଖ୍ୟା ୧୫ରେ ପହଞ୍ଚିଲା

କଟକ(ନିପ୍ର): ବାଲିଅନ୍ତା ଥାନା ଅଧୀନ ରାମଚନ୍ଦ୍ରପୁର କାଜ ନିକଟରେ ପୁଲିସ କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା ଘଟଣାରେ କ୍ରାଇମ୍‌ବ୍ରାଞ୍ଚକୁ ବଡ଼ ସଫଳତା ମିଳିଛି । ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ପଞ୍ଚାନନ ବଡ଼ଜେନା ଓରଫ କାଳିଆ ଓ ରଞ୍ଜିତ ରଣା । ଏହି ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ନୟାଗଡ଼ର ରଣପୁର ଜଙ୍ଗଲରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି । ଗତ ୭ ତାରିଖରେ ଘଟିଥିବା ଏହି ଘଟଣାରେ ଏବେ ସୁଦ୍ଧା ୧୫ଜଣଙ୍କୁ ଗିରଫ କରାଯାଇଛି । ପୂର୍ବରୁ ବାଲିଅନ୍ତା ଥାନା ପୁଲିସ ୧୧ଜଣଙ୍କୁ ଗିରଫ କରିଥିବା ବେଳେ କ୍ରାଇମ୍‌ବ୍ରାଞ୍ଚ ଏପର୍ଯ୍ୟନ୍ତ ୪ଜଣଙ୍କୁ ଧରିଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।

# ନାଳ ଖନନ ଓ ଦଳସଫା ନାଁରେ ବ୍ୟାପକ ଅନିୟମିତତା ଅଭିଯୋଗ

କାକଟପୁର(ନିପ୍ର): କାକଟପୁର, ଅସ୍ତରଙ୍ଗ, ଗୋପ, ନିମାପଡା ଆଦି ୪ଗୋଟି ବ୍ଲକ ଅଞ୍ଚଳର ୪ଗୋଟି ସେକ୍ସନକୁ ନେଇ ନିମାପଡା ଡ୍ରେନେଜ ବିଭାଗ ସବଡ଼ିଭିଜନ ଗଠିତ । ପୂର୍ବରୁ ଏହି ସବଡ଼ିଭିଜନଟି ନିମାପଡାଠାରେ ଏକ ଭଡା ଘରେ ଚାଲୁଥିଲା । କିନ୍ତୁ ଗତ ୨ ବର୍ଷ ଧରି ନିମାପଡା ଡ୍ରେନେଜ ବିଭାଗ ସବଡ଼ିଭିଜନ କେଉଁଠି ଚାଲିଛି ତାହା ଲୋକେ ଜାଣିପାରୁନଥିବା ବେଳେ ସବଡ଼ିଭିଜନ ଏସଡିଓଙ୍କୁ ମିଳିଥିବା ସରକାରୀ ଗାଡ଼ି ଓ କନିଷ୍ଠ ଯନ୍ତ୍ରୀଙ୍କ ମୋଟରସାଇକେଲ ଡ଼ିକିରେ ସବଡ଼ିଭିଜନର ସମସ୍ତ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ଫାଇଲ ରହୁଥିବା ଠିକାଦାର ଓ କର୍ମଚାରୀ ଛକ ବଜାରରେ ଚର୍ଚ୍ଚା କରୁଛନ୍ତି । ଏସଡିଓ ଏବଂ ଯନ୍ତ୍ରୀମାନେ ନିମାପଡାଠାରେ ଘରଭଡା ନେଇ ରହୁଛନ୍ତି ବୋଲି କାଗଜ ପତ୍ରରେ ଦର୍ଶାଇଛନ୍ତି । କିନ୍ତୁ ବାସ୍ତବରେ କିଏ କେତେବେଳେ ଆସି କାର୍ଯ୍ୟ ତଦାରଖ କରୁଛନ୍ତି ସେ ବିଷୟରେ କେହି କିଛି କହିପାରୁନାହାନ୍ତି । ଏହି ସବଡ଼ିଭିଜନରେ ଆବଶ୍ୟକ ନଥାଇ ବହୁ ଅନାବଶ୍ୟକ ସ୍ଥଳେ ବିନା ଟେଣ୍ଡରରେ ନେତାଙ୍କ ଚିଠାରେ ଦଳୀୟ କର୍ମୀମାନେ ଲକ୍ଷ ଲକ୍ଷ ଟଙ୍କାର କାମ ପାଉଥିବା ବେଳେ ନାଳ ଖନନ ଓ ପ୍ରାଚୀ, କାଦୁଆ, ନଦୀରୁ ଦଳ ସଫା ନାଁରେ ଲକ୍ଷ ଲକ୍ଷ ଟଙ୍କାର ବିଲ ପୈଠ ପାଇଁ ସବଡ଼ିଭିଜନ କାର୍ଯ୍ୟାଳୟରୁ ପୁରୀ ଡିଭିଜନ କାର୍ଯ୍ୟାଳୟକୁ ଯାଇଥିବା ଏହି ବିଭାଗର କେତେକ କର୍ମଚାରୀ ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି । କାକଟପୁର ଅଞ୍ଚଳରେ ପ୍ରବାହିତ ପ୍ରାଚୀ ନଦୀର ରୋହଣୀ ମଠ, ବିଶ୍ୱାମିତ୍ର ମଠ, ମା ମଙ୍ଗଳାଙ୍କ ଘଟ ତୋଳା ତୁଠ, ଦେଉଳି ମଠ, ପଞ୍ଚବଟୀ ମଠ ନିକଟରେ ପ୍ରାଚୀ ନଦୀ ଶୁଖି ନଦୀରେ ଅନାବନା ଗଛର ଜଙ୍ଗଲ ସୃଷ୍ଟି ହୋଇଥିବା ବେଳେ ଏହାକୁ ଖନନ ନକରି ଏହି ନଦୀର ଏକାଧିକ ସ୍ଥାନରୁ ଦଳ ସଫା ଆଳରେ ଲକ୍ଷ ଲକ୍ଷ ଟଙ୍କା ବିଲ୍ ଗତ ମାର୍ଚ୍ଚ ମାସରେ ହୋଇଥିବା ବିଭିନ୍ନ ମହଲରେ ଅଭିଯୋଗ ସହ ନିମାପଡା ଡ୍ରେନେଜ ବିଭାଗ ସବଡ଼ିଭିଜନ ଗତ ୨ ବର୍ଷ ମଧ୍ୟରେ କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କାର ବିଲ ପୈଠ କରିଛି ଓ କେତେ ବାକି ରହିଛି ଏହାର ଭିଜିଲାନ୍ସ ତଦନ୍ତ ଦାବି ହୋଇଛି । କେବଳ ସେତିକି ନୁହେଁ, ଏହି ସବଡ଼ିଭିଜନକୁ ମିଳିଥିବା ସରକାରୀ ଗାଡିର ବ୍ୟାପକ ଅପବ୍ୟବହାର ସାଙ୍ଗକୁ ଏହି ଗାଡି ସରକାରୀ କାର୍ଯ୍ୟ ପରେ କାର୍ଯ୍ୟାଳୟର ଗ୍ୟାରେଜ ଗୃହରେ ନ ରହି କୁଆଡେ ପ୍ରତିଦିନ ଯାଉଛି ଏବଂ କେଉଁଠି ରହୁଛି ଏ ଦିଗରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ଡିଭିଜନର ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରି ଅଭିଯୋଗ ସଂପର୍କରେ ପଚାରିବାରୁ ସେ କହିଥିଲେ ଯେ ଯଦି ଏଭଳି କାର୍ଯ୍ୟ ହୋଇଥିବ ତେବେ ତାହା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ଭିଜିଲାନ୍ସ ତଦନ୍ତ ଦାବି

# ଭାର୍ଗବୀ ନଦୀରୁ ଯୁବକର ମୃତଦେହ ଉଦ୍ଧାର

ପିପିଲି(ନିପ୍ର): ମଙ୍ଗଳବାର ଅପରାହ୍ନରେ ବଳଙ୍ଗା ସ୍ଥିତ ଭାର୍ଗବୀ ସେତୁ ନିକଟରୁ ନଦୀରେ ଭାସୁଥିବା ଜଣେ ଯୁବକର ମୃତ ଦେହକୁ ପୋଲିସ ଓ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କରାଯାଇଛି । ମୃତ ଯୁବକ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ଚୋରପଡା ଗ୍ରାମର ଲୋକନାଥ ବେହେରା । ତାଙ୍କର ସାମାନ୍ୟ ମାନସିକ ବିକୃତ ରହିଥିବା ନେଇ ଜଣାପଡ଼ିଛି । ସୂଚନା ମୁତାବକ ଲୋକନାଥ ଅନେକ ସମୟରେ ବାହାରେ ବୁଲାବୁଲି କରିଥାଆନ୍ତି । ମଙ୍ଗଳବାର ଅପରାହ୍ନରେ ଜଣେ ଯୁବକର ମୃତଦେହ ଭାର୍ଗବୀ ନଦୀରେ ଭାସୁଥିବା ଅବସ୍ଥାରେ ସ୍ଥାନୀୟ ଲୋକେ ଦେଖିଥିଲେ । ପରେ ଖବର ପ୍ରଚାରିତ ହେବା ପରେ ଘଟଣା ସ୍ଥଳରେ ବଳଙ୍ଗା ପୋଲିସ ପହଞ୍ଚିଥିଲା । ମୃତଦେହ ଭାସୁଥିବା ସ୍ଥାନଟି ଖାଲୁଆ ହୋଇଥିବାରୁ ପୋଲିସ ପିପିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା । ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନଦୀରୁ ଯୁବକର ମୃତ ଦେହକୁ ଉଦ୍ଧାର କରାଯିବା ପରେ ତାର ପରିଚୟ ଜଣାପଡ଼ିଥିଲା । ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିବା ସହ ଲୋକନାଥ ଗତକାଲି ରାତିରୁ ଘରୁ ଆସି ଆଉ ଫେରିନଥିବା କହିଛନ୍ତି । ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଅଧିକ ତଦନ୍ତ ଜାରି ରହିଛି ।

# ରାଜ୍ୟ ସନ୍ତରଣରେ ବଲାଙ୍ଗୀର ଖେଳାଳିଙ୍କୁ ୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୪ ବ୍ରୋଞ୍ଜ

ବଲାଙ୍ଗିର, ୧୯/୫(ନିପ୍ର): ବଲାଙ୍ଗୀର ଜିଲ୍ଲା ସନ୍ତରଣ ସଂଘ ପକ୍ଷରୁ ୧୭ଜଣ ପ୍ରତିଯୋଗୀ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ସନ୍ତରଣଗାରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସନ୍ତରଣରେ ଯୋଗଦେଇଥିଲେ । ସୌରଭ ପୁଟେଲ ଗୋଟିଏ ସ୍ୱର୍ଣ୍ଣ ଗୋଟିଏ ରୋପ୍ୟ ଗୋଟିଏ ବ୍ରୋଞ୍ଜ, ସ୍ୱାଗତ ସେଠ ଗୋଟିଏ ରୌପ୍ୟ ଦୁଇଟି ବ୍ରୋଞ୍ଜ, ଦୟାସାଗର କଠାର ଗୋଟିଏ ରୌପ୍ୟ ଏବଂ ୪୦୦ମିଟର ରିଲେରେ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ବଲାଙ୍ଗୀର ଉପ ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ହରିଓମ ଶମ୍ଭୁନାରାୟଣ ଦାସ, ସ୍ପୋର୍ଟ୍ସ ହଷ୍ଟେଲ ଇନଚାର୍ଜ ପରାସର ବାଗ, ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, କୋଚ ନରେଶ କୁମାର ପ୍ରଧାନ, ସୁରେଶ କୁମାର ପ୍ରଧାନ, ସୀମା ରାଉତ, ଶୈଳେନ୍ଦ୍ରି ବଗର୍ତ୍ତୀ, ତରୁଣ ସେଠ, ପୂର୍ଣ୍ଣ ବିଶି,ପ୍ରମୁଖ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଗୁଣିଗାରେଡି ସନ୍ଦେହରେ ଯୁବକଙ୍କୁ ପିଟିପିଟି ହତ୍ୟା: ମୃତଦେହ ଜାଳିଦେଲେ, ୨୬ ଗିରଫ



**କଟକ, ୧୯/୫(ନିପ୍ର):** ପୁଣି ବର୍ବରତା...ଡିଜିଟାଲ ଯୁଗରେ ବି ଅନ୍ଧବିଶ୍ୱାସର ଅନ୍ଧଗଳିରୁ ମୁକୁଳିପାରୁନି ମଣିଷ । ଗୁଣି ଗାରେଡି ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କଲେ ଆଉ ଜାଳି ଦେଲେ । ଏଭଳି ଚାଞ୍ଚଲ୍ୟକର ଘଟଣା ଘଟିଛି କଟକ ଜିଲ୍ଲା ମାଣିଆବନ୍ଧ ଥାନା ଅନ୍ତର୍ଗତ ତାଳମୁଣ୍ଡଳି ଶବରସାହି ଗାଁରେ । ଏହି ହତ୍ୟା ଘଟଣାରେ ଆଜି(ମଙ୍ଗଳବାର) ୨୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ମାଣିଆବନ୍ଧ ଥାନା ପୋଲିସ । ମୃତକ ହେଲେ ୩୦ ବର୍ଷୀୟ ଟିକନ ବେହେରା ।୧୦ରେ ହତ୍ୟା କରିଥିଲେ, ଗତକାଲି ଏତଲା ଦେଲେ ବାପା:ତେବେ ଗତ ୧୦ ତାରିଖରେ ତାଳମୁଣ୍ଡଳି ଶବର ସାହି ଗ୍ରାମର ସେତ ବେହେରାଙ୍କ ପୁଅ ଟିକନ ବେହେରାଙ୍କୁ ଗ୍ରାମର କିଛି ଲୋକ ଗୁଣି ଗାରେଡି ସନ୍ଦେହରେ ଘରୁ ଉଠାଇ ଆଣି ଏକ ଜଙ୍ଗଲରେ ପିଟି ପିଟି ହତ୍ୟା କରିଥିଲେ । ମାତ୍ର ଟିକନଙ୍କ ବାପା ଗତକାଲି (ମେ’ ୧୮) ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପୋଡାଯାଇଥିବା ସ୍ଥାନକୁ ଯାଇ ପୋଲିସ ଟିକନର ଡରପୋଡା ହାଡ଼, ପାଉଁଶ ଜବତ କରିଛି । ଏହି ଘଟଣାରେ ୨୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାର ତଦନ୍ତ ଜାରି ରହିଥିବା ନେଇ ବିଶ୍ୱଜିତ ମହାନ୍ତି ସୂଚନା ଦେଇଛନ୍ତି ।

# ପଞ୍ଚାୟତସ୍ତରୀୟ ସ୍ୱଚ୍ଛ ଗଞ୍ଜାମ

**ହିଞ୍ଜିଳିକାଟୁ,୧୯/୫(ନିପ୍ର):** ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ ପଦକ୍ଷେପ ଆରମ୍ଭ ହୋଇଛି। ମିଶନ ଜିରୋ ପ୍ଲାଷ୍ଟିକ ଭିଜିବିଲିଟି ନାମରେ ଏହା କାର୍ଯ୍ୟକାରୀ ହେବ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଜିଲ୍ଲାରୁ ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା। ବିଶେଷ କରି ଗ୍ରାମାଞ୍ଚଳରେ ସବୁଠି ସ୍ୱଚ୍ଛତା ନେଇ ସଚେତନତା ବଢ଼ାଇବାକୁ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଏହି ଅଭିଯାନରେ ସାଧାରଣ ଲୋକଙ୍କ ଭୂମିକାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲାପାଳଙ୍କ ନେତୃତ୍ୱରେ ମଙ୍ଗଳବାର ହିଞ୍ଜିଳିକାଟୁ ବ୍ଲକ ପ୍ରସାଶନ ପକ୍ଷରୁ ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସ୍ତରୀୟ ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶିବାଶିଷ ବରାଳ, ଉପ ଜିଲ୍ଲାପାଳ, ଛତ୍ରପୁର ଯୋଗ ଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ହିଞ୍ଜିଳିକାଟୁ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ସରପଞ୍ଚ ଓ ସମିତିସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ବ୍ଲକ ବଡ଼ଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ସମରଝୋଲ ୫୯ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ପରିତ୍ୟକ୍ତ ସ୍ଥାନରେ ଜମା ହୋଇଥିବା କୁଢ଼ କୁଢ଼ ଅଳିଆ ଓ ଆବର୍ଜନାକୁ ସାମୂହିକ ଭାବେ ହଟାଯାଇ ସଫା ସୁତୁରା କରାଯାଇଥିଲା। ପରେ ଉପ ଜିଲ୍ଲାପାଳ ସାମୂହିକ ଭାବେ ସମସ୍ତଙ୍କୁ ଶପଥପାଠ କରାଇଥିଲେ।

# ଝଡ଼ାଫୁଙ୍କାରେ ଚାଲିଗଲା ସାପ କାମୁଡ଼ା ରୋଗୀର ଜୀବନ





ବାରିପଦା, ୧୯/୫(ନିପ୍ର): ପୁଣି ସାମ୍ନାକୁ ଆସିଲା ଅନ୍ଧବିଶ୍ୱାସର କରୁଣ ଚିତ୍ର । ସାପ କାମୁଡ଼ିଥିବା ରୋଗୀକୁ ଡାକ୍ତରଖାନା ନଆଣି କଲେ ଝଡ଼ାଫୁଙ୍କା । ଚାଲିଗଲା ମହିଳାଙ୍କ ଜୀବନ । ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଚନ୍ଦ୍ରପୁର ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା । ଗାଁର ସିଙ୍ଗ ମୁର୍ମୁଙ୍କୁ ସକାଳ ସମୟରେ ଏକ ବିଷାକ୍ତ ସାପ କାମୁଡ଼ିଥିଲା । ଯାହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ଆଣିବା ବଦଳରେ ଗରୁଡ଼ବସା ଗାଁର ଜଣେ ଗୁଣିଆ ନିକଟକୁ ଝଡ଼ାଫୁଙ୍କା କରିବା ନିମନ୍ତେ ନେଇଥିଲେ । ସେଠାରେ ଏକ ଘଣ୍ଟାରୁ ଅଧିକ ସମୟ ଝଡ଼ା ଫୁଙ୍କା କରାଯାଇଥିବା ବେଳେ ସିଙ୍ଗ ମୁର୍ମୁଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା । ପରେ ଗୁରୁତର ସିଙ୍ଗଙ୍କୁ ସାପ କାମୁଡ଼ିବାର ଦୁଇ ଘଣ୍ଟା ପରେ ମେଡିକାଲ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଉଦଳା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଓଡ଼ିଶାରେ ସହରାଞ୍ଚଳ ପରିବହନ କ୍ଷେତ୍ର ବଢ଼ାଇଲା କ୍ରୁଟ୍

ଭୁବନେଶ୍ୱର,୧୯/୫(ନିପ୍ର): ଓଡ଼ିଶା ସହରାଞ୍ଚଳରେ ଗମନାଗମନର ସମ୍ପ୍ରସାରଣ, ଭିତ୍ତିଭୂମି ବିକାଶ, ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ସାଂସ୍ଥାନିକ ସୁଦୃଢ଼ୀକରଣ କାର୍ଯ୍ୟର ଅଗ୍ରଗତିର ଆକଳନ କରିବା ପାଇଁ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ‘କ୍ୟାପିଟାଲ୍ ରିଜିଓନାଲ୍ ଅର୍ବାନ୍ ଟ୍ରାନ୍ସପୋର୍ଟ’ (କ୍ରୁଟ୍) ର ଚାଲୁ ରହିଥିବା ଏବଂ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନ୍ତ୍ରୀ କେନ୍ଦୁଝର, ବାରିପଦା, ଅନୁଗୋଳ, ଝାରସୁଗୁଡ଼ା ଏବଂ ବାଲେଶ୍ୱରକୁ ଅନ୍ତର୍ଭୁକ୍ତ କରୁଥିବା କ୍ରୁଟ୍‌ର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ ଯୋଜନାର ଅଗ୍ରଗତି ସମୀକ୍ଷା କରିବା ସହ ଯାଜପୁର, ରାୟଗଡ଼ା, କୋରାପୁଟ, ଭଦ୍ରକ ଏବଂ ବଲାଙ୍ଗୀରରେ ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣର ରୋଡମ୍ୟାପ୍ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ସୂଚନା ଦିଆଯାଇଥିଲା ଯେ କେନ୍ଦୁଝରରେ ନୂତନ ଭାବେ ଆରମ୍ଭ ହୋଇଥିବା ବୈଦ୍ୟୁତିକ ବସ୍ ସେବାରେ ଯାତ୍ରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ବର୍ତ୍ତମାନ ଏହା ଦୈନିକ ପ୍ରାୟ ୧,୩୦୦ ଯାତ୍ରୀରେ ପହଞ୍ଚିଛି। ଏହି ସମୀକ୍ଷାରେ ‘ପିଏମ୍ ଇ-ବସ୍ ସେବା’ ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ଉପରେ ମଧ୍ୟ ବ୍ୟାପକ ଆଲୋଚନା କରାଯାଇଥିଲା।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କଲେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ



**ପୁରୀ, ୧୯/୫(ନିପ୍ର):** ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେଉଥିବା କ୍ଷେତ୍ରୀୟ କୃଷି ସମ୍ମିଳନୀରେ ଯୋଗଦେବା ପାଇଁ ଓଡ଼ିଶା ଆସିଥିବା କେନ୍ଦ୍ରୀୟ କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ମଙ୍ଗଳବାର ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ତାଙ୍କ ସହ ତାଙ୍କ ପତ୍ନୀ ମଧ୍ୟ ଉପସ୍ଥିତ ଥିଲେ। ପୁରୀରେ ମହାପ୍ରଭୁଙ୍କ ଦର୍ଶନ ପରେ ସେ କହିଥିଲେ ଯେ ମହାପ୍ରଭୁ ଜଗନ୍ନାଥଙ୍କ କୃପା ସମସ୍ତଙ୍କ ଉପରେ ନିରନ୍ତର ବର୍ଷିତ ହେଉ। ପ୍ରତ୍ୟେକ ଘର ଧନ-ଧାନ୍ୟରେ ପରିପୂର୍ଣ୍ଣ ହେଉ ଏବଂ ସମସ୍ତଙ୍କ ଜୀବନ ସୁଖ, ସମୃଦ୍ଧି ଓ ଆନନ୍ଦରେ ଭରିଯାଉ ବୋଲି ମୁଁ ପ୍ରାର୍ଥନା କରିଛି ।ସେ ଆହୁରି କହିଥିଲେ ଯେ, ମୁଁ ସମସ୍ତଙ୍କ ସୁଖ, ସମୃଦ୍ଧି, ସ୍ୱାସ୍ଥ୍ୟ ଓ କଲ୍ୟାଣ କାମନା କରିବା ସହ ବିଶ୍ୱରେ ଚାଲିଥିବା ସଂଘର୍ଷର ସମାପ୍ତି ପାଇଁ ମଧ୍ୟ ପ୍ରାର୍ଥନା କରିଛି। ଓଡ଼ିଶା, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗକୁ ନେଇ ଏକ ଆଞ୍ଚଳିକ କୃଷି ସମ୍ମିଳନୀ ଆୟୋଜିତ ହେଉଛି।

# ୪୪ ମାସ ଧାରଣାରେ ସେବା ପ୍ରତିନିଧି ସଂଗଠନ




**ଭୁବନେଶ୍ୱର, ୧୯/୫(ନିପ୍ର):** ସେବା ପ୍ରତିନିଧି ସଂଗଠନ ପକ୍ଷରୁ ଏହାର ମୁଖ୍ୟ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ରାଜଧାନୀର ପୁରାତନ ପୌର ଚିକିତ୍ସାଳୟର ବିଭିନ୍ନ ଅବ୍ୟବସ୍ଥା ପ୍ରତିବାଦରେ ବିଭିନ୍ନ ସମୟରେ ଧାରଣା ଦିଆଯାଇ ଆସୁଛି। ଏହି ଧାରଣା ବର୍ତ୍ତମାନ ୪୪ ମାସରେ ପହଞ୍ଚିଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ୧୯୪୬ ମସିହାରେ ପ୍ରତିଷ୍ଠିତ ଏହି ଡାକ୍ତରଖାନାରେ ଆରଟିଆଇ ତଥ୍ୟ ଅନୁସାରେ ବର୍ତ୍ତମାନ ୪୧ ଡାକ୍ତରରୁ ୯ ଜଣ ଡାକ୍ତର କାର୍ଯ୍ୟରତ। ଏହା ଉପରେ ଆଖପାଖ ଅଞ୍ଚଳର ହଜାରହଜାର ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିଲେ ହେଁ ଆବଶ୍ୟକ ଡାକ୍ତର ଅଭାବରୁ ଏହା ବ୍ୟାହାତ ହେଉଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଆଜିର ଧାରଣାରେ ଉଲ୍ଲାସ ଚନ୍ଦ୍ର ମହାପାତ୍ର, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଭାଗ ନେଇଥିଲେ।

# ‘ଭିତର ଭଣ୍ଡାରରେ ୩୦ ପ୍ରତିଶତ ଅଳଙ୍କାର ଗଣତି ଶେଷ’

ପୁରୀ, ୧୯/୫(ନିପ୍ର): ଏକାଦଶ ଦିନରେ ଭିତର ଭଣ୍ଡାର ରତ୍ନ ଗଣତି ୩୦ ପ୍ରତିଶତ ହୋଇଥିବା ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ମୋଟ ୩ ଘଣ୍ଟା ୨୭ ମିନିଟ ଧରି ଭିତର ଭଣ୍ଡାର ଅଳଙ୍କାର ଗଣତି ଚାଲିଥିଲା। ରତ୍ନ ଗଣତି ପାଇଁ ଭଣ୍ଡାର ଗୃହକୁ ପ୍ରବେଶ ବେଳେ ଭଣ୍ଡାର ମେକାପ ଓ ସେବାୟତଙ୍କ ମଧ୍ୟରେ କିଏ ଅଧିକୃତ ଏ ନେଇ କଥା କଟାକଟି ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ଏହାର ସମାଧାନ ପ୍ରୟାସ କରାଯାଇଥିଲା ବୋଲି ଏକ ସୂତ୍ରରୁ ପ୍ରକାଶ।

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଇଏସଆଇ ମେଡିକାଲ କଲେଜ



ଭୁବନେଶ୍ୱର,୧୯/୫(ନିପ୍ର): ଭୁବନେଶ୍ୱରର ଅନ୍ଧାରୁଆଠାରେ ଇ.ଏସ.ଆଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଗତକାଲି ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଭାରତ ସରକାରଙ୍କ କର୍ମଚାରୀ ରାଜ୍ୟ ବୀମା ନିଗମ (ଇ.ଏସ୍.ଆଇ.ସି) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ବୃହତ ପ୍ରକଳ୍ପର ସ୍ଥାୟୀ ଭିତ୍ତିଭୂମି ଅନ୍ଧାରୁଆଠାରେ ନିର୍ମାଣ ହେବାକୁ ଥିବାବେଳେ, ମେଡିକାଲ କଲେଜର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ବର୍ତ୍ତମାନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ଇ.ଏସ୍.ଆଇ ହସ୍ପିଟାଲକୁ ବ୍ୟବହାର କରାଯିବ। ଏଥିପାଇଁ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ହସ୍ପିଟାଲକୁ ଆନୁଷ୍ଠାନିକ ଭାବେ କର୍ମଚାରୀ ରାଜ୍ୟ ବୀମା ନିଗମଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଆନୁଷ୍ଠାନିକ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ଖାରବେଳ ଭବନର ପଂଚମ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏହି ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ଏବଂ ହିତାଧିକାରୀ ମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ପ୍ରଶାସନିକ ସ୍ତରର ଅନେକ ବରିଷ୍ଠ ଅଧିକାରୀ ଏଠାରେ ଏକତ୍ରିତ ହୋଇଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି।

# ଟାଟା ଷ୍ଟିଲ୍ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

## କମ୍ୟୁନିଟି ସେଣ୍ଟର, କଂକ୍ରିଟ ରାସ୍ତା, ହାଇମାଷ୍ଟ ଟାୱାର ଉଦ୍‌ଘାଟିତ



**ମେରାମଣ୍ଡଳୀ, ୧୯/୫(ନିପ୍ର):** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଢେଙ୍କାନାଳ ଜିଲ୍ଲା ଓଡ଼ପଡ଼ା ବ୍ଲକରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏହି ପରୀପ୍ରେକ୍ଷୀରେ କୁରୁଣ୍ଟିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିର୍ମିତ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ସାଧାରଣଙ୍କ ସମେତ ଶିବପୁର ସରପଞ୍ଚ ମାନସ ମହାକୁଡ଼, କୁଶୁପଙ୍ଗା ସରପଞ୍ଚ ଅନିତା ନାୟକ, ଟାଟା ଷ୍ଟିଲ ମେରାମଣ୍ଡଳୀ କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ଟିଏସ୍ଏଫ୍ କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ହେଡ୍, ଦେବଞ୍ଜନ ମୁଖାର୍ଜୀ, ଟିଏସ୍ଏଫ୍ ମେରାମଣ୍ଡଳୀ ଲିଡ୍ ଇନଫ୍ରାଷ୍ଟ୍ରକ୍‌ଚର, ଅନନ୍ତ ପଲ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୁଖ ଉପସ୍ଥିତ ଥିଲେ। କୁଶୁପଙ୍ଗା ପଞ୍ଚାୟତ ଅଧୀନ କୁରୁଣ୍ଟି ଗ୍ରାମରେ ଏକ କମ୍ୟୁନିଟି ସେଣ୍ଟର, କୁରୁଣ୍ଟି ଓ ଶିବପୁରରେ ସିମେଣ୍ଟ କଂକ୍ରିଟ ରାସ୍ତା, ସଞ୍ଜପଡ଼ା ଓ ନୂଆଗାଁ ପଞ୍ଚାୟତ ଅଧୀନରେ ଥିବା ରକଲା ଓ ସରପା ଗ୍ରାମରେ ହାଇମାଷ୍ଟ ଟାୱାର ଲୋକାର୍ପିତ ହୋଇଯାଇଛି। କୁରୁଣ୍ଟି ଗ୍ରାମରେ ସ୍ଥାପିତ ନୂତନ କମ୍ୟୁନିଟି ସେଣ୍ଟର ଯୋଗୁ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ। ଗ୍ରାମାଞ୍ଚଳ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ଜରୁରୀକାଳୀନ ସେବାକୁ ସହଜ କରିବା ଲକ୍ଷ୍ୟରେ କୁରୁଣ୍ଟି ଏବଂ ଶିବପୁର-ଓଡ଼ପଡ଼ା ଗ୍ରାମରେ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ଏହାଦ୍ୱାରା ପ୍ରାୟ ୨,୦୦୦ ଜନସାଧାରଣ ଉପକୃତ ହେବେ। ସେହିପରି ରକଲା ଏବଂ ସରପା ଗ୍ରାମର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ ଓ ଛକଗୁଡ଼ିକରେ ହାଇମାଷ୍ଟ ଲାଇଟିଂ ଟାୱାର ପ୍ରତିଷ୍ଠା କରାଯାଇଛି। ଲୋକାର୍ପଣ ପରେ ସମସ୍ତ ଭିତ୍ତିଭୂମିର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଉକ୍ତ ପଞ୍ଚାୟତଗୁଡ଼ିକୁ ହସ୍ତାନ୍ତର କରାଯାଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ସ୍ଥାନୀୟ ଲୋକ ଏବଂ ଜନପ୍ରତିନିଧିଙ୍କ ସମନ୍ୱୟରେ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳର ଭିତ୍ତିଭୂମି ମଜବୁତ କରିବା ଦିଗରେ ଏହିଭଳି ନିରନ୍ତର ପ୍ରୟାସ ଜାରି ରହିବ।

# ରବିଧାନ ପଞ୍ଜିକରଣକୁ ନେଇ ଗର୍ଜିଲେ ମେଗାଲିଫ୍ଟ ଅଞ୍ଚଳର ଚାଷୀ

ଭବାନୀପାଟଣା,୧୯।୫(ନିପ୍ର): ଉଠା ଜଳସେଚନ ପ୍ରକଳ୍ପ (ମେଗାଲିଫ୍ଟ)ରୁ ଜଳସେଚନ ପରେ ଚଳିତ ବର୍ଷ କଳାହାଣ୍ଡି ଜିଲାର ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ପାଖାପାଖି ୧୮,୮୮୫ ହେକ୍ଟର ଚାଷଜମିରେ ରବିଚାଷ କରିଛନ୍ତି ୧୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ। ତେବେ ଧାନ ଫସଲ ବିକ୍ରି ପୋର୍ଟାଲ ପି ପାସରେ ଏହି ଅଞ୍ଚଳର ଚାଷୀଙ୍କ ପାଇଁ କୌଣସି ତଥ୍ୟ ଉପଲବ୍ଧ ନ ଥିବାରୁ ଧାର୍ଯ୍ୟ ସମୟରେ ସେମାନେ ଅନଲାଇନରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇଁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏପରି ସ୍ଥଳେ ଗତ ମାସେର ଊର୍ଦ୍ଧ୍ୱ ହେବ ମେଗାଲିଫ୍ଟ କୃଷକ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ,ସଚିବ ସ୍ତରର ଅଧିକାରୀଙ୍କୁ ଭେଟି ଚାଷି ପ୍ରତିନିଧି ଓ ବିଧାୟକମାନେ ପଞ୍ଜିକରଣ ଅବଧି ବୃଦ୍ଧି ପାଇଁ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ବି ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କ ଏହି ସମସ୍ୟାକୁ ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଗତ ୧୨ ଦିନ ଧରି କୋକସରାଠାରେ ଉପରୋକ୍ତ ୩ ବ୍ଲକର ଚାଷୀ ତଥା ମିଳିତ କୃଷକ ସଂଗଠନ ପକ୍ଷରୁ ଧାରଣା ଦେଇଥିଲେ। ତେବେ ଏଥିରେ ମଧ୍ୟ କୌଣସି ସୁଫଳ ନମିଳିବାରୁ ମଙ୍ଗଳବାର ଭବାନୀପାଟଣାରେ ଗର୍ଜିଛନ୍ତି ଚାଷୀ। କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

# ଯୁବକଙ୍କୁ ଆକ୍ରମଣ ଘଟଣା: ପ୍ରତିକ୍ରିୟା ରଖିଲେ ଏସ୍‌ପି

ବ୍ରହ୍ମପୁର, ୧୯/୫(ନିପ୍ର): ବ୍ରହ୍ମପୁରରେ ପୁଣି ବିଚ୍ ରାସ୍ତାରେ ଅମାନୁଷିକ ଆକ୍ରମଣ, ବିଚ୍ ରାସ୍ତାରେ ଯୁବକ ଓ ତାଙ୍କ ମହିଳା ବନ୍ଧୁଙ୍କୁ ଆକ୍ରମଣ । ଉମେଶ ରଥ ନାମକ ଜଣେ ଯୁବକ ଓ ତାଙ୍କ ମହିଳା ବନ୍ଧୁଙ୍କୁ ଅତି ନିର୍ମମ ଭାବେ ସର୍ବସମ୍ମୁଖରେ ହୋଇଛି ଆକ୍ରମଣ। ଯାହାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଉମେଶ ଗତ କିଛିଦିନ ଧରି ଏକ ମାମଲାରେ ଫେରାର ରହିଥିଲା, ନିକଟରେ ସେ ଆଗୁଆ ଜାମିନ ପାଇଥିଲେ,ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉମେଶକୁ ଦୁଇଭାଇ ଆକ୍ରମଣ କରୁଥିବା ଭିଡ଼ିଓରୁ ସ୍ପଷ୍ଟ ହୋଇଛି। ଆକ୍ରମଣକାରୀ ଦୁଇଜଣ ହେଲେ ହିଲପାଟଣାର ମୁକେଶ କୁମାର ସାହୁ ଓରଫ ମୁକେଶ ଓ ତାଙ୍କ ସାନ ଭାଇ ଲାଞ୍ଜିପଲ୍ଲୀର ଆଶିଷ କୁମାର ସାହୁ । ଆକ୍ରମଣରେ ଆହତ ହୋଇ ଉମେଶ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଖବରପାଇ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ଓଭର ବ୍ରିଜ ଉପରୁ ତଳକୁ ଠେଲି ହତ୍ୟା ଉଦ୍ୟମ ଘଟଣାରେ ସମ୍ପୃକ୍ତ ଦୀପୁନାକୁ ଏନକାଉଣ୍ଟର କରି ବାହାବା ନେଇଥିବା ବେଳେ ସର୍ବସାଧାରଣରେ ଜଣେ ମହିଳାଙ୍କ ସହିତ ଉମେଶଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଆଉ ଏକ ଏନକାଉଣ୍ଟର କରୁଛି ଅଥବା ରାଜନୈତିକ ଚାପରେ ଚୁପ ରହୁଛି ତାହା ଉପରେ ରହିଛି ସମସ୍ତଙ୍କ ନଜର। ତେବେ ଘଟଣାକୁ ଅତି ଗୁରୁତର ଭାବେ ନେଇଛନ୍ତି ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ। ଅପରାଧୀଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ ଗଠିତ ହୋଇଥିବା ସହ ଏଫଆଇଆର ଅନୁଯାୟୀ ୫ ଜଣ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ା ସର୍ବଣା ବିବେକ ଏମ ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dtd.19.05.2026, I , Balaram Upadhyaya S/o- Abhiram Upadhyaya At-Bagamara Shasan Road, Plot No.1753, House No.37, Geltua, Ps/Dist-Bhadrak, Odisha-756181 do hereby declare that I have changed my name from Upadhyaya Balaram to Balaram Upadhyaya. Henceforth I shall be known as Balaram Upadhyaya for all purposes.

**Sd/-Balaram Upadhyaya**

## ରାଜଧାନୀରେ ବସ୍ତି ଉଚ୍ଛେଦ ଅଭିଯାନ, ତାତିଲେ ମହିଳା

# କଟୁରି ଧରି ଅଧିକାରୀଙ୍କୁ ଗୋଡ଼ାଇଲେ





**ଭୁବନେଶ୍ୱର, ୧୯/୫(ନିପ୍ର):** ସରକାରୀ ଜମିରେ ଜବରଦଖଲ କରିଥିଲେ ସାବଧାନ। ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ଚଳାଇଛନ୍ତି ଅଭିଯାନ। ଭୁବନେଶ୍ୱର କଳାରାହାଙ୍ଗରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମିରେ ଗଢ଼ିଉଠିଥିବା ବସ୍ତିକୁ ଉଚ୍ଛେଦ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି ସେଣ୍ଟ୍ରାଲ ଏନ୍‌ଫୋର୍ସମେଣ୍ଟ ମନିଟରିଂ କମିଟି। ଅନ୍ୟପଟେ ଉଚ୍ଛେଦ ବେଳେ ମାରଣାସ୍ତ୍ର ଧରି ପ୍ରଶାସନକୁ ବିରୋଧ କରିଛନ୍ତି ବସ୍ତିବାସିନ୍ଦା। ରାଜଧାନୀ ଭୁବନେଶ୍ୱରରେ ଜୋର୍ ଧରିଛି ବସ୍ତି ଉଚ୍ଛେଦ ଅଭିଯାନ। ବେଆଇନ ନିର୍ମାଣକୁ ମାଟିରେ ମିଶାଉଛି ପ୍ରଶାସନ। କଳାରାହାଙ୍ଗ ରେଗେଡ଼ି ବସ୍ତିରେ ବେଆଇନ୍ ଭାବେ ନିର୍ମାଣାଧୀନ ଘର ଓ ଦୋକାନ ଭାଙ୍ଗୁଛି ପ୍ରଶାସନ। ଗୋଟିଏ ପଟେ ବୁଲ୍‌ଡୋଜର ଘର ଭାଙ୍ଗୁଛି ତ ଅନ୍ୟପଟେ ମହିଳାମାନେ ହାତରେ ଦା, କଟୁରି, ପନିକି ଓ ଠେଙ୍ଗା ଧରି ବିରୋଧ କରୁଛନ୍ତି। ଜବରଦଖଲ ଉଚ୍ଛେଦ ବେଳେ ଏଭଳି ପ୍ରତିବାଦ କରିଛନ୍ତି ମହିଳା। ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ବସ୍ତିବାସିନ୍ଦା ଦାବି କରିଛନ୍ତି। ଭୁବନେଶ୍ୱର କଳାରାହାଙ୍ଗରେ ଥିବା ୬ ଏକର ଗ୍ରାମ୍ୟ ଜଙ୍ଗଲ ଜମି ଉପରେ ବେଆଇନ ଭାବେ ଗଢ଼ିଉଠିଛି ରେଗେଡ଼ି ବସ୍ତି। କିଏ ଜବରଦଖଲ କରିଛି ତ ଆଉ କିଏ ଦଲାଲଠାରୁ କିଣିଛି ଜମି। ବସ୍ତିରେ ଭଡ଼ାରେ ରହୁଥିବା ତ୍ରିନାଥ ନାୟକ ସ୍ଥାନୀୟ ଅଞ୍ଚଳର ଜଣେ ଜମି ଦଲାଲଠାରୁ ୨ ଲକ୍ଷ ଟଙ୍କା ଦେଇ ଜମି କିଣିଥିଲେ। ସଞ୍ଚୟ କରିଥିବା ଟଙ୍କାରେ ଜମି କିଣିବା ସହ ଘର ବି ନିର୍ମାଣ କରିଥିଲେ। କିନ୍ତୁ ପ୍ରଶାସନର ବୁଲଡୋଜର ତ୍ରିନାଥଙ୍କ ଘରକୁ ମାଟିରେ ମିଶାଇଛି। ଭଙ୍ଗା ଘର ପାଖରେ ବସି ପ୍ରତିବାଦ କରିଛନ୍ତି ସ୍ୱାମୀ ସ୍ତ୍ରୀ। ଗ୍ରାମ୍ୟ ଜଙ୍ଗଲ ଜମି ଉପରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଜବରଦଖଲ କରି ରଖିଛନ୍ତି ଲୋକେ। ରାସ୍ତା ଉପରେ ବି ବ୍ୟାବସାୟିକ ପ୍ରତିଷ୍ଠାନ ଗଢ଼ିଉଠିଛି। ପ୍ରଥମ ପର୍ଯ୍ୟାୟରେ ଦୋକାନ ଘର ଭାଙ୍ଗିବା ସହ ପରବର୍ତ୍ତୀ ସମୟରେ ବାସସ୍ଥାନ ଭଙ୍ଗାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ କହିଛି। ଭୁବନେଶ୍ୱର ଶ୍ୟାମପୁର ବସ୍ତି ଉଚ୍ଛେଦ ବେଳେ ଜମି ଦଲାଲଙ୍କ କାରନାମା ନଜରକୁ ଆସିଥିଲା। ଆଉ ଏବେ କଳାରାହାଙ୍ଗରେ ବି ଜମି ଦଲାଲଙ୍କ କଥା ସାମ୍ନାକୁ ଆସିଛି। ସାଧାରଣରେ ପ୍ରଶ୍ନ ଉଠୁଛି, ସରକାରୀ ଜମିକୁ ମୋଟା ଅଙ୍କରେ ବିକ୍ରି କରୁଥିବା ଦଲାଲଙ୍କ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ତ ?

# ୨ ନୂତନ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବାର ଶୁଭାରମ୍ଭ

ଭୁବନେଶ୍ୱର, ୧୯/ ୫(ନିପ୍ର): ଚଳିତ ଗ୍ରୀଷ୍ମଋତୁ ସମୟରେ ଯାତ୍ରୀମାନଙ୍କର ଚାହିଦାକୁ ପୂରଣ କରିବା ପାଇଁ, ଭାରତୀୟ ରେଳବାଇ ପାଟନା ଜଙ୍କସନ ଏବଂ ଖୋର୍ଦ୍ଧା ରୋଡ଼ ମଧ୍ୟରେ ଚାଲୁଥିବା ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବାର ଅବଧି ବୃଦ୍ଧି ଏବଂ ବୀରାଙ୍ଗନା ଲକ୍ଷ୍ମୀବାଇ ଝାନ୍ସି ଓ ଖୋର୍ଦ୍ଧା ରୋଡ଼ ମଧ୍ୟରେ ଏକ ନୂତନ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବା ଆରମ୍ଭ କରିବାକୁ ଘୋଷଣା କରିଛି । ଯାତ୍ରୀମାନଙ୍କର କ୍ରମାଗତ ଚାହିଦାକୁ ଦୃଷ୍ଟିରେ ରଖି ପାଟନା ଜଙ୍କସନ ଏବଂ ଖୋର୍ଦ୍ଧା ରୋଡ଼ ମଧ୍ୟରେ ଚାଲୁଥିବା ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସେବାର ଅବଧି ବୃଦ୍ଧି କରାଯାଇଛି: ଟ୍ରେନ୍ ନଂ ୦୩୨୩୦ ପାଟନା ଜଙ୍କସନ – ଖୋର୍ଦ୍ଧା ରୋଡ଼ ସାପ୍ତାହିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ୨୫ ଜୁନ୍, ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**ANANDAPUR BARRAGE DIVISION, SALAPADA.**
**(E-Mail Id: eeabd.anandapur@gmail.com)**
**E-procurement Notice No. SEABD-02 of 2026-27**

32001/244/2627

| E-Procurement officer | Name of the work | Bid Id No. | Tender cost in Lakh (Appx.) | EMD (Online) | Cost of Bid Document (Online) | Class of Contractor | Period of Completion | Availability of tender online for bidding | | Date of opening |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer, Anandapur Barrage Division, Salapada | Installation of Air conditioners in the office of Superintending Engineer, Anandapur Barrage Division, Salapada. | ABP-ABD-02 of 2026-27 | 2.45 | 2500/- | 2000/- | Any registered firm/ Supplier/ Dealer/ Distributer | 7 (seven) days | 21.05.2026 9.00 A.M | 28.05.2026 9.00 A.M | 28.05.2026 10.00 A.M |

Further details can be seen from the Govt. website www.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only.

Sd/-
Superintending Engineer,
Anandapur Barrage Division,
Salapada.

OIPR 32001/32177/1/26-27/0003

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ